ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 03 ♦ CUTTACK ♦ WEEKLY ♦ 19 TO 25- - JANUARY 2026♦ 8 PAGE ♦ RATE- 5/- ■ ବର୍ଷ - ୦୬ ♦ ସଂଖ୍ୟା - ୦୩ ♦ କଟକ♦ ସାପ୍ତାହିକ ♦୧୯ ରୁ ୨୫- ଜାନୁଆରୀ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ମହାନଦୀ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଦ୍ୱିତୀୟ ବୈଠକ

# ସମାଧାନ ପାଇଁ ଛତିଶଗଡ଼ ଯିବ ଓଡ଼ିଶା ଟିମ୍



ଭୁବନେଶ୍ୱର(ଏନ୍.ଏମ୍.) : ମହାନଦୀ ଜଳ ବିବାଦକୁ ନେଇ ବର୍ଷ ବର୍ଷ ହୋଇଛି ଆଲୋଚନା ହେଲେ ଏଯାଏଁ ସମାଧାନର ବାଟ ବାହାରିନି । ଏହାଭିତରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ରାଜୀବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଆଇନଗତ ଲଢେଇ ଭିତରେ ଏବେ ଆପୋଷ ଆଲୋଚନାକୁ ଅସ୍ତ୍ର କରିଛି ଓଡ଼ିଶା । ଟ୍ରିପଲ ଇଞ୍ଜିନ ସରକାର ଥିବାରୁ ଛତିଶଗଡ ସହ ଓଡ଼ିଶାର ଆଲୋଚନା ପାଇଁ ଧାର୍ଯ୍ୟ ହୋଇଛି ତାରିଖ । ହେଲେ ଏଯାଏଁ ସୁଧୁରୁନି ଛତିଶଗଡ । କଲମା ବ୍ୟାରେଜ ତଳେ ବାଲି ବନ୍ଧ ବାନ୍ଧି ଓଡ଼ିଶାକୁ ଆସୁଥିବା ପାଣିକୁ ଶୋଷି ନେଉଛି । ଏସବୁ ଭିତରେ ଛତିଶଗଡ ସହ ଆଲୋଚନା କେତେ ଫଳପ୍ରଦ ହେବ ତାକୁ ଅପେକ୍ଷା । ଛତିଶଗଡର ମନମାନି ଭିତରେ ଓଡ଼ିଶାର ଜୀବନରେଖା ମହାନଦୀ ମୃତ୍ୟୁ ସହ ସଂଗ୍ରାମ କରୁଛି । ଏ ହେଉଛି ତାର ଆଖିଦେଖା ପ୍ରମାଣ । ଉପରମୁଣ୍ଡରେ ବ୍ୟାରେଜ କରି ମହାନଦୀର ତଣ୍ଟି ଚିପି ଦେଇଛି ଛତିଶଗଡ । ବାରମ୍ବାର କନକ ନ୍ୟୁଜରେ ଏନେଇ ଖବର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ଅପରେସନ ସିନ୍ଦୂରରେ ଧ୍ୱଂସ ହୋଇଥିଲା ଆତଙ୍କୀ ସଙ୍ଗଠନ

# ସ୍ୱୀକାର କଲା ଆତଙ୍କୀ ହାଫିଜ୍ ଅବଦୁର



ନୂଆଦିଲ୍ଲୀ (ଏଜେନ୍ସି) : ଲସ୍କର-ଏ-ତୋଏବା (ଏଲଇଟି)ର ଶୀର୍ଷ କମାଣ୍ଡର ହାଫିଜ୍ ଅବଦୁର ରୌଫ ସ୍ୱୀକାର କରିଛି ଯେ ୨୨ ଏପ୍ରିଲରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ୬ ଏବଂ ୭ ମଇରେ କରିଥିବା ଅପରେସନ ସିନ୍ଦୂର ଆକ୍ରମଣରେ ମୁରିଦକେରେ ଆତଙ୍କବାଦୀ ସଂଗଠନର ମୁଖ୍ୟାଳୟ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା । ସମ୍ପ୍ରତି ଏକ ସମାବେଶକୁ ସମ୍ବୋଧିତ କରି ରୌଫ ଅପରେସନ ସିନ୍ଦୁରକୁ ଏକ "ବଡ଼ ଆକ୍ରମଣ" ବୋଲି କହିଥିଲା । ଏହା ପାକିସ୍ତାନ ସରକାରଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା କିନ୍ତୁ ସେମାନେ କୌଣସି ପ୍ରକାରେ ରକ୍ଷା ପାଇଥିଲେ । ଏ ସମ୍ପର୍କରେ ରୌଫର ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଛି । "ମୁରିଦକେରେ ମେ ୬ ଏବଂ ୭ ତାରିଖରେ ମସଜିଦକୁ ଟାର୍ଗେଟ କରି ଭାଙ୍ଗି ଦିଆଯାଇଥିଲା । ଏହା ଏକ ବଡ଼ ଆକ୍ରମଣ ଥିଲା, କିନ୍ତୁ ଆଲ୍ଲା ଆମକୁ ରକ୍ଷା କରିଥିଲେ । ପିଲାମାନେ ଏଠାରେ ଉପସ୍ଥିତ ନଥିଲେ । ସେମାନେ ଏଠାରେ ରହିବାକୁ ଚାହୁଁଥିଲେ, କିନ୍ତୁ ଆମର ଶୁଭେଚ୍ଛୁମାନେ ସେମାନଙ୍କୁ ପରିସ୍ଥିତି ବିଷୟରେ ଅବଗତ ଥିବାରୁ ସେଠାରୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ," ଭିଡିଓରେ ରୌଫ ଏହା କହୁଥିବା ଶୁଣାଯାଉଛି । "ମୋଦୀ କହିଥିଲେ ଯେ ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରାଯାଇଥିଲା, କିନ୍ତୁ ବାସ୍ତବରେ ପାକିସ୍ତାନ ଉପରେ ଆକ୍ରମଣ କରାଯାଇଥିଲା ।" ରୌଫ କହିଛି । ସୂଚନାଯୋଗ୍ୟ, ଗତ ବର୍ଷ ଏପ୍ରିଲ୍ ୨୨ ତାରିଖରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍ଏଫ୍) ଦ୍ୱାରା ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଲୋକ, ଅଧିକାଂଶ ପର୍ଯ୍ୟଟକ ପ୍ରାଣ ହରାଇଥିଲେ । ଏହାର ଜବାବରେ, ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା ଏବଂ ପାକିସ୍ତାନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଆସନ୍ତା ବର୍ଷ ଜାନୁଆରୀ, ଫେବ୍ରୁଆରୀରେ ପଞ୍ଚାୟତ ଓ ପୌର ନିର୍ବାଚନ



ଭୁବନେଶ୍ୱର(ଏନ୍.ଏମ୍.) : ରାଜ୍ୟରେ ୨୦୨୭ ମସିହାରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । କଟକସ୍ଥିତ କେନ୍ଦ୍ରାଞ୍ଚଳ ଆୟୁକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଆରଡିସି ସ୍ତରୀୟ ପ୍ରାକ୍ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୨୦୨୭ ରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ଏବଂ ନିର୍ବାଚନ ଜନିତ ଅନ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ରେଞ୍ଜ ଅନ୍ତର୍ଗତ ୧୦ଟି ଜିଲ୍ଲାର ଜିଲ୍ଲାପାଳ,ପୌର କମିଶନର,

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ସରକାରୀ ମିଟରରୁ ଭଡ଼ା ଆଦାୟ ବେଆଇନ: କ୍ରାଇମବ୍ରାଞ୍ଚ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କଲା ଉପଭୋକ୍ତା ମହାସଂଘ



**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି । ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ନୋଟିସ୍ ସହିତ ଘରେ ସ୍ମାର୍ଟମିଟର ଜୋରଜବରଦସ୍ତି ବସାଯାଉଛି । ଗରିବ ଲୋକଙ୍କ ଘରେ ସରକାରୀ ମିଟର ବସାଯାଇଥିବା ବେଳେ ବେଆଇନ ଭାବେ ୩୦୦ ଟଙ୍କା ଆଦାୟ କରାଯାଇଛି । କେବଳ ସୌଭାଗ୍ୟ ଓ ଆଇପିଡିଏସ୍ ଯୋଜନାରେ ୨୦୨୦ମସିହାରୁ ଟାଟା ପାୱାରର ଚାରୋଟି ବିଦ୍ୟୁତ୍ ବିତରଣ କମ୍ପାନି ବେଆଇନ ଭାବେ ମିଟର ଭଡ଼ା ଆଦାୟ କରିଚାଲିଛି । ଏ ସଂକ୍ରାନ୍ତରେ ଉପଭୋକ୍ତା ମହାସଂଘ ବାରମ୍ବାର ଓଇଆର୍ସିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଟିପିସିଓଡିଏଲ୍ ଯେଉଁ ତଥ୍ୟ ପ୍ରଦାନ କରିଛି ସେଥିରେ ଏପ୍ରିଲ ୨୦୨୪ ଠାରୁ ସେମାନେ ଆଉ ମିଟର ଭଡ଼ା ଆଦାୟ କରି ନାହାନ୍ତି । ମାର୍ଚ୍ଚ ୨୦୨୪ ସୁଦ୍ଧା ୧୮କୋଟି ୬୮ଲକ୍ଷ ଟଙ୍କା ଆଦାୟ କରିଛନ୍ତି ବୋଲି ସ୍ୱୀକାର କରିଛନ୍ତି । ଆଇପିଡିଏସ୍ ମିଟରରୁ ୨୦୦୧୯୫ଜଣ ଉପଭୋକ୍ତାଙ୍କଠାରୁ ୧୧କୋଟି ୫୫ଲକ୍ଷ ଟଙ୍କା ଆଦାୟ କରିଛନ୍ତି । ସୌଭାଗ୍ୟ ଯୋଜନାର ୧୭୫୧୮୮ ଉପଭୋକ୍ତାଙ୍କଠାରୁ ୭କୋଟି ୧୩ଲକ୍ଷ ଟଙ୍କା ମିଟର ଭଡ଼ା ଆଦାୟ କରିଛନ୍ତି । କେବଳ ଟିପିସିଓଡିଏଲ୍ ଯଦି ଏତିକି ଆଦାୟ ହୋଇଛି ତେବେ ଦୀନଦୟାଲ ଯୋଜନା, ରାଜୀବଜ୍ୟୋତି, ବିଜୁଜ୍ୟୋତି ଭଳି ଅନେକ ସରକାରୀ ଯୋଜନାରେ ଟିପିଏନ୍ଓଡିଏଲ୍, ଟିପିଏସ୍ଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଭଳି ତିନୋଟି କମ୍ପାନି ପ୍ରାୟ ୩୦୦କୋଟି ଟଙ୍କା ହରିଲୁଟ କରିଛନ୍ତି କ୍ଷ ଓଇଆର୍ସି ମଧ୍ୟ ତିନିଟି ଯାକ ବିତରଣ କମ୍ପାନି ସହ ଓପିଟିସିଏଲ୍କୁ ସମୁଦାୟ କେତେ ମିଟର ଲାଗିଛି ତଥ୍ୟ ପେଠ ପାଇଁ ତାଗିଦ କରିଛନ୍ତି । ଇଂରାଜୀରେ ବିଲ୍ ଛାପି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ପ୍ରଥମ ବନ୍ଦେ ଭାରତ ସ୍ଲିପର ସେବା ଆରମ୍ଭ



**୨୦୪୭ ସୁଦ୍ଧା ୪,୫୦୦ ବନ୍ଦେ ଭାରତ ଚାଲିବ**

**ନୂଆଦିଲ୍ଲୀ (ଏଜେନ୍ସି) :** ଟ୍ରାକରେ ଦୌଡ଼ିଲା ବନ୍ଦେ ଭାରତ ସ୍ଲିପର କୋଚ । ହାଓ୍ୱାଡା ଗୌହାଟୀ ଭିତରେ ଏହାର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଇଣ୍ଡିଆନ ରେଲୱେ ର ସ୍ୱଦେଶୀ ଜ୍ଞାନକୌଶଳର ନିର୍ମିତ ଏହି ଟ୍ରେନ ଘଣ୍ଟା ପ୍ରତି ୧୮୦ କିମି ସ୍ପିଡରେ ଦୌଡ଼ିବ । ପ୍ରାୟ ୮୨୩ ଜଣ ଯାତ୍ରୀ ଯାଇପାରିବେ । ଏଥିରେ ଆରାମଦାୟକ ବର୍ଥ, ଅଟୋମେଟିକ ଡୋର , କବର୍ଡ ସୁରକ୍ଷା ସିଷ୍ଟମ, ସିସିଟିଭି ଏବଂ ସ୍ୱଚ୍ଛତା ଭଳି ସୁବିଧା ପାଇବେ ଯାତ୍ରୀମାନେ । ବନ୍ଦେ ଭାରତ ସ୍ଲିପର କୋଚରେ ରହିବନି ୱେଟିଂ ଲିଷ୍ଟ ବା କ୍ୟୁଆରସି କିମ୍ବା ଯାତ୍ରୀଙ୍କୁ କେବଳ କନଫର୍ମ ଟିକଟ ମିଳିବ । ଏହି ସେବାଗୁଡ଼ିକ ନ୍ୟୁ ଜଲପାଇଗୁଡ଼ିକୁ ନାଗରକୋଇଲ୍ ଏବଂ ତିରୁଚିରାପାଲି ସହିତ ଏବଂ ଆଲିପୁରଦୁଆରକୁ ଏସ୍ଏମ୍ଭିଟି ବେଙ୍ଗାଲୁରୁ ଏବଂ ମୁମ୍ବାଇ (ପାନଭେଲ) ସହିତ ସଂଯୋଗ କରିବ । ଠିକ୍ ସେହିପରି ଭାରତୀୟ ରେଳବାଇରେ ଏବେ ଏକ ଐତିହାସିକ ପରିବର୍ତ୍ତନ ହେବାକୁ ଯାଉଛି ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଟ୍ରମ୍ପଙ୍କ ଗାଜା ଶାନ୍ତି ବୋର୍ଡ଼ରେ ସାମିଲ ହେବା ପାଇଁ ଭାରତକୁ ନିମନ୍ତ୍ରଣ

**ନୂଆଦିଲ୍ଲୀ (ଏଜେନ୍ସି) :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ କରୁଥିବା ବେଳେ ସେଠାରେ ଶାସନ ବ୍ୟବସ୍ଥା ଓ ପୁନଃନିର୍ମାଣ କାର୍ଯ୍ୟର ତଦାରଖ ପାଇଁ ଏକ ଶାନ୍ତି ବୋର୍ଡ଼ ଗଠନ କରିଛନ୍ତି । ଗାଜା ଶାନ୍ତି ବୋର୍ଡ଼ରେ ସାମିଲ ହେବାକୁ ଟ୍ରମ୍ପ ଭାରତକୁ ନିମନ୍ତ୍ରଣ କରିଛନ୍ତି । ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି, ଗାଜା ପାଇଁ ଏକ ମୁଖ୍ୟ ବୋର୍ଡ଼ ରହିବ, ଯାହାର ଅଧ୍ୟକ୍ଷତା ଟ୍ରମ୍ପ ନିଜେ କରିବେ । ଏଥିରେ ଯୁଦ୍ଧଗ୍ରସ୍ତ ଅଞ୍ଚଳକୁ ଶାସନ କରିବା ପାଇଁ ପାଲେଷ୍ଟାଇନ ବେ ?ଷୟିକ ବିଶେଷଜ୍ଞମାନଙ୍କର ଏକ କମିଟି ସାମିଲ ହେବ । ଦ୍ୱିତୀୟ କାର୍ଯ୍ୟକାରୀ ବୋର୍ଡ ପରାମର୍ଶଦାତା ଭୂମିକା ଗ୍ରହଣ କରିବ । ପାକିସ୍ତାନ ମଧ୍ୟ କହିଛି ଯେ, ଗାଜା ଶାନ୍ତି ବୋର୍ଡ଼ରେ ସାମିଲ ହେବାକୁ ତାକୁ ନିମନ୍ତ୍ରଣ ମିଳିଛି । ତେବେ ଭାରତର ଉଭୟ ଇସ୍ରାଏଲ ଓ ପାଲେଷ୍ଟାଇନ ସହିତ ଐତିହାସିକ ସମ୍ପର୍କ ରହିଥିବାବେଳେ ଏହା ଦୁଇ ଦେଶପାଇଁ ଗ୍ରହଣୀୟ । ଭାରତ ପ୍ରଥମ ଦେଶ ଭାବେ ଇଜିପ୍ଟ ମାଧ୍ୟମରେ ପାଲେଷ୍ଟାଇନକୁ ମାନବୀୟ ସହାୟତା ଯୋଗାଇ ଥିଲା ।



# ଓଡ଼ିଶାରେ ସରିଲା ପକ୍ଷୀ ଗଣନା: ଚିଲିକାରେ ୧୧ ଲକ୍ଷ ୩୨ହଜାର ପକ୍ଷୀ, ଚିଲିକାରେ ଚିହ୍ନଟ ହେଲେ ଦୁଇଟି ନୂଆ ପ୍ରଜାତି



**ଭୁବନେଶ୍ୱର/ବାଲୁଗାଁ (ଏନ୍.ଏମ୍.) :** ଓଡ଼ିଶାରେ ବାର୍ଷିକ ଶୀତକାଳୀନ ପକ୍ଷୀ ଗଣନା ଆଜି ଅନୁଷ୍ଠିତ ହୋଇଯାଇଛି । ଚିଲିକା, ଭିତରକନିକା, ହୀରାକୁଦ, ଅଂଶୁପା ପରି ପ୍ରମୁଖ ଆର୍ଦ୍ରଭୂମି ସମେତ ସମସ୍ତ ୫୧ଟି ବନଖଣ୍ଡରେ ଥିବା ଜଳାଶୟଗୁଡ଼ିକରେ ଜଳଚର ପକ୍ଷୀଙ୍କର ଗଣନା ହୋଇଥିଲା । ସକାଳ ୬ଟାରୁ ଆରମ୍ଭ ହୋଇଥିବା ପକ୍ଷୀ ଗଣନା ମଧ୍ୟାହ୍ନ ୧୨ଟାରେ ଶେଷ ହୋଇଥିଲା । ପୂର୍ବରୁ ବନଖଣ୍ଡଗୁଡ଼ିକରେ ଭିନ୍ନଭିନ୍ନ ତାରିଖରେ ପକ୍ଷୀ ଗଣନା ହେଉଥିବା ବେଳେ ଏବେ ଗୋଟିଏ ତାରିଖରେ ସାରା ରାଜ୍ୟରେ ଅନୁଷ୍ଠିତ ହେଉଛି । ଖୁସିର ବିଷୟ ହେଉଛି ଯେ ଗତବର୍ଷ ତୁଳନାରେ ଏଥର ଚିଲିକାକୁ ସର୍ବାଧିକ ପକ୍ଷୀ ଆସିଛନ୍ତି । ଏବର୍ଷ ୧୯୬ ପ୍ରଜାତିର ୧୧ଲକ୍ଷ ୩୨ହଜାର ୨୦୦ ପକ୍ଷୀ ଚିଲିକାରେ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ୧୦୬ ପ୍ରଜାତିର ୧୧ଲକ୍ଷ ୧୦ହଜାର ୨୫୭ ବିଦେଶାଗତ ପକ୍ଷୀ ଏବଂ ୯୦ ପ୍ରଜାତିର ୨୧ହଜାର ୯୪୩ଟି ସ୍ଥାନୀୟ ପକ୍ଷୀ ରହିଛନ୍ତି । ପ୍ଲେନ୍ ମାର୍ଟିନ୍ ଓ ବେଙ୍ଗଲ୍ ବୁସ୍ ଲାର୍କ ପ୍ରଜାତିର ନୂତନ ପକ୍ଷୀ ପ୍ରଥମ ଥର ପାଇଁ ଚିଲିକାରେ ଦୃଶ୍ୟମାନ ହୋଇଥିବା ପ୍ରଧାନ ମୁଖ୍ୟ ବନସଂରକ୍ଷକ(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ୍ କୁମାର ଝା ସୂଚନା ଦେଇଛନ୍ତି । ଚିଲିକାର ନଳବଣରେ ପକ୍ଷୀଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ବୃଦ୍ଧି ପାଇଛି । ଏବର୍ଷ ନଳବଣକୁ ୩ଲକ୍ଷ ୯୭ ହଜାର ୫୮୭ଟି ପକ୍ଷୀ ଆସିଛନ୍ତି, ଯାହାକି ଗତବର୍ଷ ତୁଳନାରେ ୫୪ହଜାର ୩୬୨ ଅଧିକ । ୨୦୨୫ରେ ଚିଲିକାକୁ ୧୧ଲକ୍ଷ ୨୭ହଜାର ୨୨୮ ପକ୍ଷୀ ଆସିଥିଲେ । ଅର୍ଥାତ୍ ଗତବର୍ଷ ତୁଳନାରେ ଏଥର ୪,୯୭୨ ସଂଖ୍ୟକ ଅଧିକ ପକ୍ଷୀ ରହିଛନ୍ତି । ନର୍ଦନ ପିଣ୍ଟେଲ୍ ପ୍ରଜାତିର ସର୍ବାଧିକ ୨ଲକ୍ଷ ୧୮ହଜାର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ଯୁବ-ଛାତ୍ର ବିଜେଡିର ସାମ୍ବାଦିକ ସମ୍ମିଳନୀ

# ମୁଖ୍ୟମନ୍ତ୍ରୀ ମଣ୍ଡି ପରିଦର୍ଶନ କରନ୍ତୁ

**ଭବାନୀପାଟଣା(ଏନ୍.ଏମ୍.) :** କଳାହାଣ୍ଡି ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁଆରୀ ୧୮ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଗସ୍ତ କରି ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରାରେ ମୁଖ୍ୟଅତିଥି ଭାବରେ ଯୋଗ ଦେବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଭବାନୀପାଟଣା ଓ ଧର୍ମଗଡ ସବଡିଭିଜନର ଅନ୍ତତଃ ଦୁଇଟି ଧାନ ମଣ୍ଡିକୁ ନିଜେ ଅଚାନକ ପରିଦର୍ଶନ କରି ସେଠାକାର ଚାଷୀଙ୍କ ସହ ଆଲୋଚନା କରିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦାବି ହୋଇଛି । ଜିଲ୍ଲା ପ୍ରଶାସନ ଚାଲବାଜି ନକରି ମୁଖ୍ୟମନ୍ତ୍ରୀଙ୍କୁ ମଣ୍ଡି ପରିଦର୍ଶନ କରାଇବା ସହ ପ୍ରକୃତ ଚାଷୀଙ୍କ ସହ ଆଲୋଚନା କରାଇଲେ ହିଁ ଚାଷୀଙ୍କ ପ୍ରକୃତ ଦୁଃଖ ମୁଖ୍ୟମନ୍ତ୍ରୀ ବୁଝିପାରିବେ ବୋଲି କୁହାଯାଇଛି । କଳାହାଣ୍ଡିର ପରମ୍ପରା, ସଂସ୍କୃତିକୁ ଆଗକୁ ନେବା ପାଇଁ କଳାହାଣ୍ଡି ଜିଲ୍ଲାର ଅନ୍ନଦାତା ତଥା ଚାଷୀ ପରିବାରର ପ୍ରମୁଖ ଭୂମିକା ରହିଛି । ଏଣୁ ମୁଖ୍ୟମନ୍ତ୍ରୀ ମଣ୍ଡିକୁ ଯାଇ ନିଜେ ଜମିନ ସ୍ତରର ସ୍ଥିତି ପରଖନ୍ତୁ ଏବଂ ସମାଧାନ କରନ୍ତୁ ବୋଲି ଯୁବ ବିଜେଡି ନେତା ଅବିନାଶ ଠାକୁର କହିଛନ୍ତି ।




ଚାଷୀଙ୍କ ଉପାର୍ଜିତ ଚାଷୀଙ୍କ ଉପାର୍ଜିତ କୁଇଣ୍ଟାଲ କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ଏବେବି ପଡ଼ିରହିଛି । କାହାକୁ ଟୋକନ ମିଳିନି ତ କାହାର ପୁଣି ଟୋକନ ଲେପ୍ସ । ଟୋକନ୍ ଲେପ୍ସ ଭୟରେ ଚାଷୀ ମିଲର୍ସ ମାନଙ୍କୁ ସିଧାସଳଖ କମ୍ ରେଟରେ ଧାନ ଦେବା ଆରମ୍ଭ କଲେଣି । ଧାନର ଅଭାବୀ ବିକ୍ରି ଆହୁରି ଉତ୍କଟ ସ୍ଥିତିର ପ୍ରମାଣ ଦେଉଛି । ଅନ୍ୟପଟେ କଟନି ଛଟନୀରେ ୮କେଜି ପର୍ଯ୍ୟନ୍ତ ଧାନ କାଟୁଥିବା ବେଳେ ମାତ୍ର ୪୦୦ ଗ୍ରାମର ବସ୍ତାକୁ ୧ କେଜି ଓଜନ ପକାଯାଇ ଚାଷୀଙ୍କୁ ଲୁଟ୍ କରାଯାଉଛି । କଳାହାଣ୍ଡି ଜିଲ୍ଲାରେ ଏବେ ସୁଦ୍ଧା ୫୪ ଲକ୍ଷ କୁଇଣ୍ଟାଲ ଧାନ ଟାର୍ଗେଟ ଥିବାବେଳେ ପ୍ରାୟ ୩୨ ଲକ୍ଷ କୁଇଣ୍ଟାଲ ଧାନ ଏପର୍ଯ୍ୟନ୍ତ ଉଠିପାରିଛି । ଖରିଫରେ ଅନ୍ତତଃ ୭୦ଲକ୍ଷ କୁଇଣ୍ଟାଲ ଧାନ ଉଠିବା କଥା । ଏପଟେ ରାଜ୍ୟ ସରକାର ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାସହ ସବସିଡି ଟଙ୍କା ଦେବୁ ବୋଲି କହିଥିବା ପ୍ରତିଶ୍ରୁତି ଆଜି ପାଣିର ଗାର ଭଳି ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି । ଏଣୁ ଚାଷୀ କୂଳର ସାମୁହିକ ହୀତ ପାଇଁ ସରକାର ୧୫୦ କୁଇଣ୍ଟାଲରୁ ଅଧିକ ଧାନ ଉପାର୍ଜନ କରିଥିବା ଚାଷୀ ମାନଙ୍କୁ ଇନପୁଟ୍ ସବସିଡି ପାଇବାରୁ ବଞ୍ଚିତ ନ କରନ୍ତୁ ବୋଲି ଯୁବ -ଛାତ୍ର ବିଜେଡି ତରଫରୁ ଦାବି କରାଯାଇଛି । ଏପରିକି ବର୍ଦ୍ଧିତ ଏମଏସପି ୬୯ ଟଙ୍କା ମଧ୍ୟ ଆଜି ଚାଷୀ ପାଇବାରୁ ବଞ୍ଚିତ ହେଉଛି । ୨୩୬୯ ଟଙ୍କା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ ଥିବା ବେଳେ ଇନପୁଟ୍ ସବସିଡିକୁ ମିଶାଇ ଚାଷୀଙ୍କୁ ୩୧୦୦ଟଙ୍କା ଦିଆଯାଉଛି । ସେହିଭଳି, ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲର ପ୍ରାୟ ୬୩୦ କୋଟି ଟଙ୍କାର ବ୍ୟୟ ଅଟକଳରେ ପ୍ରସ୍ତୁତ ପ୍ରସ୍ତାବିତ ପ୍ରକଳ୍ପର ଡିପିଆର ବୈଷୟିକ କମିଟି ରେ ପଡ଼ିରହିଛି । ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଆହୁରି ପ୍ରକଳ୍ପରେ ବିଳମ୍ବ ହେଉଛି । ତେଣୁ ରାଜ୍ୟ ସରକାର ତୁରନ୍ତ ଏହାର ସମାଧାନ କରି ପ୍ରକଳ୍ପ ଆରମ୍ଭ ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ତଥା ଯୁବନେତା ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପ ସଭାପତି ମନିନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ନିଳାମ୍ବର ସାହୁ , ଯୁବନେତା ସେନାପତି ନାଏକ, ସାମନ୍ତ ଖମାରୀ, କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ଦିନେଶ ବଗର୍ତ୍ତି, ରାଜୀବ ଲୋଚନ ଶତପଥୀ, ମହେନ୍ଦ୍ର ରାଉତ, ନବୀନ ନାୟକ, ପିତବାସ ବେହେରା ପ୍ରମୁଖ ଯୋଗଦେଇଥିଲେ ।

### ବ୍ୟୟ ଅଟକଳକୁ ନେଇ ମାନସ ମନ୍ଥନ

# ରାଜ୍ୟ ସରକାରଙ୍କ ବଜେଟ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର(ଏନ୍.ଏମ୍.) :** ବଜେଟ ପାଇଁ ମାନସ ମନ୍ଥନ । ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ । ବଜେଟ ଖର୍ଚ୍ଚ ନେଇ ବିଜେଡି ଉଠାଇଲା ପ୍ରଶ୍ନ । ଅର୍ଥ ଖର୍ଚ୍ଚକୁ ନେଇ କଂଗ୍ରେସ-ବିଜେପି ମୁହାଁମୁହିଁ । ୨୦୨୬-୨୭ ବାର୍ଷିକ ବଜେଟକୁ ନେଇ ରାଜ୍ୟ ସରକାର ଜୋରଦାର କରିଛନ୍ତି ମାନସ ମନ୍ଥନ । ଏଥିଲାଗି ୧୭ ଓ ୧୯ ତାରିଖ ଦୁଇ ଦିନ ଧରି ସବୁ ବିଭାଗର ବ୍ୟୟ ଅଟକଳକୁ ନେଇ ଆଲୋଚନା ହେବ । ନିଜ ନିଜ ବିଭାଗର ବଜେଟ ଆକାର ସହ ଖର୍ଚ୍ଚକୁ ନେଇ ବୈଠକରେ ଆଲୋଚନା ହେବା ସହ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯିବ । ଏନେଇ ଯୋଜନା ଓ ସଂଯୋଜନା ବିଭାଗ ଅଣ୍ଟା ଭିଡ଼ିଛି । ବଡ ବଜେଟକୁ ନେଇ ସରକାର ଯୋଜନା କରୁଥିବା ବେଳେ ବିରୋଧୀ ଖର୍ଚ୍ଚର ହିସାବ ମାଗିଛନ୍ତି । ବିଜେଡି ବିଧାୟକ ସାରଦା ଜେନା ଅଭିଯୋଗ କରିଛନ୍ତି ବଜେଟ ଅର୍ଥ ଖର୍ଚ୍ଚ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ । ନିର୍ଦ୍ଧାରିତ ସମୟରେ ସରକାର ଟଙ୍କା ଖର୍ଚ୍ଚ କରିପାରୁନାହାଁନ୍ତି । ଯେଉଁଥିପାଇଁ ସବୁ ଜିଲ୍ଲାରେ ବିକାଶ କାମ ଠପ ହୋଇଯାଇଛି । ମାର୍ଚ୍ଚ ସୁଦ୍ଧା ମୂଳ ବଜେଟ ସହ ଅତିରିକ୍ତ ବଜେଟ ଅର୍ଥ ଖର୍ଚ୍ଚ କରିବା ନେଇ ସନ୍ଦେହ ରହିଛି । ତେଣୁ ସରକାର ବଜେଟ ଅର୍ଥ କିପରି ଖର୍ଚ୍ଚ ହେବ ସେ ଚିନ୍ତା ପ୍ରଥମେ କରନ୍ତୁ ବୋଲି ବିଜେଡି ପରାମର୍ଶ ଦେଇଛି ।

୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୨୦୨୫-୨୬ ପାଇଁ ରାଜ୍ୟ ସରକାର ବଜେଟ ଆକାରରେ ୯.୪ ପ୍ରତିଶତ ବୃଦ୍ଧି କରିଥିଲେ । ୨୦୨୪-୨୫ରେ ୨ଲକ୍ଷ ୬୫ ହଜାର କୋଟିର ବଜେଟ ପ୍ରସ୍ତୁତ ହୋଇଥିଲା । ୨୦୨୫-୨୬ରେ ବଜେଟ ଆକାର ୨ଲକ୍ଷ ୯୦ ହଜାର କୋଟିକୁ ବଢିଥିଲା । ଏଥିସହିତ ୨୦୨୫ ଡିସେମ୍ବରରେ ସରକାର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ନବାଗତଙ୍କ ପାଇଁ ଶୁଭଙ୍କର ହେବ ୨୦୨୬



କଟକ(ଏନ୍.ଏମ୍.): ୨୦୨୬ ନବାଗତଙ୍କ ଲାଗି ପ୍ରତିଶ୍ରୁତିର ବର୍ଷ ହେବ। ପ୍ରାରମ୍ଭିକ ଆକଳନ ଅନୁସାରେ ଏଥର ବହୁ ନୂଆ ଅଭିନେତାଅଭିନେତ୍ରୀ ବଡ଼ ପରଦାରେ ନାୟକନାୟିକା ଭାବେ ପଦାର୍ପଣ କରିବେ। ନାୟକ ଭୂମିକାରେ ବଡ଼ ପରଦାରେ ସାର୍ଥକ, ପ୍ରେମ, ଶୁଭେନ୍ଦୁ, ଶୁଭାଂଶୁ, ସୁବାସ ଓ ଶୁଭମ୍‌ଙ୍କୁ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଏ ବର୍ଷ ସାର୍ଥକଙ୍କ ଏକାଧିକ ଓଡ଼ିଆ ଛବି ମୁକ୍ତିଲାଭ କରିବାର ସମ୍ଭାବନା ଅଛି। ଏଥିମଧ୍ୟରେ ରହିଛି ‘ଅପେକ୍ଷା’, ‘ଶାହାଜାହାନ୍’, ‘ଯୋଦ୍ଧା’ ଓ ‘ମୋହନଗିରି’। ଏଣେ ନବାଗତ ନାୟକ ପ୍ରେମଙ୍କ ଅଭିନୀତ ‘ସ୍କୁଲ୍ ଡାଏରି’, ‘ପଜଲ୍’, ‘ଜହ୍ଲାଦ’ ଓ ‘ଚୁଇଙ୍ଗମ୍’ ଆଦି ପରଦାକୁ ଆସିପାରେ। ତେଣେ ବଲିଉଡ୍‌ରେ କାମ କରୁଥିବା ପ୍ରେମ୍ ପରିଜା ବି ‘ରାମରାଜ୍ୟ’ରେ ନାୟକ ଭୂମିକାରେ ଆସୁଛନ୍ତି। ‘ଲଙ୍କାଗଡ଼’ରେ ନବାଗତ ଶୁଭେନ୍ଦୁ ଆସିବେ ନାୟକ ଭୂମିକାରେ। ସେହିପରି ନବାଗତ ଶୁଭମ୍ ସାଗରଙ୍କ ‘ଲାଡଗ୍ଧା’ ବି ୨୦୨୬ରେ ମୁକ୍ତିଲାଭ କରିବ। ତେଣେ ନବାଗତ ଶୁଭାଂଶୁ ‘ସମ୍ଭବ’ରେ ଏବଂ ଶୁଭମ୍ ମେହେର ‘ଲାଲ୍ଲାଟି’ରେ ନଜର ଆସିବେ। ଠିକ୍ ସେହିପରି ନବାଗତ ସୁବାସ ‘ମାଷ୍ଟ୍ର’ରେ ନାୟକ ଭୂମିକାରେ ଅଛନ୍ତି। ଏଣେ ନବାଗତା ଅଭିନେତ୍ରୀଙ୍କ ମଧ୍ୟରୁ ଅନେକ ନାୟିକା ଭାବେ ପରଦାକୁ ଆସିବେ। ସୂଚନା ଅନୁସାରେ, ଆଲିଆ ରାଉତ (ମିଡ୍ନାଇଟ୍’), ଦିବ୍ୟଜ୍ୟୋତି ତ୍ରିପାଠୀ (ମନ୍ଷ୍ଟର୍), ପିହୁ ମହାପାତ୍ର(ମନ୍ତ୍ରମୁଗ୍ଧ), ସପ୍ନା ନାୟକ(ମୁଁ ତୁମକୁ ଭଲପାଏ), ତନୁଶ୍ରୀ ରଣା(ପଜଲ୍’), ଅକ୍ଷିତା ଓ ଦିବ୍ୟା (ସ୍କୁଲ୍ ଡାଏରି), ନିଶିତା ପ୍ରଧାନ (‘ଚୁଇଙ୍ଗମ୍), ଗୁଞ୍ଜନ (ମାଷ୍ଟର ଏବଂ ଲାଇଫ୍ ପାର୍ଟନର୍), ଅୟନା (ଲାଇଫ୍ ପାର୍ଟନର୍), ବିପାଶା (ଲଙ୍କାଗଡ଼), ପ୍ରାନ୍ତିକା(ବିବାହ ଡଟ୍‌କମ୍) ଓ ‘ସମ୍ଭବ’ରେ ଶ୍ରେୟା ଓ ଜୁପସୀଙ୍କୁ ଦେଖିବାକୁ ମିଳିପାରେ ଏ ବର୍ଷ। ଏହାଛଡ଼ା ଯାତ୍ରା ଜଗତର ଚର୍ଚ୍ଚିତା ନୃତ୍ୟଶିଳ୍ପୀ ନିଶା ମହାରଣା ‘ଜହ୍ଲାଦ୍’ ଜରିଆରେ ଓଲିଉଡ୍ ଡେବ୍ୟୁ କରିବେ।୨୦୨୬ରେ ଅଭିଷେକ ତ୍ରିପାଠୀ (ଜୟହିନ୍ଦ୍), ମନୁ ଦ୍ୱିବେଦୀ (ମିଡ୍ନାଇଟ୍), ସମ୍ବିତ୍ ବାରିକ (ସ୍କୁଲ୍ ଡାଏରି), ପ୍ରସନ୍ନ କୁମାର (ଜହ୍ଲାଦ), ଦେବାଶିଷ ମହାରଣା (ରକ୍ତଲୀଳା), ବିଶ୍ୱରଞ୍ଜନ ପ୍ରଧାନ (ବରବଧୂ) ବିଶ୍ୱରଂଜନ ପ୍ରଧାନ (ବରବଧୂ), ରିୟାଜ୍ ଖାନ୍ (ମୋହନଗିରି), ଅମରେଶ ଜେନା (ଲାଲ୍ଲାଟି), ସୁପ୍ରୀତ (‘ପଜଲ୍’)ଙ୍କ ଭଳି ନୂଆ ନିର୍ଦ୍ଦେଶକଙ୍କ ସିନେମା ପରଦାକୁ ଆସିବାର ସମ୍ଭାବନା ରହିଛି। ତେଣେ ସେ ?ରଭ ପାଢ଼ୀ (ଚକ୍ରାନ୍ତ), ଦେବରାଜ ବିଧାର(ମନ୍ଷ୍ଟର୍), ସୁଶାନ୍ତ ମହାନ୍ତି (ଲାଇଦ୍ୱାଲା), ଲଗ୍ନା ସ୍ୱାଇଁ ଓ ସମ୍ବିତ୍ ବାରିକ (ସ୍କୁଲ୍ ଡାଏରି), ଧନେଶ୍ୱର ପରିଡ଼ା (ସମ୍ଭବ), ଅରବିନ୍ଦ ମିଶ୍ର (ବିବାହ ଡଟ୍ କମ୍), ଶୁଭମ୍ ସାଗର (ଲାଡଗ୍ଧା), ଅଶୋକ କୁମାର ନାୟକ (ଜହ୍ଲାଦ), ରମେଶ ନାୟକ (ଲଙ୍କାଗଡ଼) ପ୍ରମୁଖଙ୍କ ଭଳି କେତେକ ନୂଆ ପ୍ରଯୋଜକ ଓଲିଉଡ୍‌ରେ ଏଣ୍ଟ୍ରି କରିବେ।

# ‘ବିବାହ ଡଟ୍ କମ୍’ର ସୁଟିଂ ଶେଷ



କଟକ(ଏନ୍.ଏମ୍.): ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପୁଣି ଆଗକୁ ନେବା ପାଇଁ ଆରମ୍ଭ ହୋଇଛି ଉଦ୍ୟମ। ଗତ କିଛି ବର୍ଷ ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ଅଶୁଭ ଧୂମକେତୁ ପ୍ରବେଶ କରିଥିବାବେଳେ ଏବେ ପୁଣି ନୂତନ ସୂର୍ଯ୍ୟ ଉଦୟର ଆଭାସ ମିଳିଛି। ଖୁବ ଶିଘ୍ର ପ୍ରେକ୍ଷାଳୟରେ ରାଜୁତି କରିବ ନୂତନ ଓଡ଼ିଆ ଚଳଚ୍ଚିତ୍ର ବିବାହ ଡଟ କମ୍। ଏହି ଚଳଚ୍ଚିତ୍ରର ଓଡ଼ିଶାର ପାଣିପବନ ତଥା ମୌଳିକ କାହାଣୀ ଉପରେ ଆଧାରିତ ହୋଇଥିବାବେଳେ ଦର୍ଶକଙ୍କ ମନକୁ ଛୁଇଁବାରେ ସଫଳ ହେବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛି। ‘ସାତ ସୁରେ ବନ୍ଧା ଏ ଜୀବନ’, ‘ଡାଡି ଦ ଲିଭିଂ ଗଡ୍’, ‘ଓୟେ ଗିଟାର’ ଓ ‘ମାମା ୱେଡ୍ସ ପାପା’ ପରି ଚର୍ଚ୍ଚିତ ଛବିର ନିର୍ଦ୍ଦେଶକ ଆପୁ କାନୁନଗୋ ତାଙ୍କର ନୂଆ ସିନେମା ‘ବିବାହ ଡଟ୍ କମ୍’ର ସୁଟିଂ ଶେଷ କରିଛନ୍ତି। ଏଥିରେ ଜଣାଶୁଣା ବଲିଉଡ୍ ଅଭିନେତା ରାଜେଶ ଶର୍ମା, ପ୍ରାନ୍ତିକା ଦାସ, ଅଭିଷେକ ଗିରି, ଅଙ୍କିତ କୁମାର, ପୁଷ୍ପା ପଣ୍ଡା, ଜୀବନ ପଣ୍ଡା ଓ ଶୁଭ୍ରାଂଶୁ ନାୟକ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଅରବିନ୍ଦ ମିଶ୍ର ଏହାର ପ୍ରଯୋଜକ। ଆପୁ କାନୁନଗୋ ଏହାର କାହାଣୀ ଓ ଚିତ୍ରନାଟ୍ୟ ପ୍ରସ୍ତୁତ କରିଥିବା ବେଳେ ଶଙ୍କର ତ୍ରିପାଠୀ ଏହାର ସଂଳାପକାର। ବାପୁ ଗୋସ୍ୱାମୀ ଗୀତ ରଚନା କରିଥିବା ବେଳେ ବିକାଶ ଦାସ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଧ୍ରୁବାନନ୍ଦ ପଣ୍ଡା ଏହାର ସିନେମାଟୋଗ୍ରାଫର୍ ଓ ରାଜେଶ ଦାସ ଏଡିଟର। ସିନେମାର କାହାଣୀ ଆଧୁନିକ ସମୟର ବାହାଘର ପ୍ରସଙ୍ଗକୁ ନେଇ ଗତିଶୀଳ।

# ଶାହାରୁଖ୍ ଖାଁ ଏବଂ ଗୌରୀଙ୍କ ମାର୍ଗଦର୍ଶନ ବିଷୟରେ କହିଛନ୍ତି ସୁହାନା ଖାନ



**ମୁମ୍ବାଇ(ଏଜେନ୍ସି) :** ବଲିଉଡ ସୁପରଷ୍ଟାର ଶାହରୁଖ ଖାନଙ୍କ ଝିଅ ସୁହାନା ଖାନ ଏବେ ବି ଖବରର ଶିରୋନାମାରେ ଅଛନ୍ତି। ଏକ ସାମ୍ପ୍ରତିକ ସାକ୍ଷାତକାରରେ ସୁହାନା ଖାନ ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ବୃତ୍ତିଗତ ନିଷ୍ପତ୍ତି ବିଷୟରେ ଖୋଲାଖୋଲି କହିଥିଲେ। ସୁହାନା ଖାନ କହିଛନ୍ତି ଯେ ସେ ତାଙ୍କ କ୍ୟାରିଅରରେ ନୂଆ ଜିନିଷ ଚେଷ୍ଟା କରିବାକୁ ଏବଂ ବିଭିନ୍ନ ବିକଳ୍ପ ଅନୁସନ୍ଧାନ କରିବାକୁ ଚାହାଁନ୍ତି। ତଥାପି, ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ଯେତେବେଳେ ବଡ଼ ନିଷ୍ପତ୍ତି ନେବାର କଥା ଆସେ, ତାଙ୍କ ବାପାମା, ଶାହରୁଖ ଖାନ ଏବଂ ଗୌରୀ ଖାନଙ୍କ ଶେଷ ମତ ରହିଥାଏ। ସୁହାନା ତାଙ୍କ ପିତାମାତାଙ୍କଠାରୁ ପରାମର୍ଶ ନିଅନ୍ତି। ସୁହାନା ଖାନ ସମ୍ପ୍ରତି ହାର୍ପର ବଜାର ଇଣ୍ଡିଆ ସହିତ ଏକ ସାକ୍ଷାତକାରରେ ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ବୃତ୍ତିଗତ ନିଷ୍ପତ୍ତି ବିଷୟରେ ଖୋଲାଖୋଲି କହିଥିଲେ। ସେ କହିଛନ୍ତି ଯେ ବର୍ଷ ବର୍ଷ ଧରି ତାଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି, ଯାହା ଯୋଗୁଁ ସେ ଏବେ ନୂତନ ପରୀକ୍ଷଣ କରିବାକୁ ଅଧିକ ପ୍ରସ୍ତୁତ। ନିଷ୍ପତ୍ତି ନେବା ସମ୍ପର୍କରେ ସୁହାନା କହିଛନ୍ତି ଯେ ସେ ପ୍ରଥମେ ତାଙ୍କ ହୃଦୟର କଥା ଶୁଣନ୍ତି। ଏହାପରେ ନିଜ ମନକୁ ବୁଝାଇ ପିତାମାତାଙ୍କ ପାଖକୁ ଯାଆନ୍ତି। ସୁହାନା କହିଛନ୍ତି, ‘ମୋତେ ମୋ ପିତାମାତାଙ୍କୁ ପଚାରିବାକୁ ପଡିବ। ଶେଷ ନିଷ୍ପତ୍ତି ସେମାନଙ୍କର।’ ସାକ୍ଷାତକାରରେ ସୁହାନା ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ତାଙ୍କ ବାପାମା, ଶାହରୁଖ ଖାନ ଏବଂ ଗୌରୀ ଖାନ, ତାଙ୍କର ସବୁଠାରୁ ନିକଟତମ ପରାମର୍ଶଦାତା, ବିଶେଷକରି ଯେତେବେଳେ ସେ ଦ୍ୱନ୍ଦ୍ୱରେ ଥାଆନ୍ତି। ସେ ବ୍ୟାଖ୍ୟା କରିଛନ୍ତି ଯେ ଉଭୟଙ୍କ ପରାମର୍ଶ ଦେବାର ଶୈଳୀ ଭିନ୍ନ; ଶାହରୁଖ ଖାନ ଜୀବନର ଗଭୀର ଏବଂ କାବ୍ୟିକ ବ୍ୟାଖ୍ୟା ପ୍ରଦାନ କରନ୍ତି, ଯେତେବେଳେ ଗୌରୀ ଖାନ ସରଳ ଏବଂ ସ୍ପଷ୍ଟ ଭାବରେ କଥା କୁହନ୍ତି। ସୁହାନା କୁହନ୍ତି ଯେ ସେ ଉଭୟଙ୍କ ମଧ୍ୟରେ ଏକ ସନ୍ତୁଳନ ପାଆନ୍ତି। ଯେତେବେଳେ ଚାପ ଅତ୍ୟଧିକ ହୁଏ, ସେ ନିଜକୁ ଶାନ୍ତ ରଖିବା ପାଇଁ ଗୋଟିଏ ମୁହୂର୍ତ୍ତ, ଗୋଟିଏ କାର୍ଯ୍ୟ ଏବଂ ଗୋଟିଏ ଦିନ ଉପରେ ଧ୍ୟାନ ଦେବାକୁ ପସନ୍ଦ କରନ୍ତି। ସୁହାନା ଖାନ ୨୦୨୩ ମସିହାରେ ଜୋୟା ଅଖତରଙ୍କ ଫିଲ୍ମ “ଦି ଆର୍ଚିଜ୍” ସହିତ ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହି କିଶୋର ସଂଗୀତ ଚଳଚ୍ଚିତ୍ରରେ ଅଗସ୍ତ୍ୟ ନନ୍ଦ, ଖୁସି କପୁର, ବେଦାଙ୍ଗ ରୈନା, ମିହିର ଆହୁଜା, ଅଦିତି “ଡଟ୍” ସାଇଗଲ୍ ଏବଂ ଯୁବରାଜ ମେଣ୍ଡା ମଧ୍ୟ ଅଭିନୟ କରିଥିଲେ। “ଦି ଆର୍ଚିଜ୍” ଲୋକପ୍ରିୟ ଆର୍ଚି କମିକ୍ସର ଏକ ଭାରତୀୟ ରୂପାନ୍ତର ଥିଲା। ଫିଲ୍ମର କାହାଣୀ ୧୯୬୪ ମସିହାରେ ଭାରତର ଏକ କାଳ୍ପନିକ ହିଲ ଷ୍ଟେସନ ରିଭରଡେଲରେ ରହୁଥିବା ଆଙ୍ଗ୍ଲୋ-ଇଣ୍ଡିଆନ ସମ୍ପ୍ରଦାୟ ଉପରେ ଘୁରି ବୁଲୁଛି। ମୁକ୍ତିଲାଭ କରିବା ପରେ, ଫିଲ୍ମଟି ଦର୍ଶକ ଏବଂ ସମାଲୋଚକମାନଙ୍କ ଠାରୁ ମିଶ୍ରିତ ସମୀକ୍ଷା ପାଇଥିଲା। ସୁହାନା ଖୁବ୍ ଶୀଘ୍ର ତାଙ୍କ ପିତା ଶାହରୁଖ ଖାନଙ୍କ ଫିଲ୍ମ “କିଙ୍ଗ୍”ରେ ନଜର ଆସିବେ।

# ରିଲିଜ୍ ପାଇଁ ଅନୁମତି, ପାରାଶକ୍ତିକୁ ୟୁଏ ମିଳିଛି ସାର୍ଟିଫିକେଟ୍




**ମୁମ୍ବାଇ(ଏଜେନ୍ସି):** ପ୍ରକାଶ ପାଇଲା ଯେ ଶିବକାର୍ତ୍ତିକେୟନଙ୍କ ବହୁ ପ୍ରତୀକ୍ଷିତ ଐତିହାସିକ ନାଟକକୁ ଆସନ୍ତା କାଲି ରିଲିଜ୍ ପାଇଁ ସିବିଏଫସି ଦ୍ୱାରା ଅନୁମତି ଦିଆଯାଇଛି। ୧୯୬୦ ଦଶକର ମାଡ୍ରାସ ଉପରେ ଆଧାରିତ ଏହି ତାମିଲ ଚଳଚ୍ଚିତ୍ରକୁ ସେନ୍ସର ବୋର୍ଡରୁ ୟୁଏ ସାର୍ଟିଫିକେଟ୍ ମିଳିଛି। ସେନ୍ସର ବୋର୍ଡରୁ ପାରାଶକ୍ତି ଏହାର ୟୁଏ ସାର୍ଟିଫିକେଟ୍ ପାଇବା ପରେ, ଫିଲ୍ମକୁ ସମର୍ଥନ କରୁଥିବା ପ୍ରଡକ୍ସନ୍ ବ୍ୟାନର ଡନ୍ ପିକଚର୍ସର ଆକାଶ ଭାସ୍କରନ୍ ଏହାକୁ ଫିଲ୍ମ ପାଇଁ ଏକ ବିଜୟ ଘୋଷଣା କରିବାକୁ ଏକ୍ସକୁ ଆଗ୍ରହ ପ୍ରକାଶ କଲେ। ଫିଲ୍ମର ପ୍ରମାଣିତ ରନଟାଇମ୍ ଦୁଇ ଘଣ୍ଟା, ୪୨ ମିନିଟ୍ ଏବଂ ୪୩ ସେକେଣ୍ଡ ରହିଛି। ଫିଲ୍ମର ସରକାରୀ ପ୍ରଯୋଜନା ସଂସ୍ଥା, ଡନ୍ ପିକ୍ଚର୍ସ, ଏକ୍ସରେ ଏକ ସ୍ୱତନ୍ତ୍ର ପୋଷ୍ଟ ସହିତ ଏହି ଖବରକୁ ପାଳନ କରିଛି, ଯାହା ପୂର୍ବରୁ ଟ୍ୱିଟର ଭାବରେ ଜଣାଶୁଣା ଥିଲା। ଏହା ସେହି ଦିନ ଘଟିଥିଲା ଯେତେବେଳେ ମାଡ୍ରାସ ହାଇକୋର୍ଟ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫସି)କୁ ବିଜୟଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ଜନ ନାୟାଗନକୁ ୟୁ/ଏ ୧୬+ ପ୍ରମାଣପତ୍ର ପ୍ରଦାନ କରିବାକୁ ଏବଂ ଏହାକୁ ମୁକ୍ତି ପାଇଁ ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ ଜାନୁଆରୀ ୮ ତାରିଖରେ, ପିଟିଆଇ ରିପୋର୍ଟ କରିଥିଲା ଯେ ଗୁରୁବାର ସଂଧ୍ୟା ସୁଦ୍ଧା ବୋର୍ଡରୁ କ୍ଲିଅରାନ୍ସ ମିଳିନାହିଁ। ସିବିଏଫସି କିମ୍ବା ପ୍ରଡକ୍ସନ ଟିମ୍ ପାରାଶକ୍ତିର ସାର୍ଟିଫିକେସନ୍ ସ୍ଥିତି ସମ୍ପର୍କରେ କୌଣସି ସରକାରୀ ବିବୃତ୍ତି ଜାରି କରି ନାହାଁନ୍ତି।

**ପାରାଶକ୍ତି ବିଷୟରେ**

ସୁଧା କଙ୍ଗାରାଙ୍କ ଦ୍ୱାରା ନିର୍ଦ୍ଦେଶିତ ପାରାଶକ୍ତି ତାରକା ସିଭାକର୍ତ୍ତିକେୟାନ, ଜୟମ ରବି ଏବଂ ଶ୍ରୀଲେଲା। ଏହା ୧୯୬୦ ଦଶକରେ ସ୍ଥାପିତ ହୋଇଛି ଏବଂ ସାମାଜିକ ବାସ୍ତବତା ଏବଂ ପ୍ରତିରୋଧର ବିଷୟବସ୍ତୁ ଉପରେ ଆଧାରିତ। ଏହି ଚଳଚ୍ଚିତ୍ରଟି ଡନ୍ ପିକ୍ଚର୍ସ ଦ୍ୱାରା ନିର୍ମିତ ହୋଇଛି। ଶ୍ରୀଲେଲା ହିରୋଇନ୍ ଭୂମିକାରେ ଅଭିନୟ କରିଛନ୍ତି ଏବଂ ଜି.ଭି ପ୍ରକାଶ ସଂଗୀତ ସ୍କୋର କରିଛନ୍ତି। ଏହି ଚଳଚ୍ଚିତ୍ରରେ ରବି ମୋହନ ଏବଂ ଅଟାର୍ଭା ମଧ୍ୟ ଅଭିନୟ କରିଛନ୍ତି। ଏଥିରେ ଅଟାର୍ଭା, ରବି ମୋହନ, ଡାଲୀ ଧନଞ୍ଜୟା, ଦେବ ରାମନାଥ, ପ୍ରୀତି ରାଜନ, ଗୁରୁ ସୋମାସୁନ୍ଦରାମ, ବେସିଲ ଜୋସେଫ, ପାପ୍ରି ଘୋଷ ଏବଂ ରାଣା ଡଗଗୁବତୀ ମଧ୍ୟ ରହିଛନ୍ତି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ପାଳଙ୍ଗ କେତେ ପୁଷ୍ଟିକର ?

ପାଳଙ୍ଗ ଏକ କମ୍ କ୍ୟାଲୋରୀ ଏବଂ ଅଧିକ ପୁଷ୍ଟିକର ସବୁଜ ପରିବା। ଏହାର ଅଧିକାଂଶ କାର୍ବୋହାଇଡ୍ରେଟ୍ ଫାଇବର ଆକାରରେ ଥାଏ, ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରେ ଏବଂ କୋଷ୍ଠକାଠିନ୍ୟକୁ ରୋକିବାରେ ସାହାଯ୍ୟ କରିଥାଏ। ଏଥିରେ ପ୍ରାୟ କୌଣସି ଚିନି ନାହିଁ। ପାଳଙ୍ଗର ଅଦ୍ରବଣୀୟ ଫାଇବର ମଳରେ ପରିମାଣ ବୃଦ୍ଧି କରେ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ ।

ପାଳଙ୍ଗରେ କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ଅଛି ?

ପାଳଙ୍ଗ ହେଉଛି ଭିଟାମିନ୍ ଏବଂ ମିନେରାଲ୍ସ ଭରପୁର ଏକ ତାଜା ପରିବା । ଏଥିରେ କ୍ୟାରୋଟିନୋଏଡ୍ସ ଥାଏ, ଯାହାକୁ ଶରୀର ଭିଟାମିନ୍ ଏ ରେ ପରିଣତ କରେ। ଏହା ଦୃଷ୍ଟିଶକ୍ତି ଏବଂ ଚର୍ମ ପାଇଁ ଲାଭଦାୟକ। ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ସି ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ଏବଂ ଚର୍ମ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ ।

ପାଳଙ୍ଗ ଖାଇଲେ ସ୍ୱାସ୍ଥ୍ୟ ପ୍ରତି କ’ଣ ଲାଭ ?

ପାଳଙ୍ଗ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ପ୍ରଦାନ କରେ। ଏଥିରେ ଥିବା ଭିଟାମିନ୍ ଏ ଆଖି ଏବଂ ଚର୍ମ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ, ଯେତେବେଳେ ଭିଟାମିନ୍ ସି ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରିଥାଏ। ଏହାର ଅଦ୍ରବଣୀୟ ଫାଇବର ହଜମ ପ୍ରକ୍ରିୟାକୁ ଉନ୍ନତ କରିଥାଏ ଏବଂ କୋଷ୍ଠକାଠିନ୍ୟକୁ ରୋକିଥାଏ।

ପାଳଙ୍ଗ ଶାଗରେ କେଉଁ ଔଷଧୀୟ ଗୁଣ ଅଛି ?

ପାଳଙ୍ଗ ଶାଗରେ ଅନେକ ଔଷଧୀୟ ଗୁଣ ଅଛି ଯାହା ଶରୀରକୁ ସୁସ୍ଥ କରିବା ଏବଂ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଭିଟାମିନ୍ ଏ ଏବଂ ସି ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରିଥାଏ। ଏହାର ଫାଇବର ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ ଏବଂ ହଜମ ହେବାରେ ସହାୟକ ହୋଇଥାଏ।

ପାଳଙ୍ଗ ହିମୋଗ୍ଲୋବିନ୍ ବୃଦ୍ଧି କରିବାରେ ସାହାଯ୍ୟ କରିପାରେ। ତଥାପି, ଏହାର ଆଇରନ୍ ଶରୀର ଦ୍ୱାରା ସହଜରେ ଶୋଷିତ ହୁଏ ନାହିଁ କାରଣ ଏଥିରେ ଅକ୍ସାଲେଟ୍ (ଏକ ଜୈବିକ ଯୌଗିକ) ଥାଏ। ଏହା ସତ୍ତ୍ୱେ, ନିୟମିତ ପାଳଙ୍ଗ ଖାଇବା ଦ୍ୱାରା ଆଇରନ୍ ବୃଦ୍ଧି ପାଏ। ଲେମ୍ବୁ ଏବଂ ଟମାଟୋ ପରି ଭିଟାମିନ୍ ସି-ଯୁକ୍ତ ଖାଦ୍ୟ ସହିତ ଏହାକୁ ଖାଇବା ଦ୍ୱାରା ଆଇରନ୍ ଶୋଷଣ ଉନ୍ନତ ହୁଏ।

## ମା’ରାଣ ଦେହକୁ ନେବେନି...



ରାସ୍ତାକଡର କନିଆ ପାଇଲା
ସପଟଓ୍ୱାୟର ବର...
ଲକ୍ଷୀଏ ଖୋଜିଲେ ନପାନ୍ତି ଏମିତି
ସେତ ସାକ୍ଷତ ଈଶ୍ୱର..
ଏମିତିକା କାମ କର...
ମଥାର ସିନ୍ଦୁର ସାତଜନମର
କରିବନି କେବେ ପର...

- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

# ଗାଜର ଆଚାର



**ଆବଶ୍ୟକୀୟ ସାମଗ୍ରୀ:**

ଲାଲ ଗାଜର – ୧ କିଲୋଗ୍ରାମ, ସୋରିଷ ତେଲ – ୨୫୦ ଗ୍ରାମ, ଲାଲ ସୋରିଷ – ୧୦୦ ଗ୍ରାମ
ପାନମହୁରି – ୬୦ ଗ୍ରାମ, ମେଥି – ୩୦ ଗ୍ରାମ, ଲାଲ ଲଙ୍କା ଗୁଣ୍ଡ – ୨ ଚାମଚ, ହଳଦୀ – ୧ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ଆସାଫୋଏଟିଡା – ୧ ଚାମଚ, ଭିନେଗାର – ୨ ଚାମଚ

**ପ୍ରସ୍ତୁତି ପ୍ରଣାଳୀ :**

ପ୍ରଥମେ, ଆଚାର ପାଇଁ ଗାଜର ପ୍ରସ୍ତୁତ କରନ୍ତୁ। ଭଲ ଭାବରେ ଧୋଇ ଛାଣି ଦିଅନ୍ତୁ। ଲମ୍ବା ଖଣ୍ଡ କରି କାଟନ୍ତୁ। ଏବେ ଗାଜରକୁ ୫ ଘଣ୍ଟା ପାଇଁ ସୂର୍ଯ୍ୟ କିରଣରେ ଶୁଖାଇ ଦିଅନ୍ତୁ କିମ୍ବା ପଙ୍ଖା ତଳେ ରଖନ୍ତୁ । ଏହା ଗାଜରରୁ ସମସ୍ତ ଆର୍ଦ୍ରତା ଦୂର କରିଦେବ ଏବଂ ଆଚାର ନଷ୍ଟ ହେବାର ଆଶଙ୍କା ହ୍ରାସ କରିବ। ଏହି ସମୟ ମଧ୍ୟରେ, ମସଲା ପ୍ରସ୍ତୁତ କରନ୍ତୁ। ସୋରିଷ, ପାନମହୁରୀ ଏବଂ ମେଥି ଦାନାକୁ କମ୍ ଆଞ୍ଚରେ ହାଲୁକା ଭାବରେ ଭଜାନ୍ତୁ। ମସଲା ଥଣ୍ଡା ହେବା ପରେ, ସେଗୁଡ଼ିକୁ ଗ୍ରାଇଣ୍ଡିଂ କରନ୍ତୁ। ଭଜା ମସଲା ଆଚାରକୁ ଶୀଘ୍ର ନଷ୍ଟ ହେବାରୁ ରୋକିଥାଏ। ସୋରିଷ ତେଲ ଧୂଆଁ ନ ଆସିବା ପର୍ଯ୍ୟନ୍ତ ଗରମ କରନ୍ତୁ। ତାପରେ, ଗରମ ବନ୍ଦ କରନ୍ତୁ ଏବଂ ତେଲକୁ ଟିକେ ଥଣ୍ଡା ହେବାକୁ ଦିଅନ୍ତୁ। ତେଲରେ ହେଙ୍ଗୁ ପକାନ୍ତୁ ଏବଂ ଆଚାର ପାଇଁ ଏକ ବଡ଼ ଶୁଖିଲା ପାତ୍ର ନିଅନ୍ତୁ। ଶୁଖିଲା ଗାଜର ଏବଂ ଅବଶିଷ୍ଟ ମସଲା ମିଶାନ୍ତୁ: ଲୁଣ, ହଳଦୀ, ଲାଲ ଲଙ୍କା ଏବଂ ପେଷା ମସଲା। ଉଷୁମ ତେଲ ଉପରେ ଢାଳନ୍ତୁ ଏବଂ ୨ଚାମଚ ଭିନେଗାର ପକାନ୍ତୁ। ଏବେ, ଏକ ଗ୍ଲାସ କିମ୍ବା ସିରାମିକ୍ ଜାରରେ ଅଚାର ପୂରଣ କରନ୍ତୁ ଏବଂ ପ୍ରାୟ ୫ଦିନ ପାଇଁ ପ୍ରତିଦିନ ସୂର୍ଯ୍ୟ କିରଣରେ ରଖନ୍ତୁ। ଆପଣଙ୍କର ଗାଜର ଆଚାର ପ୍ରସ୍ତୁତ। ଏହା ପରିବେଷଣ ପାଇଁ ପ୍ରସ୍ତୁତ। ତଥାପି, ଏହାକୁ ବାହାର କରିବା ସମୟରେ ଓଦା ଚାମଚ ବ୍ୟବହାର କରନ୍ତୁ ନାହିଁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ୟୁପି ଡ୍ରାଫ୍ଟ ଭୋଟର ତାଲିକାରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ବାଦ୍ ପଡ଼ିଲେ

**ଲକ୍ଷ୍ନୌ (ଏଜେନ୍ସି):** ସରକାରୀ ତଥ୍ୟ ଅନୁଯାୟୀ, ସ୍ପେସାଲ୍ ଇଣ୍ଟେନସିଭ୍ ରିଭିଜନ୍ (ଏସ୍ଆଇଆର) ପ୍ରକ୍ରିୟା ସମୟରେ ଉତ୍ତର ପ୍ରଦେଶର ଡ୍ରାଫ୍ଟ ଭୋଟର ତାଲିକାରେ ଅଧିକ ମହିଳା ଭୋଟର ବାଦ୍ ପଡ଼ିଛନ୍ତି । ୧୩.୪ ନିୟୁତ ପୁରୁଷ ଭୋଟର ବାଦ୍ ପଡ଼ିଥିବା ବେଳେ ୧୫.୫ ନିୟୁତ ମହିଳା ଭୋଟର ବାଦ୍ ପଡ଼ିଛନ୍ତି । ସାରା ରାଜ୍ୟରେ ବାଦ୍ ପଡ଼ିଥିବା ଭୋଟରଙ୍କ ସଂଖ୍ୟା ୨୮.୯ ନିୟୁତ ରହିଛି । ଲିଙ୍ଗ ଅନୁପାତ ୨୦୨୫ ଭୋଟର ତାଲିକାରେ ୮୭୭ ଥିବାବେଳେ ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରେ ଏହା ୮୨୪କୁ ହ୍ରାସ ପାଇଛି । ଉତ୍ତର ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ନବଦୀପ ରିନ୍ୱା କହିଛନ୍ତି, ଡ୍ରାଫ୍ଟ ଭୋଟର ତାଲିକାରେ ସଂରକ୍ଷିତ ୧୨୫.୫ନିୟୁତ ଭୋଟରଙ୍କ ମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୫୬.୭ ନିୟୁତ ରହିଛି । ସେହିପରି ପୁରୁଷ ଭୋଟରଙ୍କ ସଂଖ୍ୟା ୬୮.୯ ନିୟୁତ ରହିଛି । ବହୁ ସଂଖ୍ୟକ ମହିଳା ଭୋଟରଙ୍କ ନାମ ବାଦ୍ ଦିଆଯିବା ବିଷୟରେ ପଚରାଯିବାରୁ, ସିଇଓ ଏହାକୁ ଡୁପ୍ଲିକେସନ୍ ବୋଲି କହିଛନ୍ତି । ପୂର୍ବରୁ, ସେମାନଙ୍କ ନାମ ସେମାନଙ୍କ ଜନ୍ମସ୍ଥାନ ପିତାଙ୍କ ଠିକଣାରେ ଥିଲା । ପରେ ଶ୍ୱଶୁର ଘରର ସ୍ୱାମୀଙ୍କ ଠିକଣାରେ ଭୋଟର ତାଲିକାରେ ପଞ୍ଜୀକୃତ ହୋଇଥିବା ସେ କହିଛନ୍ତି । ୨୦୨୫ ଭୋଟର ତାଲିକାରେ, ୨୫ ବର୍ଷରୁ ଅଧିକ ବୟସ୍କ ୭.୧୨ ନିୟୁତ ମହିଳା ଭୋଟର ସେମାନଙ୍କ ପିତାଙ୍କ ଠିକଣା ଉଲ୍ଲେଖ କରିଥିଲେ ଓ ସେମାନେ ନିର୍ବାଚନ କମିସନଙ୍କ ଯାଞ୍ଚ ଅଧୀନରେ ଥିବା ସେ କହିଛନ୍ତି । ଏସ୍ଆଇଆର୍ ପ୍ରକ୍ରିୟାରେ ୪.୨୧ ନିୟୁତ ଏଭଳି ମହିଳା ଭୋଟରଙ୍କ ନାମ ବାଦ୍ ଦିଆଯାଇଥିବାବେଳେ ୨.୯୪ ନିୟୁତ ଏପରି ମହିଳା ଭୋଟରଙ୍କ ନାମ ବଜାୟ ରଖାଯାଇଛି ବୋଲି ସେ କହିଛନ୍ତି ସିଇଓ କହିଛନ୍ତି, ୨୦୨୫ ଭୋଟର ତାଲିକାରେ ରାଜ୍ୟର ସହରାଞ୍ଚଳରେ ୪.୧୬ କୋଟି (୪୧.୬ ନିୟୁତ) ଭୋଟର ଥିଲେ ଏବଂ ଗଣନା ପର୍ଯ୍ୟାୟ ପରେ ଏହି ସଂଖ୍ୟା ୨.୯୯ କୋଟି (୨୯.୯ ନିୟୁତ)କୁ ହ୍ରାସ ପାଇଛି । ସହରାଞ୍ଚଳରେ ୧.୧୭ କୋଟି ଅର୍ଥାତ୍ ୧୧.୭ ନିୟୁତ ଭୋଟର (୨୮%)ଙ୍କ ନାମ ବାଦ ଦିଆଯାଇଛି ।ସିଇଓ କହିଛନ୍ତି, ୧୨.୭ ନିୟୁତ (୧୫.୨୩%) ନାମ ବାଦ ଦିଆଯିବା



ପରେ ଗ୍ରାମାଞ୍ଚଳ ଭୋଟରଙ୍କ ସଂଖ୍ୟା ୨୦୨୫ ଭୋଟର ତାଲିକାରେ ୧୧୨.୮ ନିୟୁତରୁ ୯୫.୬ ନିୟୁତକୁ ହ୍ରାସ ପାଇଛି । ସେଥିମଧ୍ୟରେ ଲକ୍ଷ୍ନୌରେ ୩୦%, ଗାଜିଆବାଦରେ ୨୮.୮%, ବଳରାମପୁରରେ ୨୬%, କାନପୁର ନଗରରେ ୨୫.୫% ଏବଂ ମିରଟ ଜିଲ୍ଲାରେ ୨୪.୭% ଭୋଟର ବାଦ୍ ପଡ଼ିଛନ୍ତି । ଲଳିତପୁରରେ ୧୦% ଭୋଟର, ହମିରପୁରରେ ୧୦.୯%, ମହୋବାରେ ୧୨.୪%, ବୃନ୍ଦା ରେ ୧୩% ଓ ଜ୍ୟୋତିବା ଫୁଲେ ନଗରରେ ୧୩.୨% ଭୋଟରଙ୍କୁ ବାଦ୍ ଦିଆଯାଇଛି । ନିର୍ବାଚନ କମିସନ ୧୨୫.୫ ନିୟୁତ ଭୋଟରଙ୍କ ମଧ୍ୟରୁ ୩୨.୬ ନିୟୁତ ଭୋଟରଙ୍କୁ ନୋଟିସ୍ ପଠାଇଛନ୍ତି । ସେମାନଙ୍କ ନାମ ଡ୍ରାଫ୍ଟ ତାଲିକାରେ ରଖାଯାଇଛି ।ନୋଟିସ୍ ଜାରି ହୋଇଥିବା ଲୋକଙ୍କ ମଧ୍ୟରେ ୧୦.୪ ନିୟୁତ ଭୋଟର ଅଛନ୍ତି ଯାହାଙ୍କ ନାମ ୨୦୦୩ ଭୋଟର ତାଲିକାରେ ମିଳିନଥିଲା ଏବଂ ୨୨.୨ ନିୟୁତ ଭୋଟର ଅଛନ୍ତି ଯାହାଙ୍କ ଗଣନା ଫର୍ମରେ ଇସିଆଇଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ବିଭିନ୍ନ ଅସଙ୍ଗତି ରହିଛି । ସେସବୁରେ ନାମ, ଠିକଣା କିମ୍ବା ପିତା/ ମାତାଙ୍କ ନାମରେ କିଛି ଭୁଲ୍ ରହିଛି । ନିର୍ବାଚନ କମିସନ ଜାନୁଆରି ୧୪ ତାରିଖରୁ ନୋଟିସ୍ ପଠାଇବା ଆରମ୍ଭ କରିଛନ୍ତି ଏବଂ ଜାନୁଆରି ୨୧ ତାରିଖରୁ ଶୁଣାଣି ଆରମ୍ଭ ହେବ । ନିର୍ବାଚନ କମିସନ ଶୁଣାଣି ପାଇଁ ୪୯୩ ଜଣ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏବଂ ୮୭୫୧ ଜଣ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି । ଏସ୍ଆଇଆର୍ ପ୍ରକ୍ରିୟାର ଦାବି ଏବଂ ଆପତ୍ତି ପର୍ଯ୍ୟାୟରେ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଯୋଗ୍ୟ ଭୋଟରଙ୍କ ଯୋଡିବା ଜାରି ରହିଛି । ଭୋଟର ତାଲିକାରେ ନାମ ଯୋଡିବା ପାଇଁ ଇସିଆଇ ପୂର୍ବରୁ ୨.୦୭ ନିୟୁତ) ଫର୍ମ -୬ ପାଇସାରିଛନ୍ତି । ନୂତନ ଭୋଟରଙ୍କ ଯୋଡି ହେବା ସହିତ, ଲିଙ୍ଗ ଅନୁପାତରେ ବୃଦ୍ଧି ହେବାର ସମ୍ଭାବନା ଅଛି ବୋଲି ସିଇଓ କହିଛନ୍ତି ।

# ଝାଡ଼ଖଣ୍ଡରେ ବରଯାତ୍ରୀ ବସ୍ ଓଲଟି ୫ ମୃତ, ୨୫ ଆହତ



**ଲତେହାର(ଏଜେନ୍ସି):** ଝାଡ଼ଖଣ୍ଡର ଲତେହାର ଜିଲ୍ଲାରେ ରବିବାର ବଡ଼ଧରଣର ସଡ଼କ ଦୁର୍ଘଟଣା ଘଟିଛି । ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ର ବ୍ରେକ୍ ଫେଲ୍ ହୋଇ ଏହା ନିୟନ୍ତ୍ରଣ ହରାଇ ଓଲଟି ପଡ଼ିବାରୁ ୪ ମହିଳାଙ୍କ ସମେତ ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ୨୫ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ଲତେହାର ଜିଲ୍ଲାର ମହୁଆଦାନର୍ ପୁଲିସ ଷ୍ଟେସନ ଅନ୍ତର୍ଗତ ଓର୍ସା ବଙ୍ଗଲାଦାରା ଉପତ୍ୟାକାରେ ହୋଇଥିଲା । ଏକ ବସ୍ ବରଯାତ୍ରୀଙ୍କୁ ନେଇ ଛତିଶଗଡ଼ର ବଲରାମପୁର ଜିଲ୍ଲାରୁ ମହୁଆଦାନର୍ଠାରେ ଅନୁଷ୍ଠିତ ହେଉଥିବା ବିବାହ ଉତ୍ସବ କାର୍ଯ୍ୟକ୍ରମକୁ ଯାଉଥିବାବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ 'ଏକ୍ସ'ରେ ଏକ ପୋଷ୍ଟ କରି ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଲତେହାର ଡେପୁଟି କମିସନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବସ୍ରେ ପାଖାପାଖି ୭୦ ଯାତ୍ରୀ ଥିବା ଡ୍ରାଇଭର ବିକାଶ ପାଠକ ସୂଚନା ଦେଇଛନ୍ତି । ପାଠକ ସୂଚନା ଦେଇଛନ୍ତି ଯେ, ବସ୍ର ବ୍ରେକ୍ ଫେଲ୍ ହୋଇଯାଇଥିଲା । ସେ ହ୍ୟାଣ୍ଡବ୍ରେକ୍ ମାରି ଗାଡ଼ିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବସ୍ ନିୟନ୍ତ୍ରଣକୁ ଆସିନଥିଲା ଓ ଏହା ଓଲଟି ପଡ଼ିଥିଲା ।

# ପାକିସ୍ତାନରେ ହିନ୍ଦୁ ଝିଅଙ୍କୁ ବଳପୂର୍ବକ ଧର୍ମ ପରିବର୍ତ୍ତନ ଅଭିଯୋଗ ବିରୋଧ କରୁଥିବା ସଂଖ୍ୟାଲଘୁ ନେତାଙ୍କୁ ହତ୍ୟା ଧମକ

**ଇସଲାମାବାଦ(ଏଜେନ୍ସି):** ପାକିସ୍ତାନରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କିଛି ନୂଆ କଥା ନୁହେଁ । ତେବେ ସଂଖ୍ୟାଲଘୁଙ୍କର ବଳପୂର୍ବକ ଧର୍ମାନ୍ତରୀକରଣ ସମସ୍ୟା ଚିନ୍ତାଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ନାବାଳିକା ଝିଅମାନଙ୍କୁ ବଳପୂର୍ବକ ଧର୍ମାନ୍ତରୀକରଣ କରାଯାଉଥିବା ପାକିସ୍ତାନରେ ଜଣେ ସଂଖ୍ୟାଲଘୁ ଅଧିକାରୀ କର୍ମୀଙ୍କ ଭିଡିଓରୁ ଜଣାପଡ଼ିଛି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ହୋଇଥିବା ଭାଇରାଲ ଭିଡିଓରେ ଶିବ କାଛି ନାମକ ଜଣେ ହିନ୍ଦୁ ଅଧିକାରୀ କର୍ମୀ ତାଙ୍କ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ଦେବାକୁ ଆକୁଳ ନିବେଦନ କରିଛନ୍ତି । ସେ କହିଛନ୍ତି, ହିନ୍ଦୁ ଝିଅମାନଙ୍କୁ ବଳପୂର୍ବକ ଧର୍ମାନ୍ତରୀକରଣ ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ଏକ ଇସଲାମିକ ଗୋଷ୍ଠୀ ତାଙ୍କୁ ହତ୍ୟା ଧମକ ଦେଇଛି । ତାଙ୍କ ଜୀବନ ପ୍ରତି ବିପଦ ରହିଛି । କାଛି ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ଧମକ ଦିଆଯିବା ସମ୍ପର୍କରେ ପାକିସ୍ତାନ ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ସରକାର ଏହି ପ୍ରସଙ୍ଗ ନଜର ଦେଉନାହାନ୍ତି । କାଛି ସଂଖ୍ୟାଲଘୁ ଅଧିକାର ସଂଗଠନ ଦରୱାର ଇତେହାଦର ଅଧକ୍ଷ ଏବଂ ପ୍ରତିଷ୍ଠାତା । ସେ କହିଛନ୍ତି ଯେ ତେହେରିକ୍-ଏ-ଲବୈକ୍ ପାକିସ୍ତାନ (ସରହିନ୍ଦି ଗୋଷ୍ଠୀ) ସହ ଜଡିତ ଧର୍ମଗୁରୁମାନେ ତାଙ୍କୁ ହତ୍ୟା କରିବା ପାଇଁ ଫତୱା ଶୈଳୀର ଆହ୍ୱାନ ଦେଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅବଗତ କରିବା ସତ୍ତ୍ୱେ ଏହି ମାମଲାରେ ପାକିସ୍ତାନ ଓ ସିନ୍ଧ ସରକାର ଏବଂ ପୁଲିସ ସମ୍ପୂର୍ଣ୍ଣ ନିରବ ଓ ନିଷ୍କ୍ରିୟ ରହିଛି । ସିନ୍ଧରେ କେମିତି ନାବାଳିକା ହିନ୍ଦୁ ଝିଅ ଏବଂ ବିବାହିତା ମହିଳାଙ୍କୁ ଅପହରଣ କରାଯାଉଛି ଏବଂ ବଳପୂର୍ବକ ଧର୍ମାନ୍ତରୀକରଣ କରାଯାଉଛି କାଛି ତାର ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଥିବା ଭିଡିଓରେ କହିଛନ୍ତି । ଏଥିଯୋଗୁ ତାଙ୍କୁ ଇସଲାମ ବିରୋଧୀ ତଥା ରାଷ୍ଟ୍ର ବିରୋଧୀ ବୋଲି ଆଖ୍ୟା ଦିଆଯାଉଛି ବୋଲି କାଛି କହିଛନ୍ତି । ଜାନୁଆରି ୧୮ ତାରିଖରେ ସିନ୍ଧର ଉମରକୋଟରୁ ଏହି ପୋଷ୍ଟ କରି ଶିବ କାଛି ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ତାଙ୍କ ସୁରକ୍ଷା ପାଇଁ ଜରୁରୀ ନିବେଦନ କରିଛନ୍ତି । ପାକିସ୍ତାନରେ ହିନ୍ଦୁଙ୍କ ଜନସଂଖ୍ୟା ଆନୁମାନିକ ଭାବେ ୪-୫ ନିୟୁତ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୯୪% କେବଳ ସିନ୍ଧ ପ୍ରଦେଶରେ ବାସ କରନ୍ତି । ସିନ୍ଧର ଉମରକୋଟ ଜିଲ୍ଲା ୨୦୨୩ ପାକିସ୍ତାନ ଜନଗଣନାର ତଥ୍ୟ ଆଧାରରେ, ଦେଶର ଏକମାତ୍ର ହିନ୍ଦୁ ବହୁଳ ଜିଲ୍ଲା । ଜିଲ୍ଲାର ଜନସଂଖ୍ୟାର ପ୍ରାୟ ୫୨% ହିନ୍ଦୁ । କାଛି ହିନ୍ଦୁଙ୍କ ବଳପୂର୍ବକ ଧର୍ମାନ୍ତରୀକରଣ ତଥା ତାଙ୍କୁ ହତ୍ୟା କରିବାକୁ ଧମକ ଦିଆଯିବ ପ୍ରସଙ୍ଗରେ ମିଳିତ ଜାତିସଂଘ, ଜାତିସଂଘ ମାନବାଧିକାର ପରିଷଦ, ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ, ହ୍ୟୁମାନ୍ ରାଇଟ୍ସ ୱାଚ୍ ଏବଂ ଯୁକ୍ତରାଷ୍ଟ୍ରର ବୈଦେଶିକ ବିଭାଗକୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

# ମଣିପୁର ହିଂସା : ୩ ବର୍ଷର ଯନ୍ତ୍ରଣା ସହି ସହି ଶେଷରେ ଆଖି ବୁଜିଦେଲେ କୁକି ଗଣଦୁଷ୍କର୍ମ ପୀଡ଼ିତା

**ଇମ୍ଫାଲ(ଏଜେନ୍ସି):** ମଣିପୁର ହିଂସାର ପାଖାପାଖି ୩ ବର୍ଷ ପରେ କୁକି ଗଣଦୁଷ୍କର୍ମ ପୀଡ଼ିତାଙ୍କର ଚୁରାଚାନ୍ଦପୁର ଜିଲ୍ଲାର ଏକ ହସ୍ପିଟାଲରେ ଚଳିତ ମାସରେ ମୃତ୍ୟୁ ହୋଇଛି । ପୀଡ଼ିତାଙ୍କ ପରିବାର ପକ୍ଷରୁ ରବିବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି । ୨୦୨୩ ମେ' ମାସରେ ମଣିପୁର ହିଂସା ଦେଖାଯାଇଥିବାବେଳେ ଏହି କୁକି ମହିଳାଙ୍କୁ ଅପହରଣ କରି ନିର୍ଯାତନା ଦିଆଯିବା ସହିତ ଗଣଦୁଷ୍କର୍ମ କରାଯାଇଥିଲା । ସେବେଠାରୁ ସେ ଶାରୀରିକ ତଥା ମାନସିକ ଆଘାତ ସହିତ ଲଢ଼ି ଆସୁଥିଲେ । ଗଣଦୁଷ୍କର୍ମ ଓ ନିର୍ଯାତନା ଘଟଣାପରେ ତାଙ୍କ ଠାରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥିବାବେଳେ ତାଙ୍କୁ ବାରମ୍ବାର ହସ୍ପିଟାଲରେ ଭର୍ତ୍ତି କରାଯାଉଥିଲା । ସେ ମାନସିକ ଅବସାଦରେ ଥିଲେ ବୋଲି ତାଙ୍କ ମା' କହିଛନ୍ତି । ଗଣଦୁଷ୍କର୍ମ ଘଟଣାବେଳେ ପୀଡ଼ିତାଙ୍କୁ ମାତ୍ର ୧୮ ବର୍ଷ ବୟସ ହୋଇଥିଲା । ଇମ୍ଫାଲର ଏକ ବ୍ୟୁଟି ସାଲୋନରେ ସେ କାମ କରୁଥିଲେ । ମେ' ୧୫ରେ ତାଙ୍କୁ ବନ୍ଧକ କରିନିଆଯାଇଥିଲା । ତାଙ୍କୁ ବିଷ୍ଣୁପୁର ଜିଲ୍ଲାର ଏକ ପାହାଡ଼ ଉପରକୁ ନେଇଯାଇ ଗଣଦୁଷ୍କର୍ମ କରାଯାଇଥିଲା । ତଥାପି ସେ ସେଠାରୁ ଖସି ପଳାଇ ଆସିଥିଲେ । ସେବେଠାରୁ ତାଙ୍କୁ ନାଗାଲାଣ୍ଡ, ଆସାମ ଓ ମଣିପୁରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା । ପୀଡ଼ିତାଙ୍କର ଚୁରାଚାନ୍ଦପୁର ଜିଲ୍ଲାର ଏକ ସରକାରୀ ହସ୍ପିଟାଲରେ ଜାନୁଆରି ୧୧ ତାରିଖରେ ମୃତ୍ୟୁ ହୋଇଥିବା ତାଙ୍କ ମା' ସୂଚନା ଦେଇଛନ୍ତି । ଗତ କିଛି ଦିନ ତଳେ ସେ ଘରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସମୟରେ ପରିବାର ପକ୍ଷରୁ ଦିଆଯାଇଥିବା ଏତଲାରେ କୁହାଯାଇଥିଲା ଯେ, ମେ' ୧୫ ୨୦୨୩ରେ ଇମ୍ଫାଲର ଏକ ଏଟିଏମ୍ କିଓସ୍କଠାରୁ ପୀଡ଼ିତାଙ୍କୁ ଚାରି ଜଣ ଲୋକ ଏକ କାର୍ରେ ଅପହରଣ କରିନେଇଥିଲେ । ସେଠାରେ ତାଙ୍କୁ ମେ ?ତେୟୀ ସମ୍ପ୍ରଦାୟର ପୁରୁଷ ଓ ମହିଳା ନିସ୍ଥୁକ ପିଟିଥିଲେ । ମୈତେୟୀ ସମ୍ପ୍ରଦାୟ ଲୋକମାନେ ସେମାନଙ୍କ ସମୁଦାୟର କଠୋର ଆରାମ୍ବାଇ ତେଙ୍ଗଗୋଲ ଗୋଷ୍ଠୀର ସଦସ୍ୟଙ୍କୁ ଡାକି ପୀଡ଼ିତାଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ । କଳା ପୋଷାକ ଓ ସର୍ବଦା ବନ୍ଧୁକ ରଖୁଥିବା ଆରାମ୍ବାଇ ତେଙ୍ଗଗୋଲ ସଦସ୍ୟ ପୀଡ଼ିତାଙ୍କୁ ଏକ ପାହାଡ଼ ଉପରକୁ ନେଇ ଗଣଦୁଷ୍କର୍ମ କରିଥିଲେ ବୋଲି ଏତଲାରେ କୁହାଯାଇଥିଲା । ପାହାଡ଼ ଉପରେ ସମ୍ପୃକ୍ତ ଚାରି ଜଣ ଆରାମ୍ବାଇ ତେଙ୍ଗଗୋଲ ସଦସ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଓ ସେମାନଙ୍କ ମଧ୍ୟରୁ ଜଣେ ଗାଡ଼ି ଓଲଟାଇ ଦେବାକୁ ଚେଷ୍ଟା କରିବା ସମୟରେ ଗାଡ଼ି ପୀଡ଼ିତାଙ୍କ ଉପରେ ଧକ୍କା ହୋଇଥିଲା ଓ ସେ ପାହାଡ଼ ତଳକୁ ଖସି ପଡ଼ିଥିଲେ । ପାହାଡ଼ରୁ ଖସିବା ପରେ ସେ ଜଣେ ଅଟୋ ଡ୍ରାଇଭରଙ୍କ ସହାୟତାରେ ଇମ୍ଫାଲରେ ପହଞ୍ଚି ପାରିଥିଲେ ।

## ଆଇନ ଅଦାଲତ

# 'ବିବାହ ପାଇଁ ଝିଅର ସ୍ୱୀକୃତି ଗୁରୁତ୍ୱପୂର୍ଣ୍ଣ'

**କଟକ(ଏନ୍.ଏମ୍.):** ଅଭିଭାବକମାନେ ବିବାହ ସଂପର୍କିତ ନିଷ୍ପତ୍ତି ନେବା ପୂର୍ବରୁ ଏହି ପ୍ରସଙ୍ଗରେ ଝିଅର ସ୍ୱୀକୃତି ନେବା ନିଶ୍ଚିତ ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି । ଝିଅ ନିଖୋଜ ଥିବା ଅଭିଯୋଗ ନେଇ ବାପାଙ୍କ ତରଫରୁ ଦାୟର ଏକ ହେବିୟସ୍ କର୍ପସ ପିଟିସନ୍ର ଶୁଣାଣି କରି ହାଇକୋର୍ଟ ଏଭଳି ଉଲ୍ଲେଖ କରିଛନ୍ତି । ବିବାହ କ୍ଷେତ୍ରରେ ଝିଅର ନିଷ୍ପତ୍ତି ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏପରି କୌଣସି ନିଷ୍ପତ୍ତି ଅଭିଭାବକଙ୍କ ଦ୍ୱାରା ନିଆଯିବା ପୂର୍ବରୁ ଝିଅର ଅନୁମତି ନିଆଯିବା ଉଚିତ ।ଯେତେବେଳେ ଜଣେ ଝିଅ ବିବାହ ପାଇଁ ପ୍ରସ୍ତୁତ ନଥାଏ, ବାହ୍ୟ ବଳ ପ୍ରୟୋଗ କରି ତାଙ୍କୁ ବାହାଦେବା ସୁସ୍ଥ ସମାଜ ପାଇଁ ଅନୁକୂଳ ନୁହେଁ । ଅଭିଭାବକମାନେ ନିଜ ନିଷ୍ପତ୍ତି ପିଲାମାନଙ୍କ ଉପରେ ଲଦି ଦେବାର ଭାବନା ବିରୋଧରେ ପ୍ରଶାସନ ସଚେତନ କରିବା ଆବଶ୍ୟକ । ପ୍ରାପ୍ତ ବୟସ୍କ ଝିଅର ନିଷ୍ପତ୍ତିକୁ ସମ୍ମାନ ଦେବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ମାମଲାର ବିଚାର କରି ପୁଲିସକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ରହୁଥିବା ସ୍ଥାନକୁ ଝିଅ ଯେପରି ସହଜରେ ଫେରି ପାରିବ ଏବଂ ତାଙ୍କ ଜୀବନରେ ଅଭିଭାବକ ଓ ସ୍ୱାମୀଙ୍କର କେ ?ଣସି ହସ୍ତକ୍ଷେପ ନ ରହିବ ତାହା ସୁନିଶ୍ଚିତ କରିବାକୁ ହେବ । ରହୁଥିବା ସ୍ଥାନରେ ଝିଅର ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଏହି ପ୍ରସଙ୍ଗରେ କେ ?ଣସି ଘଟଣା ନେଇ ରିପୋର୍ଟ ମିଳେ ତେବେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ହାଇକୋର୍ଟ କହିଛନ୍ତି । ଏଥି ସହିତ ଝିଅକୁ ଉଦ୍ଧାର ପାଇଁ ବାପା ଦାୟର କରିଥିବା ଆବେଦନର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ନିଖୋଜ ଝିଅକୁ ଉଦ୍ଧାର ପାଇଁ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମୋବାଇଲ୍ ନମ୍ବରରୁ ଝିଅକୁ ଠାବ କରି ପୁଲିସ ଯୋଗାଯୋଗ କରିଥିଲା । ଝିଅ ନିଜ ଇଚ୍ଛାରେ ରାଜ୍ୟ ବାହାରକୁ ଯାଇ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ପୁଲିସକୁ ଅବଗତ କରିଥିଲେ । ଏହାପରେ ହାଇକୋର୍ଟ ଝିଅକୁ ବ୍ୟକ୍ତିଗତ ଭାବେ ହାଜର କରାଇବା ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ ।

# ଅତିରିକ୍ତ ସୁରକ୍ଷା ଜମା ପ୍ରସଙ୍ଗରେ ଟାଟା ପାୱାରକୁ ହାଇକୋର୍ଟଙ୍କ ନୋଟିସ୍ ?

**କଟକ (ଏନ୍.ଏମ୍.):** ଟାଟା ପାୱାର ପକ୍ଷରୁ ଅତିରିକ୍ତ ବିଦ୍ୟୁତ ସୁରକ୍ଷା ଜମା ଆଦାୟ ପ୍ରସଙ୍ଗରେ ଟାଟା ପାୱାର, ଓଇଆରସି ଏବଂ ରାଜ୍ୟ ସରକାରଙ୍କୁ ନୋଟିସ ପଠାଇଛନ୍ତି ହାଇକୋର୍ଟ । ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ତିନି ସପ୍ତାହ ପରେ ହେବ ମାମଲାର ପରବର୍ତ୍ତୀ ଶୁଣାଣି । 'ଭଏସ୍ ଅଫ୍ କଟକ' ପକ୍ଷରୁ ସ୍ମାର୍ଟ ମିଟର ଓ ଅତିରିକ୍ତ ସୁରକ୍ଷା ଜମାକୁ ବିରୋଧ କରି ହାଇକୋର୍ଟରେ ରୁଜୁ ହୋଇଥିଲା ଜନସ୍ୱାର୍ଥ ମମାଲା । ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଆଇନ ଏବଂ ଓଡିଶା ବିଦ୍ୟୁତ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ କରି ହାଇକୋର୍ଟରେ ଦାୟର ହୋଇଥିଲା ଏହି ମାମଲା । ସ୍ମାର୍ଟ ମିଟର ଓ ଅତିରିକ୍ତ ସୁରକ୍ଷା ଜମାକୁ ତୁରନ୍ତ ପ୍ରତ୍ୟାହାର କରିବା ନେଇ ଆବଦେନରେ ଦର୍ଶାଯାଇଥିଲା ।

ସୁରକ୍ଷା ଜମା ଥାଇ ପୁଣି ଥରେ ହଜାର ହଜାର ଟଙ୍କା ମାଗିବା ଓ ବିଦ୍ୟୁତ୍ କାଟିବାକୁ ଧମକ ଦେବା ବେଆଇନ ବୋଲି ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ । ପୂର୍ବରୁ ଟାଟା ପାୱାର ୭,୨୧୫ କୋଟିର ଅତିରିକ୍ତ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ରଖିଥିବା ମଧ୍ୟ ଉଲ୍ଲେଖ କରାଯାଇଥିଲା । ବିନା ଗ୍ରାହକ ସମ୍ମତି ଓ ସଚେତନତାରେ ସ୍ମାର୍ଟ ମିଟର ସ୍ଥାପନ କରିବା ବେଆଇନ ବୋଲି ପିଟିସନରେ ଉଲ୍ଲେଖ କରିଥିଲେ ଆବଦେନକାରୀ । ଏହି ପ୍ରକ୍ରିୟା ବିଦ୍ୟୁତ ଆଇନ ୨୦୦୩ ଏବଂ ସମ୍ବିଧାନର ଧାରା ୧୪ ଓ ୨୧ର ଖୋଲାଖୋଲି ଉଲ୍ଲଂଘନ ବୋଲି ଆବେଦନରେ ଦର୍ଶାଯାଇଥିଲା ।

# ପରୀକ୍ଷାର୍ଥୀଙ୍କୁ ଅଭିଯୁକ୍ତ ଦର୍ଶାଇଥିବା ଏସଡିପିଓ ଏବେ ନିଜେ ଅଭିଯୁକ୍ତ, ସଙ୍ଗୀନ ମାମଲା ରୁଜୁ କଲା ଏଚଆରପିସି

**ବ୍ରହ୍ମପୁର(ଏନ୍.ଏମ୍.):** କ୍ଷମତାର ଅପବ୍ୟହବାର କରି ଜଣେ ବ୍ୟକ୍ତିଙ୍କୁ ଉଠାଇ ନେଇ ବେଆଇନ ଅଟକ ରଖିବା, ଶାରୀରିକ ନିର୍ଯାତନା ଦେବା ଭଳି ଅଭିଯୋଗରେ ବ୍ରହ୍ମପୁର ଟାଉନ୍ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଓ ବଡ଼ବଜାର ଥାନା ଆଇଆଇସି ବାବା ଶଙ୍କର ସରାଫଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ସମୟ ବଡ଼ ବଳବାନ । ଚାକିରି ଆଶାୟୀ ପରୀକ୍ଷାର୍ଥୀଙ୍କୁ ରାତାରାତି ଅଭିଯୁକ୍ତ ଦର୍ଶାଇ ଜେଲ ପଠାଇଥିବା ପୁଲିସ ଅଫିସର ଏବେ ନିଜେ ଅଭିଯୁକ୍ତ । ହାଇକୋର୍ଟଙ୍କ କଡ଼ା ତାଗିଦ୍ ପରେ ଏଚଆରପିସି(ମାନବାଧିକାର ସୁରକ୍ଷା ସେଲ) ପକ୍ଷରୁ ଗତ ଦୁଇଦିନ ତଳେ ସଙ୍ଗୀନ ମାମଲା ରୁଜୁ ହୋଇଛି । କ୍ଷମତାର ଅପବ୍ୟହବାର କରି ଭୁବନେଶ୍ୱରରୁ ଜଣେ ବ୍ୟକ୍ତିଙ୍କୁ ଉଠାଇ ନେଇ ବେଆଇନ ଅଟକ ରଖିବା, ଶାରୀରିକ ନିର୍ଯାତନା ଦେବା ଭଳି ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଟାଉନ୍ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଓ ବଡ଼ବଜାର ଥାନା ଆଇଆଇସି ବାବା ଶଙ୍କର ସରାଫଙ୍କ ବିରୋଧରେ ସଙ୍ଗୀନ ଦଫାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ମାତ୍ର ୩ମାସ ତଳେ ୧୧୪ଜଣ ଚାକିରି ଆଶାୟୀଙ୍କୁ ଜେଲ୍ ପଠାଇ ସେମାନଙ୍କର ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଥିବା ବ୍ରହ୍ମପୁର ଏସଡିପିଓ ଶ୍ରୀ ଛୋଟରାୟ ଏବେ ନିଜେ ଆଇନର ଜାଲରେ ଛନ୍ଦି ହୋଇପଡ଼ିଥିବା ଜଣାପଡ଼ିଛି । ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ, ପୁଲିସ ବିରୁଦ୍ଧରେ ମାମଲା ରୁଜୁ କଲା ପୁଲିସ ସୂଚନା ଅନୁସାରେ, ମୁସ୍ତାକିମ ଖାନ ନାମକ ଜଣେ ଯୁବକଙ୍କୁ ବେଆଇନ ଭାବେ ଅଟକ ରଖିବା ବ୍ରହ୍ମପୁର ପୁଲିସ ଏସଡିପିଓ ପ୍ରିୟସ ରଞ୍ଜନ



ଛୋଟରାୟ ଓ ବ୍ରହ୍ମପୁର ବଡ଼ବଜାର ଥାନା ଆଇଆଇସି ବାବାଶଙ୍କର ସରାଫଙ୍କୁ ମହଙ୍ଗା ପଡ଼ିଛି । ମୁସ୍ତାକିମଙ୍କୁ ୨୦୨୫ ଅଗଷ୍ଟ ୧୨ତାରିଖରେ ଭୁବନେଶ୍ୱରରୁ ଉଠାଇ ନିଆଯାଇ ଦୀର୍ଘ ୧୦ ଦିନ ପର୍ଯ୍ୟନ୍ତ କୌଣସି କୋର୍ଟରେ ହାଜର ନକରି ବେଆଇନ ଭାବେ ବ୍ରହ୍ମପୁର ବଡ଼ବଜାର ଥାନାରେ ଅଟକ ରଖାଯାଇଥିବାର ଅଭିଯୋଗ ହୋଇଥିଲା । ଅଟକ ରଖିବାବେଳେ ତାଙ୍କୁ ଅତି ଅମାନୁଷିକ ଭାବେ ମାଡ଼ ମରାଯିବାର ଅଭିଯୋଗ ହୋଇଥିଲା । ଏହି ମାମଲାରେ ହାଇକୋର୍ଟ ପୁଲିସର କାର୍ଯ୍ୟଶୈଳୀ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ, ଯାହା ପରେ ଏଚଆରପିସି ଦ୍ୱାରା ମାମଲା ରୁଜୁ ହୋଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁଲିସ ବିରୁଦ୍ଧରେ ଏଚଆରପିସି ହିଁ ମାମଲା ରୁଜୁ କରିଛି । ରାଜ୍ୟ ମାନବାଧିକାର ସେଲର ତଦନ୍ତରେ ଖୋଲିଲା ପୁଲିସର ଗୁମର ଏହି ମାମଲାରେ ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍ (ଏଚଆରପିସି) ଡିଏସପି ଅଶୋକ କୁମାର ମହାପାତ୍ର ଏକ ବିସ୍ତୃତ ତଦନ୍ତ କରିଥିବା ଜଣାପଡ଼ିଛି । ତାଙ୍କ ତଦନ୍ତ ରିପୋର୍ଟ ଅନୁସାରେ, ମୁସ୍ତାକିମଙ୍କୁ ଅଗଷ୍ଟ ୧୨ରୁ ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ କୌଣସି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ନକରି ପ୍ରାୟ ୧୧ ଦିନ ଧରି ବେଆଇନ ଅଟକ ରଖାଯାଇଥିଲା, ଯାହା ସଂପୂର୍ଣ୍ଣ ବେଆଇନ ଓ ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ ଥିଲା । ଏହି ଘଟଣାରେ ଏସଡିପିଓ ଓ ଆଇଆଇସିଙ୍କ ସମେତ ଅନ୍ୟ କିଛି ପୁଲିସ କର୍ମଚାରୀଙ୍କ ବିରୋଧରେ ବିଏନଏସର ଧାରା ୧୨୬, ୧୨୭(୪), ୧୧୫(୨) ଏବଂ ୩(୫) ଅନୁସାରେ ମାମଲା ରୁଜୁ କରାଯାଇଛି । ଏବେ ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଡିଏସପି ସାମ୍ପା ଲେଙ୍କାଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି । ଚାକିରି ଆଶାୟୀଙ୍କୁ ଅଭିଯୁକ୍ତ ସଜାଇଥିବା ଏସଡିପିଓ ଏବେ କାଠଗଡ଼ାରେ । ପୁଲିସ ଏସଆଇ ପରୀକ୍ଷା ପାଇଁ ବିଜୟନଗରମ ଯାଉଥିବା ପରୀକ୍ଷାର୍ଥୀଙ୍କୁ ଅଭିଯୁକ୍ତ ଦର୍ଶାଇ ଏଫଆଇଆର ଦେଇଥିଲେ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ । ସେପ୍ଟେମ୍ବର ୩୦ତାରିଖରେ ଗୋଳନ୍ଥରା ଥାନା ଓ ଅକ୍ଟୋବର ୧ତାରିଖରେ କ୍ରାଇମବ୍ରାଂଚରେ ମାମଲା ରୁଜୁ ଶ୍ରୀ ଛୋଟରାୟ ହିଁ କରିଥିଲେ । ଏସଆଇ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଇବା ପୂର୍ବରୁ ପୁଲିସ ନିଜର ମାନବିକତା ଦେଖାଇବାକୁ ବି ଭୁଲିଯାଇଥିଲା ।

ସେହି ଛାତ୍ରଛାତ୍ରୀମାନଙ୍କୁ ରାଜସାକ୍ଷୀ କରିବା ପରିବର୍ତ୍ତେ ଅଭିଯୁକ୍ତ କରି ଜେଲ୍ ପଠାଇବା ସହ ସେମାନଙ୍କ କ୍ୟାରିୟର ଓ ଭବିଷ୍ୟତକୁ ସଙ୍କଟରେ ପକାଇଥିବା ଏସଡିପିଓ ଶ୍ରୀ ଛୋଟରାୟ ଏବେ ଆଇନର କାଠଗଡ଼ାରେ ନିଜେ ଫସି ଯାଇଛନ୍ତି । ଏବେ ସେ ନିଜେ ମାନବାଧିକାର ଉଲ୍ଲଙ୍ଘନ ଏବଂ ଅପରାଧିକ ଷଡ଼ଯନ୍ତ୍ର ମାମଲାରେ ଜଣେ ମୁଖ୍ୟ ଅଭିଯୁକ୍ତ ପାଲଟିଛନ୍ତି ।

# କୁକୁର କାମୁଡ଼ିଲେ ମୋଟା ଅଙ୍କର ଫାଇନ ଦେବ ରାଜ୍ୟ ! ଅସନ୍ତୋଷ ଝାଡ଼ିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ(ଏଜେନ୍ସି):** ବୁଲା କୁକୁର ପ୍ରସଙ୍ଗରେ ମଙ୍ଗଳବାର ଚାଲିଥିବା ଶୁଣାଣି ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସତର୍କ କରାଇଛନ୍ତି ସୁପ୍ରିମକୋର୍ଟ । ଯଦି ବୁଲା କୁକୁର କାହାକୁ କାମୁଡ଼ିବ କିମ୍ବା କୁକୁର କାମୁଡ଼ିବା ଯୋଗୁ କାହାର ମୃତ୍ୟୁ ହେବ, ତା'ହେଲେ ରାଜ୍ୟ ସରକାରଙ୍କ ଉପରେ ସର୍ବୋଚ୍ଚ ଅଦାଲତ ମୋଟା ଅଙ୍କର ଫାଇନ ଲାଗୁ କରିବାକୁ ପଛାଇବେ ନାହିଁ । ସ୍ଥାନୀୟ ପ୍ରଶାସନ ବୁଲା କୁକୁର ନିୟନ୍ତ୍ରଣ ପାଇଁ ଲାଗୁ ହେଉଥିବା ଏବିସି ନିୟମକୁ କାର୍ଯ୍ୟକାରୀ କରିବାରେ ବିଫଳ ହେଉଥିବା ପୀଡ଼ିତମାନେ କୋର୍ଟଙ୍କୁ ଜଣାଇଛନ୍ତି । ଏହା ଶୁଣିବା ପରେ କୋର୍ଟ ଆଜି ଏପରି ଚେତାବନୀ ଦେଇଛନ୍ତି । ସେହିପରି ବୁଲା କୁକୁରମାନଙ୍କୁ ରାସ୍ତାରେ ଖାଇବାକୁ ଦେଉଥିବା ତଥାକଥିତ କୁକୁର ପ୍ରେମୀମାନେ ମଧ୍ୟ ଆକ୍ରମଣ ପାଇଁ ଦାୟୀ ରହିବେ । କୁକୁର କାମୁଡ଼ା ଗୋଟିଏ ଜୀବନବ୍ୟାପୀ ପ୍ରଭାବ ହୋଇ ରହୁଛି ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି । ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହତା ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି ଯେ "ଆମେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଉତ୍ତରଦାୟୀ କରିବୁ । ଏହି ସମସ୍ୟା ଦଶନ୍ଧିରୁ ରହି ଆସିଛି । ଆପଣ ନିଜ ଆଖୁ ହିଁ ସଂସଦ ୧୯୫୦ରୁ ଏହାର ବିଚାର କରୁଥିବା କହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଏହି ସମସ୍ୟା ୧୦୦୦ ଗୁଣ ବଢ଼ି ଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କ୍ଷେତ୍ରରେ ପୂରା ବିଫଳତା ଦେଖିବାକୁ ମିଳିଛି । କୁକୁର କାମୁଡ଼ିବା ଯୋଗୁ ପ୍ରାଣ ହରାଉଥିବା ପ୍ରତ୍ୟେକ ପୁରୁଷ, ମହିଳା, ବୟସ୍କ ଓ ଛୋଟ ପିଲାଙ୍କ ପାଇଁ ଆମେ ଉତ୍ତରଦାୟୀ ସରକାରଙ୍କ ଉପରେ ବଡ଼ଧରଣର କ୍ଷତିପୂରଣ ଲାଗୁ କରିବୁ ।" ଶୁଣାଣି ବେଳେ ଖଣ୍ଡପୀଠ ରାସ୍ତାରେ ବୁଲା କୁକୁରଙ୍କୁ ଖାଇବାକୁ ଦେଉଥିବା ଲୋକଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି । ଏଥିସହ କୁକୁରମାନଙ୍କୁ ସେମାନେ ନିଜ ଘରକୁ ନେଇ ଯାଆନ୍ତୁ ବୋଲି କହିଛନ୍ତି । ଖଣ୍ଡପୀଠ କହିଛନ୍ତି, "କୁକୁରମାନଙ୍କୁ ଖାଇବାକୁ ଦେଉଥିବା ଲୋକମାନଙ୍କୁ ମଧ୍ୟ ଉତ୍ତରଦାୟୀ କରାଯାଉଛି । ଆପଣମାନେ ସେମାନଙ୍କୁ ନିଜ ଘରକୁ ନିଅନ୍ତୁ, ପାଖରେ ରଖନ୍ତୁ । ସେମାନେ ଏଠି ସେଠି ବୁଲିବା, କାମୁଡ଼ିବା ଓ ପିଛା କରିବାକୁ କାହିଁକି ଅନୁମତି ପାଇବେ ? କୁକୁର କାମୁଡ଼ିବାର ପ୍ରଭାବ ଜୀବନ ବ୍ୟାପୀ ରହିଥାଏ ।" ଆଜିର ଶୁଣାଣି ବେଳେ ଖଣ୍ଡପୀଠ ପୁଣି ନିଜର ମତାମତ ରଖିଛନ୍ତି । ବୁଲା କୁକୁର ନିୟନ୍ତ୍ରଣ ପାଇଁ ଲାଗୁ ହୋଇଥିବା ନିୟମକୁ କାର୍ଯ୍ୟକାରୀ କରିବାକୁ ଖଣ୍ଡପୀଠ ଉଭୟ ପକ୍ଷରୁ ଓକିଲଙ୍କୁ ଅନୁରୋଧ କରିଛନ୍ତି । ଖଣ୍ଡପୀଠ କହିଛନ୍ତି, "୧୯୫୭ରେ ଯାହା ହୋଇଥିଲା ତା'କୁ ଲାଗୁ କରିବାର ଉତ୍ତର ଦାୟିତ୍ୱ ଆମେ କେନ୍ଦ୍ର, ରାଜ୍ୟ ଓ ଅନ୍ୟ ସ୍ଥାନୀୟ ଅଧିକାରୀଙ୍କୁ ଦେବାକୁ ଚାହୁଁଛୁ । ଏଥିପାଇଁ ସମସ୍ତ ଓକିଲ ଆମକୁ ଅନୁମତି ଦିଅନ୍ତୁ । ଆମେ ନିର୍ଦ୍ଦେଶ ପାରିତ କରିବାକୁ ଅନୁମତି ଚାହୁଁଛୁ । ଆମେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହ ଅଧା ଦିନ ବିତାଇବାର ଅଛି । ସେମାନଙ୍କ ପାଖରେ କୌଣସି ଯୋଜନା ଅଛି କି ନାହିଁ, ତା'କୁ ଦେଖିବାକୁ ଚାହୁଁଛୁ । ସମସ୍ୟା ହଜାର ଗୁଣ ବଢ଼ି ଗଲାଣି । ଆମେ କେବଳ ବୈଧାନିକ ପ୍ରାବଧାନର କାର୍ଯ୍ୟକାରୀ ଚାହୁଁଛୁ । ଆମକୁ ଏମିତି କରିବାକୁ ଅନୁମତି ଦିଆଯାଉ । ଆମକୁ କାମ କରିବାକୁ ଛଡ଼ା ଯାଉ । ଆମକୁ ଆଗକୁ ବଢ଼ିଆକୁ ଦିଅଯାଉ । ସେହି ପୁରୁଣା କଥା ବାରମ୍ବାର ସାମ୍ନାକୁ ଆସୁଛି । ଏହା ନ୍ୟାୟିକ କାର୍ଯ୍ୟ ସ୍ଥଳ ବଦଳରେ ଗୋଟିଏ ସାର୍ବଜନୀନ ମଞ୍ଚରେ ପରିଣତ ହୋଇଗଲାଣି ।" ଶୁଣାଣିବେଳେ ତଥାକଥିତ କୁକୁର ପ୍ରେମୀଙ୍କୁ ଧୋଇଛନ୍ତି ସୁପ୍ରିମକୋର୍ଟ । ଯେତେବେଳେ ଗୁଜରାଟରେ ଜଣେ ଓକିଲଙ୍କୁ କୁକୁର କାମୁଡ଼ିଥିଲା ସେତେବେଳେ ପୌର କର୍ମଚାରୀମାନେ ବୁଲା କୁକୁରଙ୍କୁ ଧରିବାକୁ ଯାଇଥିଲେ । ହେଲେ ସେମାନଙ୍କୁ ମାଡ଼ ମରାଯାଇଥିଲା । କିଛି ଓକିଲ ଓ ଏହି ସବୁ ତଥାକଥିତ କୁକୁର ପ୍ରେମୀ ଏପରି କରିଥିଲେ ବୋଲି ଖଣ୍ଡପୀଠ କହିଛନ୍ତି । ବୁଲା କୁକୁର ପ୍ରସଙ୍ଗକୁ ଓକିଲ ମେନକା ଗୁରୁସ୍ୱାମୀ ଗୋଟିଏ ଭାବପ୍ରବଣ ପ୍ରସଙ୍ଗ କହିବାରୁ ଏହାର ଜବାବ ଜଷ୍ଟିସ ନାଥ ରଖିଛନ୍ତି । ସେ କହିଛନ୍ତି, "ଭାବପ୍ରବଣତା ଏଯାଏ କେବଳ କୁକୁରଙ୍କ ପାଇଁ ଦେଖିବାକୁ ମିଳିଛି ।" ଏହାର ଜବାବରେ ଗୁରୁସ୍ୱାମୀ କହିଥିଲେ ଯେ "ଏହା ମାମଲା ନୁହେଁ । ମୁଁ ଲୋକଙ୍କ ପାଇଁ ମଧ୍ୟ ସମାନ ଭାବେ ଚିନ୍ତିତ ।" ଜଷ୍ଟିସ ନାଥ ପୁଣି କହିଥିଲେ ଯେ "ଭଲ କଥା । ଗୋଟେ କାମ କରନ୍ତୁ, କୁକୁରଙ୍କୁ ନିଜ ଘରକୁ ନେଇ ଯାଆନ୍ତୁ । କାହିଁକି କୁକୁରମାନେ ବାହାରେ ବୁଲିବେ, କାମୁଡ଼ିବେ ଓ ଲୋକଙ୍କୁ ଡରାଇବେ ?" ଏକଥା କହିବା ପରେ ବୁଲା କୁକୁର ପ୍ରସଙ୍ଗର ଶୁଣାଣି ଶେଷ ହୋଇଛି । ଜାନୁଆରୀ ୨୦ରେ ପୁଣି ଏହାର ଶୁଣାଣି ହେବ ।

ସୋମବାର, ୧୯ରୁ ୨୫ ଜାନୁଆରୀ, ୨୦୨୬

ନିଷ୍କର୍ଷ
NISHKARSHA




## ଏଆଇ କେତେଦୂର ଭରଷା ଯୋଗ୍ୟ

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ପ୍ରଯୁକ୍ତିସମ୍ପନ୍ନ ଯୁଗରେ ଡାଟା ବା ତଥ୍ୟ ନୂଆ ଇନ୍ଧନ ଭାବେ ବିବେଚନା କରାଯାଉଛି। କୁହାଯାଉଛି ଯାହା ପାଖରେ ଯେତେ ତଥ୍ୟ ଅଛି ସେ ସେତେ ଧନୀ। ସେଥିପାଇଁ ତଥ୍ୟ ଗୋଟାଇବା ବା ଜାସୁସୀ କରି ହାତେଇବା ଦିଗରେ ଗୁପ୍ତ ଭାବେ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି। କିନ୍ତୁ ଯେତେବେଳେ ସରକାର ତା'ର ଜନସାଧାରଣଙ୍କ ତଥ୍ୟ ପାଇଁ ବ୍ୟାକୁଳ ହୋଇପଡ଼ିବ, ସେତେବେଳେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସହଜରେ ସୂଚନା ନ ମିଳିଲେ ବିଧିବ୍ୟବସ୍ଥା କରି ନାଗରିକଙ୍କ ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟକୁ ସରକାର ନେଉଛନ୍ତି। ଭାରତରେ ଆଧାର ଏ ଦିଗରେ ସର୍ବାଗ୍ରେ ରହିଛି ଓ ଅଦ୍ୟାବଧି ଏହାର ବୈଧତା ଉପରେ ସାଧାରଣ ସ୍ତରରୁ କୋର୍ଟଯାଏ ଅନେକ ପ୍ରଶ୍ନ ପଚାରି ଗଲିଣି। ଗତ କିଛି ବର୍ଷ ହେବ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ଉପରେ ଭାରତ ସରକାରଙ୍କ ନଜର ପଡ଼ିଛି। ୨୦୨୫ ନଭେମ୍ବର ୨୮ରେ ଦୂରସଞ୍ଚାର ବିଭାଗ (ଡଟ୍) ପକ୍ଷରୁ ସ୍ମାର୍ଟଫୋନ୍ ମୋବାଇଲ ପାଇଁ ଏକ ନିର୍ଦ୍ଦେଶାବଳୀ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ, ଘରୋଇ ହେଉ ବା ବିଦେଶୀ, ସମସ୍ତ ସ୍ମାର୍ଟଫୋନ୍ ନିର୍ମାତା ସେମାନଙ୍କ ନୂଆ ଫୋନ୍ ରେ ସଞ୍ଚାର ସାଥୀର ଆପ୍ ପ୍ରାକ୍-ଅବସ୍ଥାପନ କରିବେ। ଏହା ଦ୍ୱାରା ସନ୍ଦେହମୂଳକ ଫୋନ୍ କୁ ଜାଣିବା ସହ ଡିଜିଟାଲ ଠକାମିକୁ ରୋକି ହେବ ବୋଲି ସରକାରୀ ଭାବେ କୁହାଯାଇଥିଲା। ହେଲେ ଚାରିଆଡ଼ୁ ଘୋର ବିରୋଧ ହେବାରୁ ସରକାର ବୁଝାମଣାକୁ ଯାଇ କହିଲେ ଯେ, ଉକ୍ତ ଆପ୍ ବାଧ୍ୟତାମୂଳକ ନୁହେଁ, ସ୍ମାର୍ଟଫୋନ୍ ବ୍ୟବହାରକାରୀ ତାହାକୁ ଚାହିଁଲେ ଫୋନ୍ ରେ ଇନ୍ ଷ୍ଟଲ ବା ଅନ୍ ଇନ୍ ଷ୍ଟଲ କରିପାରିବେ। ଏହି ଝଡ଼ ସରି ନାହିଁ। ଏବେ ପୁଣି କୁହାଯାଉଛି, ସ୍ମାର୍ଟଫୋନ୍ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣି ସାଇବର ବିପଦକୁ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ମୋବାଇଲ ଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିଜ ଅପରେଟିଂ ସିଷ୍ଟମ୍ ର ସୋର୍ସ କୋଡ୍ ଶେୟାର କରିବାକୁ ପ୍ରସ୍ତାବ ଦିଆଯାଇଛି। ତାହାକୁ ନେଇ ବିବାଦ ଉଠିଲାଣି। ଏପରେ ସୋର୍ସ କୋଡ୍ କହିଲେ କୌଣସି ସଫ୍ଟୱେର, ଆପ୍ କିମ୍ବା ଅପରେଟିଂ ସିଷ୍ଟମ୍ ର 'ମୂଳଲେଖା'କୁ ବୁଝାଏ। ଅର୍ଥାତ୍ ପ୍ରାଞ୍ଜଳ କରି ବୁଝାଇଲେ କମ୍ପ୍ୟୁଟର ପ୍ରୋଗ୍ରାମର୍ ଏକ ସଫ୍ଟୱେର ତିଆରି କରିବା ପାଇଁ ଯେଉଁ ନିର୍ଦ୍ଦେଶାବଳୀ ଲେଖନ୍ତି, ତାହାକୁ ସୋର୍ସ କୋଡ୍ କୁହାଯାଏ। ଏହା ବୈଷୟିକ ଭାଷା ହୋଇଥିବାରୁ ତାହାକୁ ସାଧାରଣରେ ବୁଝିବା କଷ୍ଟକର ହୋଇଥାଏ। ତେଣୁ ଉକ୍ତ କୋଡ୍ କୁ ଏକ 'କମ୍ପାଇଲର' ସହଯୋଗରେ ବାଇନାରୀ କୋଡ୍ (୦ ଓ ୧)ରେ ପରିବର୍ତ୍ତନ କରାଯାଏ, ଯାହାକୁ ମେସିନ ବୁଝିପାରେ। ସ୍ମାର୍ଟଫୋନ୍ ନିର୍ମାତାମାନେ ଉକ୍ତ କୋଡ୍ କୁ ଗୁପ୍ତ ରଖିଥାନ୍ତି। ତାହା ହିଁ ସେମାନଙ୍କ ସମ୍ପତ୍ତି। ସେହି ମୌଳିକ ଗୁପ୍ତ କୋଡ୍ କୁ ସରକାର ହାତେଇ ନେବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି, ତାହା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି। ଅପରେଟିଂ ସିଷ୍ଟମ୍ ର ସୋର୍ସ କୋଡ୍ ପାଇଗଲେ ସରକାର ତାଙ୍କ ମନଇଚ୍ଛାରେ ଯେକୌଣସି ବ୍ୟକ୍ତି ହାତରେ ଧରିଥିବା ଫୋନ୍ ରୁ ସବୁ ତଥ୍ୟ ଉତାରି ନେଇପାରିବେ। ଏପରିକି ବ୍ୟକ୍ତିଗତ ଫଟୋ, ତଥ୍ୟ କିମ୍ବା ଅନ୍ୟ ଗୋପନୀୟ ଆର୍ଥିକ ସୂଚନା ମଧ୍ୟ ହାତେଇ ନେଇପାରିବେ। ଅପରପକ୍ଷେ ସରକାର ସବୁ ନାଗରିକଙ୍କ ଆଧାର ପଞ୍ଜୀକରଣ କରିବାକୁ ବାଧ୍ୟ କରୁଛନ୍ତି। ନାଗରିକର ଆଧାର ନମ୍ବର ସହିତ ତାଙ୍କର ମୋବାଇଲ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ସହିତ ଅନ୍ୟସବୁ ତଥ୍ୟ ଜଡ଼ିତ ରହୁଛି। ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କ ଗୋପନୀୟ ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବେ। ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରହି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।

## କବିତା ଗୁଚ୍ଛ

### ଆସ ଆସ ମା' ସରସ୍ୱତୀ

ଆସ ମା' ସରସ୍ୱତୀ ମଧୁର ସ୍ୱରେ ବୀଣା ବଜାଇ
ତବ ଦରଶନ ପାଇଁ ଆମେ ଦେଇଛୁ ମଣ୍ଡପ ସଜେଇ।
ଦିଅ ମା ଜ୍ଞାନର ଆଲୋକ ଜାଳି ଆମ ହୃଦୟ ମନ୍ଦିରେ
ଅଜ୍ଞାନ ହେଉ ଦୂର, ତବ ଅସୀମ ଆଶିଷ ଢ଼ାଳି ଦିଅ ଅନ୍ତରେ।
ସୁନାର ଅକ୍ଷରେ ଲେଖ ମା', ସପ୍ତସ୍ୱର ସବୁରି ଭିତରେ
ଗାଉଥିବୁ ତବ ବାଣୀ, ବୀଣାପାଣି ମୁକ୍ତ କଣ୍ଠରେ।
ଜଡ଼ମୁଖେ ଭାଷା ଦିଅ, ଦୂର କର ସବୁ କଲୁଷ ବାସନା
ଖୋଲିଦିଅ ଅନ୍ଧପୁଟୁଳି ମା' ଭରିଦିଅ ଉନ୍ନତ ଭାବନା।
ଜୀବନର ଚଲାପଥେ ଭଗବତୀ, ବିଞ୍ଚିଦିଆ କୁସୁମ କୋରକ
ଘରେ ଘରେ ବାଜୁଥାଉ ତୁମର ସେ ଅମୀୟ ସ୍ତବକ।
ତୁମ ଆଗମନେ ହେଉ ଦେବୀ, ବିଦ୍ୟାଳୟ ଉତ୍ସବ ମୁଖର
ପ୍ରାଣେ ପ୍ରାଣେ ଖେଳୁ ଆନନ୍ଦ, ହେଉତବ ଜ୍ୟୋତି ଭାସ୍ୱର।
ବୁଦ୍ଧିର ଦେବୀ, ଶ୍ୱେତ ବସନୀ, ବିଦ୍ୟା ଦାୟିନୀ ମା'
ଆମ କଣ୍ଠରେ ଦିଅ ଦିବ୍ୟ ବାଣୀ, ପଦେ ପଦେ ହୁଅ ସାହା।
ଏହି ବସନ୍ତ ପଞ୍ଚମୀ ତିଥିରେ କରୁଛୁ ମା' ତବ ବନ୍ଦନା
ସତ୍ୟପରେ ସଦା ସାଥେ ରହି କରୁଥାଅ କରୁଣା।

- ଡକ୍ଟର ନୀଳମଣି ସୂତାର
ଖାନନଗର, କଟକ



# ମହାନ ସ୍ୱାଧୀନତା ସଂଗ୍ରାମୀ ଶୈଫୁଦ୍ଦିନ କିଚଲ

ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଆମର ଏମିତି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଅବଧାରଣା ହୁଏ, ଯେଉଁମାନେ ଆମ ଦେଶର ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି। ସେହି ବରପୁତ୍ରମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଶୈଫୁଦ୍ଦିନ କିଚଲୁ। ଶୈଫୁଦ୍ଦିନ କିଚଲୁଙ୍କ ଜନ୍ମ ୧୮୮୮ ମସିହା ଜାନୁଆରୀ ୧୫ ତାରିଖରେ ପଞ୍ଜାବର ଅମୃତସର ଠାରେ ଏକ କାଶ୍ମୀର ମୁସଲିମ ପରିବାରରେ ହୋଇଥିଲା। ସେ ତାଙ୍କ ପ୍ରାରମ୍ଭିକ ଶିକ୍ଷା ଅମୃତସରରେ ଇସଲାମିଆ ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ କରିଥିଲେ। ପରେ ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ଜର୍ମାନ ବିଶ୍ୱବିଦ୍ୟାଳୟରୁ ପିଏଚଡି ହାସଲ କରିଥିଲେ। ୧୯୧୫ ମସିହା ବେଳକୁ ସେ ଭାରତ ପ୍ରତ୍ୟାବର୍ତ୍ତନ କରିବା ପରେ ଅମୃତସର ମ୍ୟୁନିସପାଲିଟି କମିଶନର ଭାବରେ କାର୍ଯ୍ୟାରମ୍ଭ କରିଥିଲେ। ଏହି ସମୟରେ ଦେଶର ସ୍ଥିତି ତାଙ୍କୁ ବ୍ୟଥିତ କରିଥିଲା ଏବଂ ସେ ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସି ରାଓଲଟ ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇ ନିଜର ଦେଶଭକ୍ତି ଓ ରାଷ୍ଟ୍ରବାଦର ପରିଚୟ ଦେଇଥିଲେ। ରାଓଲଟ ଆକ୍ଟକୁ ବିରୋଧ କରିବାରୁ ତାଙ୍କୁ ଓ ଡକ୍ଟର ସତ୍ୟପାଲଙ୍କୁ ଗିରଫ କରାଯାଇଥିଲା। ଏହାର ପ୍ରତିବାଦରେ ୧୯୧୯ ଏପ୍ରିଲ ୧୩ ତାରିଖ ଦିନ ଶତାଧିକ ଲୋକ ଜାଲିଆଁୱାଲାବାଗ ଠାରେ ଏକତ୍ରିତ ହୋଇଥିଲେ। କିନ୍ତୁ ଏହି ଶାନ୍ତିପୂର୍ଣ୍ଣ ଭିଡ ଉପରେ ଜେନରାଲ ଡାୟାରଙ୍କ ନିର୍ଦ୍ଦେଶରେ ଆଖିବୁଜା ଗୁଳିଚାଳନା କରାଯାଇଥିଲା। ଯାହାଦ୍ୱାରା ଶତାଧିକ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାପରେ ଇଂରେଜମାନଙ୍କ ବିରୋଧରେ ସ୍ୱାଧୀନତା ସଂଗ୍ରାମ ତୀବ୍ରତର ହୋଇଥିଲା। ଶୈଫୁଦ୍ଦିନ କିଚଲୁ ପରବର୍ତ୍ତୀ ସମୟରେ ନୌଯବାନ ଭାରତ ସଭାର ସ୍ଥାପନା କରି ଯୁବବର୍ଗଙ୍କୁ ଭାରତର ରାଷ୍ଟ୍ରବାଦ ତଥା ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଶେଅଫୁଦ୍ଦିନ କିଚଲୁ ୧୯୨୦ ମସିହାରେ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ସହ ସମ୍ପାଦକ ଭାବେ ଏହାର ମୂଳଦୁଆ ପକାଇଥିଲେ। ତାହା ସହିତ ୧୯୨୧ ମସିହାରେ ଅମୃତସର ଠାରେ ସ୍ୱରାଜ ଆଶ୍ରମ ସ୍ଥାପନରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହିସୁବ ଅନୁଷ୍ଠାନ ମାଧ୍ୟମରେ ସେ ଯୁବପୀଢ଼ିଙ୍କ ମଧ୍ୟରେ ଶିକ୍ଷାର ମହତ୍ତ୍ୱ ସହିତ ଦେଶାତ୍ମବୋଧ ଓ ଧାର୍ମିକ ଭେଦଭାବରୁ ଉର୍ଦ୍ଧ୍ୱରେ ହିନ୍ଦୁ-ମାସଲମାନ ମଧ୍ୟରେ ଭାଇଚାରାକୁ ସୁଦୃଢ଼ କରିବାର ଅଭିନବ ପ୍ରୟାସ କରିଥିଲେ। ଭାରତ ସ୍ୱାଧୀନତା ସମୟରେ ସେ ଦେଶ ବିଭାଜନକୁ ତୀବ୍ର ବିରୋଧ କରିଥିଲେ ଓ ଏହା ପାଇଁ ଅନେକ ଜନସଭାର ଆୟୋଜନ କରିଥିଲେ। କିନ୍ତୁ ତାଙ୍କ ଏହି ପ୍ରଚେଷ୍ଟା ସତ୍ତ୍ୱେ ଦେଶର ବିଭାଜନକୁ ସେ ରୋକିପାରି ନଥିଲେ। ସେ ଏହାକୁ ସମ୍ପ୍ରଦାୟିକତା ସମ୍ମୁଖରେ ରାଷ୍ଟ୍ରବାଦର ଆତ୍ମସମର୍ପଣ ବୋଲି ଆଖ୍ୟା ଦେଇଥିଲେ। ପରେ ସେ କଂଗ୍ରେସ ପାର୍ଟି ଛାଡ଼ି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନିକଟବର୍ତ୍ତୀ ହୋଇଥିଲେ। ସେ ଅଖିଳ ଭାରତୀୟ ଶାନ୍ତି ପରିଷଦର ପ୍ରତିଷ୍ଠାତ ଏବଂ ଅଧ୍ୟକ୍ଷ ହେବା ସହ ତତ୍କାଳୀନ ବିଶ୍ୱ ଶାନ୍ତି ପରିଷଦ ର ଉପାଧ୍ୟକ୍ଷ ମଧ୍ୟ ଥିଲେ। ୧୯୫୧ ମସିହାରେ ଏକ ସରକାରୀ ଅଧିନିୟମ ଅନୁଯାୟୀ ଜୱାହରଲାଲ ନେହେରୁ ଏବଂ ମୌଲାନା ଅବୁଲ କାଲାମ ଆଜାଦଙ୍କ ସହିତ ତାଙ୍କୁ ଜାଲିଆଁୱାଲାବାଗ ଜାତୀୟ ମେମୋରିଆଲର ଆଜୀବନ ଟ୍ରଷ୍ଟି କରାଯାଇଥିଲା। ୧୯୫୨ ମସିହାରେ ତାଙ୍କୁ ଷ୍ଟାଲିନ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଦେଶ ପାଇଁ ନିଜ ଜୀବନର ଶେଷ ସମୟ ପର୍ଯ୍ୟ କାର୍ଯ୍ୟରତ ରହି ସେ ୧୯୬୩ ମସିହା ଅକ୍ଟୋବର ୦୯ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ମହାନ ନେତା ନିଜ କାର୍ଯ୍ୟ ମାଧ୍ୟମରେ ବର୍ତ୍ତମାନର ଯୁବପୀଢ଼ିଙ୍କୁ ଦେଶ ମଧ୍ୟରେ ଯେକୌଣସି ପରିସ୍ଥିତିରେ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖି ସାମାଜିକ ସୌହାର୍ଦ୍ଦ୍ୟକୁ ଦୃଢ଼ କରିବାକୁ ଶିକ୍ଷା ଦେଇ ଯାଇଛନ୍ତି; ଯାହା ପ୍ରତି ଆମେ ସମସ୍ତେ ଭାରତୀୟ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ।

**ମହମ୍ମଦ ଓବୈଦୁଲ୍ଲା**

# ଭିନ୍ନ ମଣିଷ

**ଅଜିତ କୁମାର ତ୍ରିପାଠୀ**

ସବୁ ଗସ୍ତଠୁଁ ଏ ଗସ୍ତ ନିଆରା। ଛବିଶଗଡ଼ ରାଜ୍ୟର ଯୁଗ୍ମ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ସୋମନାଥ ଅନେକଦିନ ପରେ ଯାଉଛନ୍ତି, ନିଜର ପ୍ରିୟ ଜିଲ୍ଲା ଅମରାବତୀ। ସରକାରୀ ଆମ୍ବାସାଡ଼ର ଗାଡ଼ିଟି ଧୀର ଗତିରେ ଆଗେଇ ଚାଲିଛି ରାଜପଥରେ। ଗତିବେଗ କୌଣସିଠାରେ ହୋଇପାରୁନାହିଁ ଘଣ୍ଟାକୁ କୋଡ଼ିଏ କିଲୋମିଟରରୁ ଅଧିକ। ରାସ୍ତାଯାକ ଖାଲଢ଼ିପ। ରାସ୍ତାର ପିଚୁ ଉଠିଯାଇ, କେଉଁଠିକେଉଁଠି ଗେଟି ବାହାରିପଡ଼ିଛି ତ, କେଉଁଠି ଫୁଟେ ଦୁଇଫୁଟ ଗଭୀରର ଖାଲ। କେତେକ ଖାଲ ଏତେ ବଡ଼ ଓ ଗଭୀର ଯେ ସେଥିରେ ଗାଡ଼ି ପଡ଼ିଗଲେ ଷ୍ଟାର୍ଟ ବନ୍ଦ ହୋଇଯାଉଛି। ଫାଷ୍ଟ ଗିଅର ନ ପଡ଼ିଲେ ଗାଡ଼ି ବଙ୍କୁନାହିଁ। ଏପରି ଗୋଟିଏ ଗାତରେ ପଡ଼ିଯାଇ ଟ୍ରକ୍ଟିଏ ଉପରକୁ ମୁଣ୍ଡଟେକି ପଛଚକ ଗାରୋଟି ଉପରେ ଛିଡ଼ାହୋଇଥିବାର ଦେଖିଲେ ସୋମନାଥ। ରାଜପଥର ଏପରି ଦୃଶ୍ୟ ବୋଧେ କେବଳ ଛବିଶଗଡ଼ ରାଜ୍ୟରେ ହିଁ ଦେଖିବାର ସୌଭାଗ୍ୟ ମିଳେ। ମନେମନେ ଧନ୍ୟବାଦ ଦେଉଥିଲେ ସୋମନାଥ ଲାହିଡ଼ି, ବିରଳା ପରିବାରଙ୍କୁ, ଯେଉଁମାନେ ଭାରତୀୟ ରାସ୍ତା ପାଇଁ ତିଆରି କରିଥିଲେ ଆମ୍ବାସାଡ଼ର ଗାଡ଼ି। ଭାରତର ଦାରିଦ୍ର୍ୟକୁ ଦୁଇଜଣ ଲୋକ ଠିକ୍ ଚିହ୍ନିଥିଲେ- ମହାତ୍ମାଗାନ୍ଧୀ ଓ ବିରଳା। ସେଥିପାଇଁ ତ ଗାନ୍ଧିଜୀ ଦିଲ୍ଲୀରେ ବିରଳାଙ୍କ ଅତିଥି ହେଉଥିଲେ। କୋଟିପତି ବିରଳାଙ୍କ ସମ୍ବନ୍ଧରେ ଏକ ଛୋଟିଆ ହାସ୍ୟରସାତ୍ମକ କଥା ସୋମନାଥଙ୍କ ମନେପଡ଼ିଲା। ଶରୀର ତ୍ୟାଗ ପରେ ବିରଳା ଯାଇ ନରକର ଦ୍ୱାରଦେଶରେ ଲମ୍ବିଥିବା ଲାଇନ୍‌ରେ ନମ୍ରଭାବେ ଛିଡ଼ା ହୋଇଥିଲେ। ପାଞ୍ଜି ପଢ଼ି ଚିତ୍ରଗୁପ୍ତ ତାଙ୍କର ନରକ-ତାଲିକାରେ ନାଁ ନାହିଁ ବୋଲି କହିଲେ। ସ୍ୱର୍ଗ- ତାଲିକାରେ ତାଙ୍କ ନାଁ ଥିବାର ସେ ଦେଖାଇଲେ। ଉତ୍ସୁକ ବିରଳା ପଚାରିଲେ, କେଉଁ କର୍ମରୁ ସେ ସ୍ୱର୍ଗ ଯିବାର ସୌଭାଗ୍ୟ ପାଇଛନ୍ତି ? ଚିତ୍ରଗୁପ୍ତ ପାଞ୍ଜିପଢ଼ି କହିଲେ, ଭାରତ ଉପମହାଦେଶର ରାସ୍ତାପାଇଁ ଆମ୍ବାସାଡ଼ର ଗାଡ଼ି ତିଆରି କରିବାର ପୁଣ୍ୟ, ତାଙ୍କର ଅନ୍ୟ ସମସ୍ତ ପାପକୁ ଧୋଇଦେଇଛି- ତେଣୁ ସେ ନିଃଶଙ୍କରେ ସ୍ୱର୍ଗଦ୍ୱାରରେ ପ୍ରବେଶ କରନ୍ତୁ। ସୋମନାଥଙ୍କର ମନେପଡୁଥିଲା, ସେ ଜିଲ୍ଲାପାଳ ଥିବା ସମୟର ଦିନକଥା। ଏ ଭିତରେ ବିତିଗଲାଣି ଦୀର୍ଘ ଆଠବର୍ଷ ହେଲେ, କାଲିଭଳି ଲାଗୁଛି। ଜିଲ୍ଲାପାଳମାନଙ୍କୁ ସେତେବେଳେ ଦିଆଯାଉଥିଲା କନା-ହୁଡ଼ବାଲା ଜିପ୍। ସେଇ ଜିପ୍‌ରେ ରାଜଧାନୀରୁ ଅମରାବତୀ ଆସିବାକୁ ଲାଗୁଥିଲା ସାତଘଣ୍ଟା। ଏବେ କାର୍‌ରେ ଲାଗୁଛି ବାରଘଣ୍ଟାରୁ କିଛି ସମୟ ଅଧିକ।

ଭଗବାନ କହିଥିଲେ- ବ୍ୟକ୍ତିଗତ ସ୍ୱାର୍ଥ ରାଗଦ୍ୱେଷ ନ ରଖି ଏବଂ ଅହଂକାର ପରିତ୍ୟାଗ କରି ସମସ୍ତ କର୍ମକୁ ଈଶ୍ୱରଙ୍କୁ ସମର୍ପିତ କରି ସମଭାବାପନ୍ନ ହୋଇ କର୍ମ କରିଯାଅ- କର୍ମଫଳ ଅବଶ୍ୟ ମିଳିବ। ତାଙ୍କୁ ଈଶ୍ୱରଙ୍କ ପ୍ରସାଦ ରୂପେ ଗ୍ରହଣ କର, ତା' ହେଲେ ସୁଖ କିମ୍ବା ଦୁଃଖ ତୁମକୁ ବିବ୍ରତ କି ବିଚଳିତ କରିବନାହିଁ। ଏଭଳି ସମର୍ପିତ କର୍ମ ମଧ୍ୟ କୌଣସି ପ୍ରାରବ୍ଧ ସୃଷ୍ଟି କରିବ ନାହିଁ। ଭଗବତ୍‌ଗୀତା ହିଁ ତ ସୋମନାଥଙ୍କର ସବୁଠାରୁ ବଡ଼ ପ୍ରେରଣା, ଆଉ ସବୁଠାରୁ ମହତ୍ ଆଶ୍ରୟ। ଜିଲ୍ଲା ପରିସୀମାରେ ଦିଶିଲା ପରିଚିତ ସାଇନ୍‌ବୋର୍ଡ଼ଟି- "ଅମରାବତୀ ଜିଲ୍ଲା ଆପଣଙ୍କୁ ସ୍ୱାଗତ କରୁଛି"। ଏଇ ସାଇନ୍‌ବୋର୍ଡ଼ଟି ପ୍ରଥମେ ସୋମନାଥଙ୍କ ନିର୍ଦ୍ଦେଶରେ ଲଗାଯାଇଥିଲା, ଜିଲ୍ଲାର ଚାରୋଟି ସ୍ଥାନରେ, ଯେଉଁଠି ଅନ୍ୟ ଜିଲ୍ଲାର ସୀମା ପାରିହୋଇ ଜଣେ ପ୍ରବେଶ କରୁଥିଲା ଅମରାବତୀରେ। ଜିଲ୍ଲାପାଳ ଥିଲାବେଳେ ସୋମନାଥଙ୍କ ଗାଡ଼ି ଯେତେବେଳେ ଏଇ ବୋର୍ଡ଼ଟି ପାରିହୋଇ ନିଜ ଜିଲ୍ଲାକୁ ପ୍ରବେଶ କରୁଥିଲା, ଏଇ ଅପୂର୍ବ ଦାୟିତ୍ୱବୋଧ ହଠାତ୍ ଯେପରି ତାଙ୍କୁ ଗ୍ରାସ କରୁଥିଲା। ଏଥର ଯାହା ଦେଖିବି, ସେ ସମସ୍ତରେ ମୋ' ପାଇଁ କିଛି କର୍ତ୍ତବ୍ୟ ଅଛି ନା ନାହିଁ, ମୋତେ ସେଥିପାଇଁ ନିଷ୍ପତ୍ତି ନେବାକୁ ହେବ। ଏହି ସଚେତନତା ଯେପରି ତାଙ୍କର ସ୍ନାୟୁଗ୍ରନ୍ଥିକୁ ଆହୁରି ସକ୍ରିୟ କରି ଗଢ଼ିତୋଳୁଥିଲା। ଏମିତି କେତେ ପୂର୍ବାନୁଭୂତି ଭାବୁଭାବୁ ଜିଲ୍ଲାର ସଦରମହକୁମା କେତେବେଳେ ଆସିଯାଇଛି। ରାସ୍ତାର ଦୟନୀୟ ଅବସ୍ଥା କଥା ହିସାବକୁ ନେଇ ଯାତ୍ରା ଆରମ୍ଭ କରିଥିଲେ ବି ସୋମନାଥଙ୍କର ବିଳମ୍ବ ହୋଇଛି ଅଧଘଣ୍ଟାଏ। ସର୍କିଟ୍ ହାଉସ୍‌ରେ ପହଞ୍ଚି ସୋମନାଥ ଦେଖିଲେ, ସେଠି ଅସମ୍ଭବ ଭିଡ଼। କାରଣ ଅନୁମାନ କରିବାକୁ ଅସୁବିଧା ହେଲା ନାହିଁ ସୋମନାଥଙ୍କୁ। କୌଣସି ମନ୍ତ୍ରୀଙ୍କର ଗସ୍ତ ନିଶ୍ଚୟ। ମନ୍ତ୍ରୀଙ୍କ ଗସ୍ତବେଳେ ତାଙ୍କ ପାଖରେ କ୍ଷମତାସୀନ ରାଜନୈତିକ ଦଳର ଜିଲ୍ଲାକର୍ମୀମାନଙ୍କର ଏଭଳି ଭିଡ଼ ସ୍ୱାଭାବିକ, ଆଉ ଭାରତୀୟ ଗଣତନ୍ତ୍ରରେ ଖୁବ୍ ପୁରାତନ। ସୌଭାଗ୍ୟର କଥା, ସୋମନାଥଙ୍କୁ ଦିଆଯାଇଥିବା ରୁମ୍‌ଟି ଜିଲ୍ଲାପାଳ ସଂରକ୍ଷଣ କରିଛନ୍ତି। ଛବିଶଗଡ଼ ରାଜ୍ୟରେ ଅନେକ ରାଜସ୍ୱ ଓ ପି.ଡବ୍ଲୁ.ଡି. ବଙ୍ଗଳାରେ ଏବେ ସରକାରୀ ସଂରକ୍ଷଣକୁ ଖାତିର ନ କରି କୁଜି ନେତାମାନେ ଆସ୍ଥାନ ମାଡ଼ିବସୁଛନ୍ତି। କେହି ତାଙ୍କୁ ପାଟି ଫିଟେଇବାର ଜୁ' ନାହିଁ। ସେମାନେ ଦଖଲ ଛାଡ଼ିଲାବେଳକୁ ସେ ଡାକବଙ୍ଗଳାଗୁଡ଼ିକର ଯେଉଁ ଅବସ୍ଥା, ନ ଦେଖିଲେ ବିଶ୍ୱାସ କରିହେବନାହିଁ। ଏହି କାରଣରୁ ଦୂର ଜାଗାକୁ ଗସ୍ତରେ ଆସିବା ପାଇଁ ମଧ୍ୟମ ପାହ୍ୟାର ଅଫିସରମାନେ ଡରୁଛନ୍ତି। ଅତି ବଡ଼ବଡ଼ିଆ ଅଫିସରଙ୍କ କଥା ଅଲଗା। ଅମରାବତୀ ଜିଲ୍ଲାର ଯେଉଁ କର୍ମୀମାନେ ସୋମନାଥଙ୍କୁ ଚିହ୍ନିପାରିଲେ, ସେମାନେ ଭିଡ଼କୁ ଆଡ଼େଇ ତାଙ୍କ ପାଇଁ ରାସ୍ତା କରିଦେଲେ, ନିଜ ରୁମ୍‌ରେ ପହଞ୍ଚିବା ପାଇଁ। ପ୍ରଥମ କାର୍ଯ୍ୟକ୍ରମ ଥିଲା ଜିଲ୍ଲାପାଳଙ୍କ ସହ ଜିଲ୍ଲାଗସ୍ତର କାର୍ଯ୍ୟସୂଚୀ ବିଷୟରେ ଆଲୋଚନା। ଜିଲ୍ଲାପାଳ ଚାହିଁଥିଲେ ସର୍କିଟ ହାଉସ୍ ଆସିବାକୁ। ସୋମନାଥ ମନାକଲେ। ଏଠି ଏତେ ଭିଡ଼ ହୋଇଛି ଯେ ଜିଲ୍ଲାପାଳଙ୍କୁ ଦେଖିଲେ, ନେତାମାନେ ତାଙ୍କୁ ଭେଟିବାକୁ ଭିଡ଼ କରିବେ। ଅମରାବତୀରୁ ନିର୍ବାଚିତ ମନ୍ତ୍ରୀ ମହୋଦୟ ମଧ୍ୟ ନିଜର ଗୁରୁତ୍ୱ ବଢ଼ାଇବା ପାଇଁ ଜିଲ୍ଲାପାଳଙ୍କୁ ପାଖରେ ଖଟଉପରେ ବସାଇ ଜିଲ୍ଲାର ନେତା ଓ କର୍ମୀଙ୍କର ଅଭିଯୋଗ ଶୁଣିବେ। ସେଇ ଖଟଉପରେ ବସିଥିବେ ଅମରାବତୀ ଜିଲ୍ଲାର ଦେଶୀ ଓ ବିଦେଶୀ ମଦ ଦୋକାନର ଭେଣ୍ଡର, ଚିନି-ଚାଉଳର କଣ୍ଟ୍ରୋଲ ଡିଲର, କୁଜିରୁ ବଡ଼ ଠିକାଦାର, ଆଉ ଦାଦାଗିରି କରୁଥିବା ପେଶାଦାର ଗୁଣ୍ଡା। ଜିଲ୍ଲାପାଳଙ୍କୁ ଏଭଳି ଅବସ୍ଥାରେ ନ ପକାଇବା ପାଇଁ ସୋମନାଥ ଠିକ୍‌କଲେ, ସେ ଜିଲ୍ଲାପାଳଙ୍କ ବସା-ଅଫିସ୍‌କୁ ନିଜେ ଯାଇ କଥା ହେବେ। ଜିଲ୍ଲାପାଳଙ୍କ ବସା-ଅଫିସ୍‌ର ପ୍ରତୀକ୍ଷା ଗୃହ ବାଟ ଦେଇ ଅଫିସ୍ ପ୍ରବେଶକୁ ଯିବାକୁ ହୁଏ। ସୋମନାଥ ପ୍ରତୀକ୍ଷା ଗୃହରେ ପ୍ରବେଶକରି ଦେଖିଲେ, ଚଟାଣ ଉପରେ ବସିଥିବା ଲୋକଟିଏ ଚିହ୍ନାଚିହ୍ନା ମୁହଁ। ଆରେ, ଇଏତ ଘନଶ୍ୟାମ କୁଣ୍ଡେ- ଯାହାର ଦୁଇଟିଯାକ ଗୋଡ଼ ପିଲାଦିନୁ ପୋଲିଓଗ୍ରସ୍ତ। ଘନଶ୍ୟାମ ଚାଲିପାରେ ନାହିଁ କି ଛିଡ଼ା ହୋଇପାରେ ନାହିଁ। ବସିବସି ଦୁଇହାତରେ ଭରାଦେଇ ଗତି କରେ, ଗୋଡ଼କୁ କେବଳ ଘୋଷାରିଘୋଷାରି। ହାତପାପୁଲି ପାଦର କାମ କରେ ବୋଲି ସେଥିରେ ବିଶେଷ ଭାବେ ତିଆରି ଜୋତା ବା ଚଟି ପିନ୍ଧେ। ମୁହଁ ତଳକୁ କରି ବସିଥିବାରୁ ଘନଶ୍ୟାମ ସୋମନାଥଙ୍କୁ ଦେଖିପାରିନାହିଁ। ସୋମନାଥ ତାକୁ ଚିହ୍ନିବାରେ ଭୁଲ୍ କରିବେ କିପରି ? ସେ ଅମରାବତୀର ଜିଲ୍ଲାପାଳ ଥିଲାବେଳଠାରୁ ଘନଶ୍ୟାମକୁ ଜାଣିଛନ୍ତି। ଘନଶ୍ୟାମ ବାପା- ମା' ଛେଉଣ୍ଡ, ତା ସାଙ୍ଗକୁ ତା'ର ଏଇ ଶାରୀରିକ ଅକ୍ଷମତା। ଅମରାବତୀର ପ୍ରସିଦ୍ଧ ଗୋପୀନାଥ ମନ୍ଦିରର ପୂଜକମାନେ ଦୟାକରି ତାକୁ ମନ୍ଦିର ବେଢ଼ାରେ ଥିବା ଧର୍ମଶାଳାରେ ଗୋଟିଏ ପ୍ରକୋଷ୍ଠରେ ରହିବାକୁ ଦେଇଥିଲେ। ଦୁଇଓଳି ଗୋପୀନାଥଙ୍କ ପାଖରେ ଭୋଗ ଲାଗୁଥିବା ଅନ୍ନପ୍ରସାଦରୁ, ଯେଉଁଦିନ ଯେଉଁ ପୂଜକ- ପରିବାରର ଭାଗ, ସେଥିରୁ ଘନଶ୍ୟାମ ପାଉଥିଲା ତା'ର ଭୋଜନ। ପିଲାଟିଦିନୁ ଗୋପୀନାଥଙ୍କ କୃପାରୁ ଏଥିରେ ତା'ର କିଛି ଅସୁବିଧା ହୋଇ ନ ଥିଲା। ମାଗିଯାଚି ବହିଖାତା, କଲମ କିଣି ଯେଉଁଦିନ ଅମରାବତୀ କଲେଜରୁ ବି.ଏ. ପାସ୍ କରିଥିଲା, ମନ୍ଦିର ପରିଚାଳନା କମିଟି ଓ ପୂଜକ ସମ୍ପ୍ରଦାୟ ତାକୁ ଆଶୀର୍ବାଦ କରିବାକୁ ମନ୍ଦିର ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ସଭାଟିଏ ଆୟୋଜନ କରିଥିଲେ। ଲୋକପ୍ରିୟ ଜିଲ୍ଲାପାଳ ସୋମନାଥଙ୍କୁ ସେଦିନ ମୁଖ୍ୟ ଅତିଥିଭାବେ ନିମନ୍ତ୍ରଣ କରାଯାଇଥିଲା। ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଘନଶ୍ୟାମ ସାଙ୍ଗରେ ଅଳ୍ପସମୟ କଥାବାର୍ତ୍ତା କରି ସୋମନାଥ ଜାଣିପାରିଥିଲେ, ତା'ର ଉଚ୍ଚଶିକ୍ଷା ପାଇଁ ଆଗ୍ରହ ରହିଛି; କିନ୍ତୁ ଅର୍ଥାଭାବ ଥିଲା ସବୁଠାରୁ ବଡ଼ ପ୍ରତିବନ୍ଧକ। ଅମରାବତୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ଗୋଟିଏ କନିଷ୍ଠ କିରାଣୀ ପୋଷ୍ଟ ଖାଲିଥିଲା। ସଂସ୍ଥାର ଚେୟାରମ୍ୟାନ୍ ଭାବେ ସୋମନାଥ ସେଥିରେ ମୁକରିର କରିଥିଲେ ଘନଶ୍ୟାମକୁ, ମାସିକ ପାଞ୍ଚଶହଟଙ୍କା ଭାବେ। ଏଭଳି ଏକ ପ୍ରତିଭାକୁ ଯତ୍‌କିଞ୍ଚିତ ସାହାଯ୍ୟ କରିପାରିଥିଲେ ବୋଲି ବେଶ୍ ସନ୍ତୋଷ ଲାଭ କରିଥିଲେ ସୋମନାଥ। ଏବେ କେଉଁ ଦୁଃଖ ବା ଅଭିଯୋଗ ନେଇ ଘନଶ୍ୟାମ ଅପେକ୍ଷା କରିଛି ଜିଲ୍ଲାପାଳ ରେସ୍‌ଅଫିସ୍‌ର ପ୍ରତୀକ୍ଷା ଗୃହରେ ? ଅମରାବତୀ ଜିଲ୍ଲାପାଳଙ୍କ ସଙ୍ଗେ ଆସନ୍ତା ଦୁଇଦିନର ଗ୍ରାମାଞ୍ଚଳ ଗସ୍ତର ସୂଚୀ ନିର୍ଣ୍ଣୟ କଲାପରେ ସୋମନାଥ ତାଙ୍କୁ କହିଲେ, ଘନଶ୍ୟାମକୁ ଭିତରକୁ ଡାକିବାକୁ। ଘନଶ୍ୟାମ ସେମିତି ବସିବସି ଆସିଲା। ଏଥର ସୋମନାଥଙ୍କୁ ଦେଖି ସେ ଅତ୍ୟନ୍ତ କୃତଜ୍ଞତାର ସହ ତାଙ୍କ ପାଦଛୁଇଁ ପ୍ରଣାମ କଲା। ସ୍ନେହରେ ସୋମନାଥ ଯେତେବେଳେ ତା' ମୁଣ୍ଡରେ ହାତ ବୁଲାଇ ଆଶୀର୍ବାଦ କଲେ, ସେ କୋହ ସମ୍ଭରଣ କରିପାରିଲା ନାହିଁ। ସୋମନାଥଙ୍କ ପାଦକୁ ଜାବୁଡ଼ିଧରି କିଛିବେଳ ଢେର୍ କାନ୍ଦିଲା। ଜିଲ୍ଲାପାଳ ବ୍ୟସ୍ତ ହୋଇ ଏ ଅଭିନୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ। ସୋମନାଥ ତାଙ୍କୁ ବାରଣ କଲେ, "ତାକୁ କାନ୍ଦିବାକୁ ଦିଅନ୍ତୁ। ତା'ର କ'ଣ ଅସୁବିଧା ହୋଇଛି, ମୁଁ ଶୁଣେ।" "କୁହ ଘନଶ୍ୟାମ, ନିର୍ଭୟରେ କୁହ। କ'ଣ ଅସୁବିଧା ହୋଇଛି ?"

"ସାର୍, ଆପଣ ଗଲାପରେ ମୋ'ର ତିନିବର୍ଷ ଚାକିରିରେ ଅସୁବିଧା ହୋଇନାହିଁ। ପ୍ରତି ତିନିମାସକୁ ଥରେ ମୋର ଅସ୍ଥାୟୀ ନିଯୁକ୍ତି ପତ୍ର ବାହାରେ। ଖୁବ୍ ମନଲଗାଇ ମୁଁ କାମ କରୁଥିଲି, ସାର୍। କିନ୍ତୁ ରାଜ୍ୟ ସରକାରଙ୍କଠାରୁ ନିର୍ଦ୍ଦେଶ ଆସିଲା, ଡି.ଆର.ଡି.ଏ. ମାନଙ୍କରେ ହୋଇଥିବା ସମସ୍ତ ଅନିୟମିତ ଅସ୍ଥାୟୀ ନିଯୁକ୍ତିକୁ ଯାଞ୍ଚ କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଅର୍ଥବିଭାଗ ଏସବୁ ଅନୁମୋଦନ ନ କଲାଯାଏ କୌଣସି ଅସ୍ଥାୟୀ କର୍ମଚାରୀ ଦରମା ପାଇବେ ନାହିଁ। ମୋ' କେଶ୍‌ଟି ଅନ୍ୟମାନଙ୍କ ସହ ବିଚାର ପାଇଁ ପଠାଗଲା। ଆପଣ ତ ମୋ' କଥା ଜାଣନ୍ତି, ରାଜଧାନୀ ଯାଇ ଧରାଧରି କରିପାରିଲି ନାହିଁ। ରାଜଧାନୀରୁ ଖବର ଆସିଥିଲା, ପଚାଶହଜାର ଟଙ୍କା ପଠାଇଲେ ସରକାର ଏହି ଅସ୍ଥାୟୀ ଚାକିରିକୁ ନିୟମିତ କରିଦେବେ। ଏତେ ଟଙ୍କା ମୁଁ କୁଆଡୁ ଯୋଗାଡ଼ କରିଥା'ନ୍ତି। ମୋ' ଅସ୍ଥାୟୀ ନିଯୁକ୍ତି ମଞ୍ଜୁର ହେଲା ନାହିଁ। ଖବର ଆସିଲା ଯେ ନିୟମିତ ଭାବେ ଶୂନ୍ୟସ୍ଥାନ ବିଜ୍ଞାପିତ ନ ହୋଇ ଓ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜକୁ ଖବର ନ ଦେଇ, ବିନା ପରୀକ୍ଷାରେ ଏ ଶୂନ୍ୟସ୍ଥାନ ପୂର୍ଣ୍ଣ କରାଯାଇଛି, ତେଣୁ ତାହା ବାତିଲ କରାଗଲା। ମୁଁ ଚାରିବର୍ଷ ହେଲା ବେକାର। ସେଇ ଗୋପୀନାଥଙ୍କ ପ୍ରସାଦରେ ବଞ୍ଚିରହିଛି।"

"ତୁମେ ତ ଉଚ୍ଚଶିକ୍ଷା ନେବ ବୋଲି କହୁଥିଲ। ଆଉ କ'ଣ ପଢ଼ିଲ ?"

ଏବର ଜିଲ୍ଲାପାଳଙ୍କୁ ଠିକ୍ ଏହି ପ୍ରଶ୍ନ ପଚାରିଲେ ସୋମନାଥ।

"ନା ସାର୍, ଏ ବେନିୟମ ନିଯୁକ୍ତି ଦେଇ କିଏ କାହିଁକି ନିଜ ମୁଣ୍ଡକୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଡାକିଆଣିବ ? ଅର୍ଥ ବିଭାଗ ଏସବୁ କଡ଼ାକଡ଼ି ଦେଖୁଛି। ସବୁ ଅସ୍ଥାୟୀ ନିଯୁକ୍ତିକୁ ଅର୍ଥ ବିଭାଗ ମଞ୍ଜୁରୀ ନ କଲେ ଟ୍ରେଜେରୀରୁ ଦରମା ମିଳୁନାହିଁ। ମୋ' ପୂର୍ବରୁ ଦୁଇଜଣ ଜିଲ୍ଲାପାଳ ଲେଖିଥିଲେ ଘନଶ୍ୟାମ କଥା- ଲାଭ କିଛି ହେଲାନାହିଁ। ସବୁଥର ସେଇ ଏକା କଥା ଉଚ୍ଚ ନ୍ୟାୟାଳୟର ରାୟ ଅଛି, ଅନିୟମିତ ନିଯୁକ୍ତି ପାଇଥିବା କୌଣସି ପିଲାଦିନୁପ୍ରାର୍ଥୀର ଅଧିକାର ନାହିଁ, ନିୟମିତ ନିଯୁକ୍ତି ପାଇଁ ଦାବି କରିବାକୁ। ତା' ଛଡ଼ା ଅନେକ ଶୂନ୍ୟସ୍ଥାନ ତ ବାତିଲ୍ କରିଦିଆଗଲାଣି, ଆଉ ଚାକିରିପାଇଁ ପରୀକ୍ଷା କେଉଁଠି ହେଉଛି ଯେ କିଏ କାହାକୁ କ'ଣ ସାହାଯ୍ୟ କରିପାରିବ ?" ସୋମନାଥଙ୍କର ମନେପଡୁଥିଲା, ତାଙ୍କ ଜେଜେବାପା ନୀଳକଣ୍ଠ କଥା। ପାଟଣା ବିଶ୍ୱବିଦ୍ୟାଳୟରୁ ୧୯୦୪ରେ ଅନର୍ସ ସହ ବି.ଏ ପାସ୍ କଲାପରେ ସେ ଦେଖାକରିଥିଲେ ହଜାରିବାଗ ଜିଲ୍ଲାପାଳଙ୍କୁ, ସେତେବେଳେ ଆଇ.ସି.ଏସ୍. ସାହେବ ଜିଲ୍ଲାପାଳ। ଚାକିରି ପାଇଁ ସୁପାରିଶକରି ସିଧା ଗଭର୍ଣ୍ଣରଙ୍କୁ ଜିଲ୍ଲାପାଳ ଚିଠି ଲେଖିଥିଲେ, ନୀଳକଣ୍ଠଙ୍କର ପରିବାରର ପରିଚୟ ଦେଇ। ମାସକ ଭିତରେ ନୀଳକଣ୍ଠ ଗଭର୍ଣ୍ଣରଙ୍କ ଦ୍ୱାରା ନିଯୁକ୍ତି ପାଇଥିଲେ, ଡେପୁଟି କଲେକ୍ଟର ଭାବେ। ନୀଳକଣ୍ଠଙ୍କ ବାପା ହରିହର ଥିଲେ ହଜାରିବାଗ ଜିଲ୍ଲା ସ୍କୁଲର ସଂସ୍କୃତ ପଣ୍ଡିତ। କୌଣସି ଉଚ୍ଚ ମହଲରେ ତାଙ୍କର ଧରାଧରି କରିବାର ଆଦୌ ସୁଯୋଗ ନଥିଲା। କିନ୍ତୁ ପୁଅକୁ ଉଚ୍ଚଶିକ୍ଷିତ କଲାପରେ ଆଉ ତାକୁ କୌଣସି ଚିନ୍ତା କରିବାକୁ ପଡ଼ି ନଥିଲା। ସେତେବେଳର ଗୋରା କଲେକ୍ଟର ଆଉ ବିଦେଶୀ ସରକାର ମଧ୍ୟ ପ୍ରତିଭାର ଉପଯୁକ୍ତ ସମ୍ମାନ ଦେଉଥିଲେ। ଦୁଇଟି ହାତରେ ଦୁଇଟି ଗୋଡ଼ର ମଧ୍ୟ ସମସ୍ତ କାର୍ଯ୍ୟ ସମାପନ କରି, ପିଲାଦିନୁ କେତେ ବାଧାବିଘ୍ନର ସମ୍ମୁଖୀନ ହୋଇ, ଘନଶ୍ୟାମ ଆଜି ଉଚ୍ଚଶିକ୍ଷିତ ବେକାର। ଦଶବାର ଦିନରେ ଥରେ ଆସି ଚଟାଣରେ ବସି ଜିଲ୍ଲାପାଳଙ୍କ ଦୟାକୁ ବର୍ଷବର୍ଷ ଧରି ପ୍ରତୀକ୍ଷା କରିଛି ସେ। ସେଇ ଅମରାବତୀରେ, ମାଟ୍ରିକ୍ ପାସ୍ ନ କରି ଅନ୍ୟମାନେ ପ୍ରାଥମିକ ଶିକ୍ଷକ ହୋଇ ଚାରିହଜାର ଟଙ୍କା ଦରମା ନେଉଛନ୍ତି। ଏମ୍.ଏ. ଏମ୍.ଏସ୍‌ସି.ରେ ଶତକଡ଼ା ଚାଳିଶ ବୟାଳିଶ ମାର୍କ ରଖି ଘରୋଇ କଲେଜର ଅଧ୍ୟାପକମାନେ ସରକାରୀ ଅନୁଦାନରୁ ସମ୍ପୂର୍ଣ୍ଣ ଦରମା ପାଉଛନ୍ତି।

ପଥରଗାଡ଼ିଆ, ଭୁବନେଶ୍ୱର
ମୋ. - ୯୯୩୭୮୪୪୩୪୭

# ଇଡି-ମମତା ମୁହାଁମୁହିଁ

ଏଥିରେ ଦ୍ୱିମତ ନାହିଁ ଯେ, ନିର୍ବାଚନ ସମୟ ଆସିଲେ ଆମ ଦେଶରେ ଅଣ-ବିଜେପି ବିରୋଧି ଦଳ ଶାସିତ ରାଜ୍ୟଗୁଡିକରେ ଦୁର୍ନୀତି ମନିଲିଣ୍ଡରିଙ୍ଗ, ଆୟକରନିସନ୍ଦେହରେ ଠକେଇ ନେଇ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡିକ ତଥା ସିବିଆଇ, ଇଡି, ଆଇଟି ଚଢାଉ କରିବା ଏକ ପରମ୍ପରାଗତ ପ୍ରକ୍ରୀୟାରେ ପରିଣତ ହୋଇଛି। ନିକଟରେ ଗଲା ୮ ତାରିଖ ଦିନ କୋଇଲା ଦୁର୍ନୀତି ନେଇ ନିର୍ବାଚନ ରଣନୀତି ପ୍ରସ୍ତୁତକାରୀ କନ୍‌ସଲଟାନ୍ସି ଗ୍ରୁପ ଇଣ୍ଡିଆନ ପଲଟିକାଲ ଆକସନ କମିଟି (ଆଇ-ପାକ୍)ର କୋଲକତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଏବଂ ଏହାର ସହ-ପ୍ରତିଷ୍ଠାତାଙ୍କ ବାସଭବନ ଉପରେ ଚଢାଉ କରିଛି। କହିବା ବାହୁଲ୍ୟ ଯେ, ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି କନ୍‌ସଲଟାନ୍ସି ଗ୍ରୁପ ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମସି) ପାଇଁ ୨୦୨୧ ନିର୍ବାଚନରୁ କାର୍ଯ୍ୟ କରିଆସୁଛି। ଏହି ଚଢାଉକୁ ନେଇ ମାମଲା ଏବେ ଅଦାଲତରେ ପହଁଚିଛି। ଇଡିର ଏହି ଚଢାଉକୁ ବିରୋଧ କରି ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଜୈନଙ୍କ ବାସଭବନରେ ପହଁଚି ତଦନ୍ତରେ ବାଧା ସୃଷ୍ଟି କରିବା ସହ ନିର୍ବାଚନ ରଣନୀତି ସଂକ୍ରାନ୍ତ ଜବତ କେତେକ କାଗଜପତ୍ରକୁ ଛଡାଇ ନେବା ଅଭିଯୋଗ ହୋଇଛି। ଏପରିକି ଇଡି ବିରୁଦ୍ଧରେ ମମତାଙ୍କ ନେତୃତ୍ୱରେ ଟିଏମସି କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାଜ୍ୟବ୍ୟାପୀ ଟିଏମସି କର୍ମୀମାନେ ବିକ୍ଷୋଭ, ଶୋଭଯାତ୍ରା, ସଭା, ସମିତି କରିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଇଡି ରାଜ୍ୟ ସରକାରଙ୍କ ବିରୁଦ୍ଧରେ କୋଲକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ବିଚାରପତି ମାମଲାର ଶୁଣାଣୀ ନକରି ଅଦାଲତ ଛାଡି ପଳାଇଯିବା ଘଟଣା ଘଟିଛି। ହାଇକୋର୍ଟ ମାମଲାର ଶୁଣାଣୀକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଆହୁରି ମଧ୍ୟ ଇଡି ଏବେ ସୁପ୍ରିମକୋର୍ଟରେ ଏକ ଚ୍ୟାଲେଞ୍ଜ ପିଟିସନ ଦାୟର କରିଥିବାବେଳେ ଟିଏମସି କ୍ୟାପଟିଭ ପିଟିସନ ଦାୟର କରିଛି। ଇଡିର ଚଢାଉ ଏବେ ସୁପ୍ରିମକୋର୍ଟରେ ଆଇନଗତ ଲଢେଇରେ ପରିଣତ ହୋଇଛି ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ସୁଶ୍ରୀ ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଦଳକୁ ଟାର୍ଗେଟ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡି'କୁ ଅସ୍ତ୍ର ଭାବେ ବ୍ୟବହାର କରିଛନ୍ତି। ଚଢାଉକୁ ବିରୋଧ କରି ସେହିଦିନ ଟିଏମସିର ନେତା ଓ କର୍ମୀମାନେ ମଧ୍ୟ ନୂଆ ଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ବାସଭବନ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ନିସନ୍ଦେହ ଯେ, ସିବିଆଇ, ଇଡି, ଆଇଟି ଚଢାଉକୁ ନେଇ ମୁଖ୍ୟମନ୍ତ୍ରୀ ବାନାର୍ଜୀ ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମୁହଁମୁହିଁ ହେବା ନୂଆ କଥା ନୁହେଁ। ଉଲ୍ଲେଖଯୋଗ୍ୟ ଯେ, ୨୦୧୯ ମସିହାରେ ଚିଟ୍ ଫଣ୍ଡ ଠକେଇ ସଂସ୍ଥା ସରଧା ଓ ରୋଜଭ୍ୟାଲି ଠକେଇ ମାମଲାରେ କୋଲକତା ପୋଲିସ କମିଶନରଙ୍କୁ ସିବିଆଇର ଜେରାକୁ ବିରୋଧ କରି ମମତା ସରକାର ଏବଂ କେନ୍ଦ୍ରୀୟ ଏଜେନ୍ସି ମୁହାଁମୁହିଁ ହୋଇଥିବାବେଳେ ୨୦୨୪ରେ ବହୁଚର୍ଚ୍ଚିତ ସନ୍ଦେଶ ଖାଲି ମାମଲାରେ ସିବିଆଇର ଚଢାଉକୁ ବିରୋଧ କରି ଖୋଦ୍ ମୁଖ୍ୟମନ୍ତ୍ରୀ ସୁଶ୍ରୀ ବାନାର୍ଜୀ ଧରଣାରେ ବସିଥିଲେ। ତଦନ୍ତ କାର୍ଯ୍ୟରେ ଟିଏମସି ଏବଂ ପଶ୍ଚିମବଙ୍ଗ ପୋଲିସ ବାଧା ଦେଇଥିବା ନେଇ ଇଡି ଏବେ ଅଦାଲତରେ ଦ୍ୱାରସ୍ଥ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ରରେ ଯେତେବେଳେ ଯେଉଁ ଦଳର ସରକାର କ୍ଷମତାସୀନ ହୋଇଛି, ସେତେବେଳେ ବିରୋଧି ଦଳକୁ ଦମନ, ନିନ୍ଦିତ, ଅପଦସ୍ତ କରିବା ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡିକୁ ଅସ୍ତ୍ର ଭାବେ ବ୍ୟବହାର କରି ଆସିଥିବା ଆମ ଦେଶରେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ୟୁପିଏ ସରକାରଙ୍କ ଅମଳରେ ସିବିଆଇର ଚଢାଉକୁ ନେଇ ସେତେବେଳର ମୁଖ୍ୟ ବିରୋଧି ଦଳ ବିଜେପି ଇଡିରଅନୁରୂପ ଅଭିଯୋଗ କରି ଆସୁଥିଲା। ସିବିଆଇକୁ 'ପଞ୍ଜୁରୀ ଭିତରେ ଶାରୀ' ଭାବେ ସୁପ୍ରିମକୋର୍ଟ ଭର୍ତ୍ସନା କରି ମନ୍ତବ୍ୟ ଦେବା ପରେ ବିଜେପି ଏହାକୁ ଦଳର ସ୍ଲୋଗାନରେ ପରିଣତ କରିଥିଲା। ଏବେ ବିଜେପି କେନ୍ଦ୍ରରେ କ୍ଷମତାସୀନ ହେବା ପରେ କେନ୍ଦ୍ରୀୟ ସଂସ୍ଥାଗୁଡିକୁ ଅନୁରୂପ ଭାବେ ବିରୋଧି ନେତାଙ୍କ ବିରୁଦ୍ଧରେ ବ୍ୟବହାର କରିଆସିଛି। ଗତ ଦଶନ୍ଧି ମଧ୍ୟରେ ଇଡି ଆର୍ଥୀକ ହେରଫେର, ଦୁର୍ନୀତି ନେଇ ୧୧୦୦ରୁ ଉର୍ଦ୍ଧ୍ୱ ଚଢାଉ କରି ବହୁ ବିରୋଧି ଦଳ ନେତାଙ୍କ ଜେଲକୁ ପଠାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଗୋଟିଏ ହେଲେ ମାମଲାକୁ ପ୍ରମାଣିତ କରିପାରିନଥିବା କୁହାଯାଏ। ଇଡି ଦୁର୍ନୀତି ମାମଲାରେ ନିର୍ବାଚନ ପୂର୍ବରୁ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ ଦଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲାକୁ ଗିରଫ କରି ଜେଲକୁ ପଠାଇ ଦେଇଥିଲା। ଆମ ରାଜ୍ୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ବହୁଚର୍ଚ୍ଚିତ ଚିଟ୍‌ଫଣ୍ଡ ଠକେଇର ତଦନ୍ତ ୨୦୧୩ ମସିହାରୁ କରୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତଦନ୍ତ ଶେଷ କରିପାରିନାହିଁ। କେବଳ ନିର୍ବାଚନ ସମୟରେ ସିବିଆଇ ତତ୍ପର ହୋଇପଡୁଥିବା ଜଣାଯାଏ। ଚଳିତ ବର୍ଷ ପଶ୍ଚିମବଙ୍ଗ ବିଧାନସଭା ହେବାକୁ ଯାଉଥିବାବେଳେ ଇଡି'ର ଚଢାଉକୁ ରାଜନୈତିକ ଅଭିସନ୍ଧିମୂଳକ ଦର୍ଶାଇ ମମତା ବିରୋଧ କରିଛନ୍ତି। ତେବେ ମାମଲା ସୁପ୍ରିମକୋର୍ଟରେ ପହଁଚିଥିବାର ଏବେ କେବଳ ରାୟକୁ ଅପେକ୍ଷା।

**ସୌଭାଗ୍ୟ ରଂଜନ ମହାନ୍ତ**

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩




# ଚୌଦ୍ୱାରରେ ଲଜ୍ଜା: ନାବାଳିକାକୁ ବଳାତ୍କାର କରି ଗିରଫ ହେଲା ଡ୍ରାଇଭର



**ଚୌଦ୍ୱାର(ଏନ୍.ଏମ୍.):** ଚୌଦ୍ୱାର ଅଞ୍ଚଳରେ ଲଜ୍ଜା। ଜଣେ ନାବାଳିକାକୁ ପାଶବିକ ଅତ୍ୟାଚାର କରି ଜଣେ ଡ୍ରାଇଭର ଗିରଫ। ଡ୍ରାଇଭର ଜଣକ ଜଣେ ଯୌନପିପାସୁ ବୋଲି ଜଣାପଡ଼ିଛି। ସେ ସ୍କୁଲ ଛାତ୍ରୀଙ୍କୁ ଟାର୍ଗେଟ କରୁଥିବାବେଳେ ହଠାତ ତା କବ୍‌ଜାକୁ ଆସିଯାଇଥିଲା ଜଣେ ନାବାଳିକା। ପ୍ରଥମେ ନିଶାଦେଇ ବଳାତ୍କାର କରିବା ପରେ ଫଟୋ ଭାଇରାଲ କରିବାର ଧମକ ଦେଇ ପୁନର୍ବାର ରଖିଥିଲା ସମ୍ପର୍କ। ଏଥିରେ ଭୟଭୀତ ହୋଇ ପଡ଼ିଥିବା ନାବାଳିକା କ'ଣ କରିବ କ'ଣ ନକରିବ ସେ ନେଇ କିଛି ଜାଣି ପାରିନଥିଲା। ମାତ୍ର ଯନ୍ତ୍ରଣା ବଢ଼ିଚାଲିଥିବା ବେଳେ ଯୌନ ପିପାସୁ ରାକ୍ଷସ ତାର ସୁଯୋଗ ନେବାକୁ ପଛାଇନଥିଲା। ହେଲେ ପରବର୍ତ୍ତୀ ସମୟରେ ନାବାଳିକା ଜଣକ ସାହସ ଜୁଟାଇ ଘରେ ସମସ୍ତ କଥା କହିଥିଲା। ଏହାପରେ ପୁଲିସର ଜାଲରେ ପଡ଼ିଛି ଯୌନ ପିପାସୁ ଡ୍ରାଇଭର ଜଣକ। ପ୍ରାପ୍ତ ସୂଚନା ଅନୁଯାୟୀ ଚୌଦ୍ୱାର ଥାନା ଅନ୍ତର୍ଗତ କୟଳପଡ଼ା ଗ୍ରାମର ମଳୟ ସ୍ୱାଇଁ(୨୨) ଗତ କିଛି ବର୍ଷ ଧରି ଏହିଥାନା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମରେ ଘର ଭଡ଼ା ନେଇ ରହିଆସୁଥିଲା। ସେ ହାଲୁକା ଯାନ ଚଳାଇ ରୋଜଗାର କରେ। ସବୁବେଳେ ନିଶା ଶକ୍ତ ଅବସ୍ଥାରେ ରହିବା ସହ ଛୋଟ ଛୋଟ ପିଲାଙ୍କ ଉପରେ ଖରାପ ନଜର ମଧ ପକାଇଥାଏ। ସେହିଭଳି ସ୍ଥାନୀୟ ଏକ ସରକାରୀ ସ୍କୁଲର ଅଷ୍ଟମ ଶ୍ରେଣୀରେ ପଢୁଥିବା ଜନୈକା ଛାତ୍ରୀଙ୍କ ପଛରେ ପଡ଼ିଥିଲା। ତାଙ୍କୁ ସବୁବେଳେ ମଳୟ ବାଟରେ ଅଶ୍ଳୀଳ ଇଙ୍ଗିତ କରିବା ସହ ଏକ ତରଫା ପ୍ରେମ ନିବେଦନ କରୁଥିଲା। ଗତ ୧୫ ଦିନ ତଳେ ସେ ସ୍କୁଲରୁ ଏକୁଟିଆ ଆସୁଥିବା ସୁଯୋଗ ନେଇ ଉକ୍ତ ନାବାଳିକାକୁ ମିଛ କଥା କହି କୌଣସି ପ୍ରକାର କୌଶଳକ୍ରମେ ନିଶାଦେଇ ଓଟିଏମ କଲୋନୀର ଏକ ପରିତ୍ୟକ୍ତ କ୍ୱାଟରକୁ ନେଇ ବଳପୂର୍ବକ ଧର୍ଷଣ କରିଥିଲା। ଉକ୍ତ ନାବାଳିକାର ନିଶା ଛାଡ଼ିବା ପରେ ସେ ଜାଣିବାକୁ ପାଇଥିଲା ଯେ ତାକୁ ବଳାତ୍କାର କରାଯାଇଛି। ସେଠାରୁ ସେ ଯନ୍ତ୍ରଣାର ସହ ଫେରିଥିଲା। ପରବର୍ତ୍ତୀ ସମୟରେ ମଳୟ ତାର କିଛି ଫଟୋ ଭିଡିଓ ରଖିଥିବା କହି ଧମକ ଦେବା ସହ ପୁନର୍ବାର ୨ଥର ଶାରିରୀକ ସମ୍ପର୍କ ରଖିଥିଲା। ତେବେ ଏନେଇ ନାବାଳିକା ଅସୁସ୍ଥ ହୋଇପଡ଼ିବା ସହ ପ୍ରବଳ ରକ୍ତସ୍ରାବ ହେବାରୁ ସେ ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକେ ଜାଣିବା ପରେ ଏ ନେଇ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇବା ପରେ ନାବାଳିକାକୁ ଡାକ୍ତରୀ ମାଇନା କରିବା ସହ କେସ ନମ୍ବର ୨୨/୨୦୨୬ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମଳୟକୁ ଗିରଫ କରି କୋର୍ଟ ଚାଲଣ କରିଛି।

# ବାଲିମାଫିଆଙ୍କ ଆତଙ୍କରାଜ: ଉପଜିଲ୍ଲାପାଳଙ୍କ ଗାଡ଼ିକୁ ଧକ୍କା, ଅଳ୍ପକେ ବର୍ତ୍ତିଲେ



**ପାଇକମାଳ/ପଦ୍ମପୁର(ଏନ୍.ଏମ୍.):** ବରଗଡ଼ଜିଲ୍ଲା ପଦ୍ମପୁର ଅଞ୍ଚଳରେ ବାଲିମାଫିଆଙ୍କ ଆତଙ୍କରାଜ ଚରମସୀମାରେ ପହଞ୍ଚିଛି। ବେଆଇନ ବାଲିଚାଲାଣ ରୋକିବାକୁ ଯାଇଥିବା ପଦ୍ମପୁର ଉପଜିଲ୍ଲାପାଳଙ୍କ ଗାଡ଼ିକୁ ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ତେବେ ଉପଜିଲ୍ଲାପାଳ ସ୍ନେହା ଅରଗୁଲା ଏହି ଘାତକ ଆକ୍ରମଣରୁ ଅଳ୍ପକେ ବଞ୍ଚିଯାଇଥିବା ଜଣାପଡ଼ିଛି। ସୂଚନାନୁସାରେ, ପଦ୍ମପୁର ବ୍ଲକ୍ ସରାଇକେଲା ପଞ୍ଚାୟତ ମହୁଲପାଲି ବାଲିଘାଟରୁ ହାଇୱା ସାହାଯ୍ୟରେ ଦିନ ଦ୍ୱିପ୍ରହରରେ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଉପଜିଲ୍ଲାପାଳ ଘଟଣାସ୍ଥଳକୁ ଯାଇଥିଲେ। ପ୍ରଶାସନର ଚଢ଼ଉ ଦେଖି ଦୁଇଟି ହାଇୱା ରାସ୍ତା ଉପରେ ବାଲି ପକେଇ ଦେଇ ଖାଲି ଗାଡ଼ି ନେଇ ଫେରାର ହୋଇ ଯାଇଥିଲେ। ଅନ୍ୟ ଏକ ବାଲି ବୋଝେଇ ହାଇୱାକୁ ଅଟକାଇବାକୁ ଯିବା ସମୟରେ ଉକ୍ତ ହାଇୱା ଉପଜିଲ୍ଲାପାଳଙ୍କ ଗାଡ଼ିକୁ ପଛପଟୁ ଧକ୍କା ଦେଇଥିଲା। ପରେ ଉକ୍ତ ହାଇୱାକୁ ପୁଲିସ ଜବତ କରି ଜଗଦଲପୁର ଥାନାକୁ ଆଣିଛି। ଏହା ସହିତ ମହୁଲପାଲି ବାଲିଘାଟ ନିକଟରେ ଆହୁରି ୪ଟି ହାଇୱା ଲୁଚାଇ ରଖାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣା ପରେ କାହାର ଛତ୍ରଛାୟା ତଳେ ରହି ବାଲି ମାଫିଆମାନେ ସରକାରୀ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ପଛାଉନାହାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଖୋଦ ଉପଜିଲ୍ଲାପାଳଙ୍କୁ ବାଲି ମାଫିଆମାନେ ଛାଡୁନଥିବା ବେଳେ ସାଧାରଣ ଲୋକଙ୍କ ଜୀବନ କେତେ ନିରାପଦ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଜଗଦଲପୁର ଥାନାରେ ପୁଲିସ ଏକ ମାମଲା ରୁଜୁ କରି ହାଇୱା ସହ ଡ୍ରାଇଭରକୁ ଥାନାରେ ଅଟକ ରଖିଛି।

# ସୁଭଦ୍ରା ଶକ୍ତି ମେଳା ୧୮ଯାଏଁ ଚାଲିବ

**ନୟାଗଡ(ଏନ୍.ଏମ୍.):** ଜାନୁଆରୀ ୧୨ରେ ନୟାଗଡ଼ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ସୁଭଦ୍ରା ଶକ୍ତି ମେଳାରେ ପ୍ରଭାବଶାଳୀ ସମାଗମ ଏବଂ ଉତ୍ସାହି ଜନସାଧାରଣଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଛି। ମିଶନ ଶକ୍ତି ଅଧୀନରେ ଆୟୋଜିତ ଏହି ମେଳାରେ ପ୍ରାୟ ୧୫୦ଟି ଷ୍ଟଲ୍ ରହିଛି, ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ ଷ୍ଟଲ୍ ଏବଂ ଓଡ଼ିଆ ଖାଦ୍ୟ ଷ୍ଟଲ୍ ଅନ୍ତର୍ଭୁକ୍ତ,ଯାହା ଖାଦ୍ୟ ପ୍ରକ୍ରିୟାକରଣ ସାମଗ୍ରୀ, କୃଷି ମୂଲ୍ୟଯୁକ୍ତ ଉତ୍ପାଦ, ହସ୍ତଶିଳ୍ପ, ପୋଷାକ, ପାରମ୍ପରିକ କଳା ଏବଂ ଜୈବିକ ଉତ୍ପାଦ ପ୍ରଦର୍ଶିତ କରୁଛି। ପରିଦର୍ଶକମାନେ ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ସ୍ପନ୍ଦନଶୀଳ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ସକ୍ରିୟ ଭାବରେ ଉପଭୋଗ କରୁଛନ୍ତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ ପାଇଁ ଉତ୍ସାହର ସହିତ କିଣାବିକା କରୁଛନ୍ତି, ଯାହା ଏକ ଉତ୍ସବମୁଖୀ ଏବଂ ଜୀବନ୍ତ ପରିବେଶ ସୃଷ୍ଟି କରୁଛି। ନିରନ୍ତର ଭିଡ଼ ଉପସ୍ଥିତି ଏବଂ ସକାରାତ୍ମକ ପ୍ରତିକ୍ରିୟା ବିକ୍ରୟକୁ ଉତ୍ସାହିତ କରିଛି। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ପାଇଁ ବଜାର ସମ୍ପର୍କକୁ ସୁଦୃଢ଼ କରିଛି ଏବଂ ମହିଳା ଉଦ୍ୟୋଗୀତା, ଜୀବିକା ବୃଦ୍ଧି ଏବଂ ଆର୍ଥିକ ଭାବରେ ସ୍ୱାବଲମ୍ବୀ ମହିଳା ସୃଷ୍ଟି କରିବାର ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିଛି। ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ।

# ଚୌଦ୍ୱାର ମଣ୍ଡଳ କାରାଗାରରୁ କଏଦୀ ଫେରାର ଘଟଣା: ଖୋଲୁଛି ଗୁମର

## ସିନିୟର ସୁପରିନଟେଣ୍ଡେଣ୍ଟଙ୍କ ବିରୋଧରେ ଥାନାରେ ଏତଲା, ପରଦିନ ପାଲଟା ଏତଲା




**ଚୌଦ୍ୱାର(ଏନ୍.ଏମ୍.):** ଚୌଦ୍ୱାର ମଣ୍ଡଳ କାରାଗାରରେ ବହୁ ଚର୍ଚ୍ଚିତ ବିହାରୀ କଏଦୀ ଫେରାର ଘଟଣାର ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଚୌଦ୍ୱାର ଜେଲ ସିନିୟର ସୁପରିନଟେଣ୍ଡେଣ୍ଟ ସୁଜିତ କୁମାର ରାଉଳଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଲେ ତତ୍କାଳୀନ ଚୌଦ୍ୱାର ଜେଲର୍ ସନ୍ତୋଷିନୀ ଦାସ୍। ଏନେଇ ଚୌଦ୍ୱାର ଥାନାରେ ସୁଜିତଙ୍କ ନାଁରେ ଏତଲା ଦେଇଛନ୍ତି ସନ୍ତୋଷିନୀ। ଦୁଇ ବିହାରୀ କଏଦୀଙ୍କୁ ଖସାଇବାରେ ଚୌଦ୍ୱାର୍ ସର୍କଲ୍ ଜେଲ ସିନିୟର ସୁପରିନଟେଣ୍ଡେଣ୍ଟ ଶ୍ରୀ ରାଉଳଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଅକ୍ଟୋବର ୨ତାରିଖ ରାତିରେ ଦୁଇ ବିହାରୀ କଏଦୀ ତଥା ଦୁର୍ଦ୍ଦାନ୍ତ ଅପରାଧୀ ମଧୁକାନ୍ତ ରାଣା ଓ ରାଜା ସାହାଣୀ ଫେରାର ହୋଇ ଯାଇଥିଲେ। ସେମାନେ ୨୦୨୫ ମସିହା ଜାନୁଆରୀ ୪ ତାରିଖରେ ପାଣିକୋଲି ପଣ୍ଡା ଅଳଙ୍କାରରୁ ଲୁଟ୍ ମାମଲାରେ ଧରାପଡ଼ିଥିଲେ। ଦିନ ଦ୍ୱିପ୍ରହରରେ ସେମାନେ ପାଣିକୋଇଲି ବଜାରରେ ଅଳଙ୍କାର ଦୋକାନୀଙ୍କ ଉପରକୁ ଗୁଳି କରି ଅଳଙ୍କାର ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଗୋଡ଼ାଇଥିଲେ। ଏହା ଦେଖି ରାଜା ଓ ମଧୁକାନ୍ତ ଲୋକଙ୍କ ଉପରକୁ ଗୁଳି କରିଥିଲେ। ସେମାନଙ୍କ ଗୁଳିମାଡ଼ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ତଥାପି ସ୍ଥାନୀୟ ଲୋକେ ସାହସ କରି ଉଭୟଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ଗିରଫ ପରେ ସୁରକ୍ଷା ଦୃଷ୍ଟିରୁ ଉଭୟଙ୍କୁ ଚୌଦ୍ୱାର ସର୍କଲ ଜେଲରେ ରଖାଯାଇଥିଲା। ଦୀର୍ଘ ଦିନ ଧରି ପୁଲିସ ସେମାନଙ୍କୁ ଧରିବାରେ ବିଫଳ ହେବା ପରେ ସେମାନଙ୍କୁ ଧରାଇଦେବା ପାଇଁ ୫୦ହଜାର ଟଙ୍କାର ପୁରସ୍କାର ରାଶି ମଧ ଘୋଷଣା କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଧରିବାରେ ପୁଲିସ ସଫଳ ହୋଇ ପାରିନାହିଁ। ଅନ୍ୟପକ୍ଷରେ ଆଜି ସୁଜିତ କୁମାରଙ୍କ ନାଁରେ ତତ୍କାଳୀନ ଚୌଦ୍ୱାର ଜେଲର୍ ସନ୍ତୋଷିନୀ ଦାସ୍ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏହି ଘଟଣାରେ ତତ୍କାଳୀନ ଜେଲର ସନ୍ତୋଷିନୀଙ୍କ ସହିତ ଜଣେ ଚିଫ ୱାର୍ଡ଼ର ଓ ଅନ୍ୟଜଣେ ୱାର୍ଡ଼ରଙ୍କୁ ନିଲମ୍ବନ କରାଯାଇଥିଲା। ହେଲେ ଏ ନେଇ ପୁଲିସ କିମ୍ବା ଜେଲ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ସାରିଦେଇଥିବାବେଳେ ଆଜି ସନ୍ତୋଷିନୀଙ୍କ ଏଭଳି ଅଭିଯୋଗ ଘଟଣାର ନୂଆ ମୋଡ଼ ଦେଇଛି। ତାଙ୍କ ଅଭିଯୋଗ ଅନୁସାରେ, ବିହାରୀ କଏଦୀଙ୍କୁ ଖସାଇବାରେ ରହିଛି ସୁଜିତଙ୍କର ବଡ଼ ଭୂମିକା। କଏଦୀ ଫେରାର୍ ପରେ ଗେଟ୍ ଇନ୍-ଆଉଟ୍ ରେଜିଷ୍ଟ୍ରରେ ବଡ଼ ହେରଫେର କରିଥିଲେ ସୁଜିତ ବୋଲି ସନ୍ତୋଷିନୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ତାଙ୍କ ବିନା ଅନୁମତିରେ ଦସ୍ତଖତକୁ ଜାଲିଆତି କରି ତଦନ୍ତକୁ ଦିଗହରା କରିବାକୁ ଉଦ୍ୟମ କରିଛନ୍ତି। ଗତ ଅକ୍ଟୋବର ୧,୨ ଓ ୩ ତାରିଖ ଅଫିସିଆଲ ଗେଟ୍ ଇନ-ଆଉଟ୍ ରେଜିଷ୍ଟରରେ ଗଫଲତି କରାଯାଇଛି। ଜେଲ ପରିସରରେ ସୁଜିତଙ୍କ ଉପସ୍ଥିତି ନେଇ ରେଜିଷ୍ଟରରେ ଏପଟ ସେପଟ କରାଯାଇଥିବା ଅଭିଯୋଗ କରିଛନ୍ତି ସନ୍ତୋଷିନୀ। ୨୦୨୫ ଅକ୍ଟୋବର ୨ ତାରିଖରେ ସୁଜିତ ବ୍ୟକ୍ତିଗତ କାମରେ ଖୋର୍ଦ୍ଧା ଯାଇଥିଲେ ବୋଲି ଉଲ୍ଲେଖ କରିଥିଲେ ; କିନ୍ତୁ ତାହା ସତ ନଥିଲା। ତିନି ତାରିଖରେ ଦୁଇ କଏଦୀ ଫେରାର ପରେ ଘଟଣା ସମ୍ପର୍କରେ ସବୁ ଜାଣି ମଧ ମାମଲାରୁ ଦୂରେଇ ରହିବାକୁ ରେଜିଷ୍ଟରରେ ଜାଲିଆତି କରାଯାଇଥିବା ସନ୍ତୋଷିନୀ ଅଭିଯୋଗ କରିଛନ୍ତି। ସନ୍ତୋଷିନୀ ଆହୁରି କହିଛନ୍ତି, ତାଙ୍କ ଦସ୍ତଖତକୁ ଜାଲିଆତି କରି ନିଜକୁ ଘଟଣାରୁ ଦୂରେଇ ରହିବାକୁ ସବୁ ପ୍ରକାର ଉଦ୍ୟମ କରିଛନ୍ତି। ସୁଜିତଙ୍କ ଆଚରଣ ଅତି ସନ୍ଦେହଜନକ ରହିଥିଲା । କଏଦୀ ଫେରାର ଘଟଣା ପଛରେ ସୁଜିତଙ୍କ ଷଡ଼ଯନ୍ତ୍ର, ପ୍ରମାଣ ନଷ୍ଟ କରିବାର ଅନେକ ତଥ୍ୟ ରହିଛି। ପୋଲିସ ଅଫିସିଆଲ୍ ରେକର୍ଡକୁ ଯାଞ୍ଚ ପରିସରଭୁକ୍ତ ତାଙ୍କ ଦସ୍ତଖତର ଫରେନସିକ୍ ଯାଞ୍ଚ କରିବାକୁ ଦାବି କରିଛନ୍ତି ସନ୍ତୋଷିନୀ। ଅକ୍ଟୋବର ୧,୨ ଓ ୩ ତାରିଖର ମେନ୍ ଗେଟ୍ ସିସିଟିଭି ଫୁଟେଜକୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ମଧ ଦାବି କହିଛନ୍ତି । ଏ ନେଇ ଚୌଦ୍ୱାର ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କୁ ଯୋଗାଯୋଗ କରିବାରେ ଘଟଣା ସମ୍ପର୍କରେ କୌଣସି ସ୍ୱଷ୍ଟ କରିବା ପରିବର୍ତ୍ତେ ଗଣମାଧମ ଠାରୁ ଏଡାଇ ଯାଇଥିଲେ।

# ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ମାମଲା

## ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ୬ ସପ୍ତାହର ମହଲତ



**କଟକ(ଏନ୍.ଏମ୍.):** ରାଜ୍ୟରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ହାଇକୋର୍ଟରେ ରୁଜୁ ମାମଲାର ଆଜି ଶୁଣାଣି ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଡଭୋକେଟ ଜେନେରାଲଙ୍କ ତରଫରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା ଯେ ଲୋକାୟୁକ୍ତ ଅଧକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ପାଇଁ ସରକାର ଉଦାସୀନ ନୁହନ୍ତି । କିନ୍ତୁ ଓଡ଼ିଶା ଲୋକାୟୁକ୍ତ ଅଧିନିୟମ, ୨୦୧୪ରେ ସଂଶୋଧନ ପାଇଁ ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାର ଆଉକିଛି ସମୟ ଦରକାର କରୁଛନ୍ତି ବୋଲି ଆବେଦନ କରାଯାଇଥିଲା । ଅଦାଲତ ଉକ୍ତ ଆବେଦନର ଶୁଣାଣି କରି ଏ ସମ୍ପର୍କରେ ଆସନ୍ତା ୬ ସପ୍ତାହ ସମୟ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଗତ ୨୦୨୪ ଅଗଷ୍ଟ ୯ ତାରିଖରୁ ରାଜ୍ୟରେ ଲୋକାୟୁକ୍ତ ଅଚଳ ହୋଇଯାଇଥିବାରୁ ରାଜ୍ୟ ସରକାର ଲୋକାୟୁକ୍ତ ଅଧକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ପାଇଁ ତତ୍ପରତା ଦେଖାଇ ଉପଯୁକ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଆବେଦନକାରୀ ପ୍ରବୀର କୁମାର ଦାସ, ମନୋରଞ୍ଜନ ସାହୁ ଓ ସତୀଶ ବିଶ୍ୱାଳଙ୍କ ଦ୍ୱାରା ପୃଥକ ଭାବେ ରୁଜୁ ହୋଇଥିବା ତିନିଟି ଜନସ୍ୱାର୍ଥ ମାମଲାର ଏକତ୍ର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ଆଦେଶ ଦେଇଛନ୍ତି। ଏଥିସହିତ ଫେବୃୟାରୀ ୨୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି । ସୂଚନାନୁସାରେ, ରାଜ୍ୟ ସରକାର ୨୦୧୯ ଫେବୃୟାରୀ ୨୮ ତାରିଖରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ। ଲୋକାୟୁକ୍ତରେ ଜଣେ ଅଧ୍ୟକ୍ଷ ଓ ୫ ଜଣ ସଦସ୍ୟ ରହିବାର ନିୟମ ରହିଛି। ସଦସ୍ୟ ୫ ଜଣକ ମଧ୍ୟରୁ ୨ ଜଣ ବିଚାର ବିଭାଗୀୟ ସଦସ୍ୟ ରହିବାର ନିୟମ ମଧ ରହିଛି। ତଦନୁସାରେ ୨୦୧୯ରେ ଅଧ୍ୟକ୍ଷଙ୍କ ସମେତ ସଦସ୍ୟମାନଙ୍କୁ ପର୍ଯ୍ୟାୟ କ୍ରମେ ନିଯୁକ୍ତ କରାଯାଇଥିଲା। ମାତ୍ର ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷ ହୋଇଥିବାରୁ ସେହି ଅବଧି ଶେଷ ହେବା ପରେ ୨୦୨୪ ମାର୍ଚ୍ଚ ୧୯ ତାରିଖରୁ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ କ୍ରମାନ୍ୱୟରେ ଶେଷ ହୋଇଥିଲା। ଶେଷରେ ୨୦୨୪ ଅଗଷ୍ଟ ୮ ତାରିଖରୁ ଲୋକାୟୁକ୍ତଙ୍କ ଅଧ୍ୟକ୍ଷ ଓ ସଦସ୍ୟ ପଦ ଖାଲି ପଡ଼ିଛି। ଏହାକୁ ନେଇ ହାଇକୋର୍ଟରେ ପୃଥକ ପୃଥକ ଆବେଦନ ହୋଇଛି।

# ଆଜିବି ଅବହେଳିତ ରହିଛି ବହୁ ପୁରାତନ ଶିକ୍ଷାନୁଷ୍ଠାନ ଭୟରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ସମସ୍ୟା ଅନେକ ସମାଧାନ ଏକ

## ଜମି ବିବାଦରେ ଫସି ଯାଇଛି ସ୍କୁଲ





**ଚୌଦ୍ୱାର/ଜଗତପୁର (ଏନ୍.ଏମ୍.):** ସର୍ବଶିକ୍ଷା ଅଭିଯାନରେ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ଶିକ୍ଷାର ଉନ୍ନତି ନିମନ୍ତେ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କୁ କିଭଳି ଶିକ୍ଷା ସହିତ ବୌଦ୍ଧିକ ବିକାଶ କରିହେବ ସେ ନେଇ ବିଭିନ୍ନ ପଦକ୍ଷେପ ନିଆ ଯାଇଛି। ତଥାପି କିଛି କିଛି ସ୍କୁଲ ରହିଯାଇଛି ଯେଉଁଠାରେ ଛାତ୍ରଛାତ୍ରୀଙ୍କୁ ମୌଳିକ ସୁବିଧା ମଧ ମିଳିପାରୁନାହିଁ। ଏହି ସ୍କୁଲ ଏକ ସରକାରୀ ଶିକ୍ଷାନୁଷ୍ଠାନ ହୋଇଥିଲେ ବି ପିଲାମାନେ ଏହାର ସୁବିଧା ସୁଯୋଗ ପାଇ ପାରୁନାହାନ୍ତି। ଅନେକ ସମସ୍ୟା ରହିଥିଲେ ବି ସରକାର କିମ୍ବା ପ୍ରଶାସନ ଏଥିପ୍ରତି କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। କଟକ ଜିଲ୍ଲାର ଜଗତପୁର ଭୟରପୁର ଅଞ୍ଚଳରେ ଦେଖିବାକୁ ମିଳିଛି ଏକ ସରକାରୀ ସ୍କୁଲର ଦୟନୀୟ ଅବସ୍ଥା। ଏହି ସ୍କୁଲରେ ଅନେକ ସମସ୍ୟା ରହିଥିଲେ ବି ସମାଧାନର ବାଟ ଗୋଟିଏ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ ଭାରତ ସ୍ୱାଧୀନତା ପୂର୍ବରୁ ଏଠାରେ ପିଲା ଶିକ୍ଷିତ ହେବା ପାଇଁ ଏହି ଗ୍ରାମର ଜଣେ ବଦାନ୍ୟ ବ୍ୟକ୍ତି ବାଉରୀବନ୍ଧୁ ବୈଶାଖି ନିଜର ୬୦ ଡିସମିଲ ଜମି ସ୍କୁଲ ପାଇଁ ଦାନ କରିଥିଲେ। ସେହି ଜମିରେ ୧୯୩୦ ମସିହାରେ ପ୍ରତିଷ୍ଠା ଲାଭ କରିଥିଲା ଭୟରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। କିନ୍ତୁ ଏବେ ଏହି ସ୍କୁଲ ଜମି ଉପରେ କିଛି ମାଫିଆ ଲୋଲୁପ ଦୃଷ୍ଟି ପକାଇଥିବାରୁ ସ୍କୁଲର ସ୍ଥିତି ବିଗିଡ଼ିବାରେ ଲାଗିଛି। ସେତେବେଳେ ସ୍କୁଲକୁ ପ୍ରଦାନ କରାଯାଇଥିବା ଜମିର କୌଣସି ଲିଖିତ କାଗଜପତ୍ର ଗ୍ରାମବାସୀଙ୍କ ପାଖରେ ନଥିବା ସୁଯୋଗ ନେଇ କିଛି ସ୍ୱାର୍ଥବାଦୀ ଗୋଷ୍ଠୀ ଏହି ଜମିକୁ ହାତେଇବା ପାଇଁ ଚକ୍ରାନ୍ତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଜମି ବିବାଦ ରହିଥିବାରୁ ସରକାରୀ ଅନୁଦାନ ବିନିଯୋଗ ହୋଇ ନପାରି ଫେରି ଯାଉଥିବାବେଳେ ଏହାର ପ୍ରଭାବ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି। ସମ୍ପ୍ରତି ଉକ୍ତ ସ୍କୁଲରେ ୩୦୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଦୈନିକ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ରହୁଛି। ଏଠାରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି କ୍ଲାସ ଚାଲୁଥିବାବେଳେ ୭ଜଣ ଶିକ୍ଷକ ରହିଛନ୍ତି। ସେହିଭଳି କ୍ଲାସ ରୁମ କଥା ନକହିବା ଭଲ ୯ଟି କ୍ଲାସ ପାଇଁ ମାତ୍ର ୬ଟି ପ୍ରକୋଷ୍ଠ ଥିବାବେଳେ ଦୁଇଟି ଭାଙ୍ଗିଯାଇଛି। ତେଣୁ ପିଲାମାନେ ବାଧ ହୋଇ ସ୍କୁଲ ବାହାରେ ଥିବା ଏକ ମଣ୍ଡପରେ କପଡ଼ା ବାନ୍ଧି ପାଠ ପଢୁଥିବା ଦେଖିବାକୁ ମିଳିଛି। ପୁନଶ୍ଚ ମଧାହ୍ନ ଭୋଜନ ପାଇଁ ସ୍ୱତନ୍ତ୍ର ଗୃହ ମଧ ନାହିଁ। ଗୋଟିଏ ଶୌଚାଳୟ ଥିବାରୁ ପିଲାମାନେ ବାହାରେ ପରିଶ୍ରା କରିବା ଭଳି ଅବସ୍ଥା ଦେଖିବାକୁ ମିଳୁଛି।

ମିଳିଥିବା ସୂଚନା ଅନୁଯାୟୀ ଏହି ସ୍କୁଲ ଯେତେବେଳେ ସ୍ଥାପନ କରାଗଲା ସେତେବେଳେ ବାଉରୀ ବନ୍ଧୁ ବୈଶାଖି ଏହି ସ୍କୁଲ ପ୍ରତିଷ୍ଠା ପାଇଁ ଜମି ଦାନ କରିଦେଇଥିଲେ। ଫଳରେ ଏହି ସ୍କୁଲ ନିର୍ମାଣ ହେବା ସହ ଅଞ୍ଚଳର ପିଲାମାନେ ପାଠ ପଢ଼ିଲେ। ପରବର୍ତ୍ତୀ ସମୟରେ ସରକାରଏହି ସ୍କୁଲ ନିଜ ହାତକୁ ନେଇ ସମସ୍ତ ସୁବିଧା ଯୋଗାଇ ଦେଇଥିଲେ। ମାତ୍ର ଏବେ ତାଙ୍କ ପରିବାରର କିଛି ସଦସ୍ୟ ସେହି ଜମିରୁ ମାତ୍ର ୧୨ଡିସମିଲ ଜମିକୁ ୨୦୦୮ ମସିହା ମାର୍ଚ୍ଚ ମାସ ୨୯ତାରିଖରେ ଦଉପତ୍ର କରିଛନ୍ତି। କିନ୍ତୁ ସ୍ୱର୍ଗତ ବାଉରୀବନ୍ଧୁ ବୈଶାଖିଙ୍କ ସମସ୍ତ ଉତ୍ତରାଧିକାରୀଙ୍କ ଅଜାଣତରେ କେତେଜଣ ଉତ୍ତରାଧିକାରୀ ଏହି ୧୨ ଡିସମିଲ ଜମିକୁ ଦଉପତ୍ର କରିଥିବା ଜଣାପଡ଼ିଛି। କିନ୍ତୁ ୨୦୦୮ ମସିହାର ଦଉପତ୍ର ଅନୁଯାୟୀ ସମ୍ପୂର୍ଣ୍ଣ ୬୦ଡିସମିଲ ଜମିରୁ ମାତ୍ର ୧୨ ଡିସମିଲ ଦାନ କରାଯାଇଛି। ଫଳରେ ଏହି ଜମି ଉପରେ କିଛି ବିବାଦ ରହିଥିବା ଯୋଗୁଁ ଏଠାରେ କୌଣସି ସରକାରୀ ଅନୁଦାନ କାର୍ଯ୍ୟକାରୀ ହୋଇପାରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ କୁନିକୁନି ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହିସ୍କୁଲ ପାଇଁ ପ୍ରଶାସନ ଓ ସରକାର ତତ୍ପରତା ପ୍ରଦର୍ଶନ କରିବାକୁ ଗ୍ରାମବାସୀ ଦାବି କରିବା ସହ ସ୍ୱର୍ଗତ ବାଉରୀବନ୍ଧୁ ବୈଶାଖି ପ୍ରଦାନ କରିଥିବା ୬୦ଡିସମିଲ ଜମି ସ୍କୁଲକୁ ଦଉପତ୍ର କରିବା ପାଇଁ ତାଙ୍କ ଉତ୍ତରପୀଢ଼ିଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି।




# ଜିଲ୍ଲା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ




- ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ
- ତୃତୀୟ ସନ୍ଧ୍ୟାରେ ପୁରୀର ମଲଖମ୍ବ ନାଚ ଥିଲା ସ୍ୱତନ୍ତ୍ର
- ଚତୁର୍ଥ ସନ୍ଧ୍ୟାରେ ଅସୀମା ପଣ୍ଡାଙ୍କ ଗୀତରେ ଝୁମିଲେ ଦର୍ଶକ

**କେନ୍ଦ୍ରାପଡ଼ା(ଏନ୍.ଏମ୍.):** ଜିଲ୍ଲା ମହୋସବର ଉଦଯାପନୀ ଉସବ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଜନଜାତି ଓ ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଶିକ୍ଷା କ୍ଷେତ୍ରରେ ଆଗୁଆ ଜିଲ୍ଲା କେନ୍ଦ୍ରାପଡ଼ା ରହିଛି । ଓଡ଼ିଶାରେ ଶିକ୍ଷା ନୀତି, ଶିକ୍ଷା କ୍ଷେତ୍ରରେ ସଂସ୍କାର, ଶିଶୁ ବାଟିକା, ଶିଶୁ ସେବିକା ନିଯୁକ୍ତିକୁ ଗୁରୁତ୍ୱ, ମଧ୍ୟାହ୍ନ ଭୋଜନରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । ଏହା ଛଡା ଭିତରକନିକା ଅଭୟାରଣ୍ୟ ଭଳି ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ଏବଂ କେନ୍ଦ୍ରାପଡାର ରସାବଳି ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା କଥା ଉପସ୍ଥାପନ କରିଥିଲେ । ଶେଷ ସନ୍ଧ୍ୟାରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ । ଏହାସହିତ ସ୍ଥାନୀୟ କଳାକାର ଏବଂ ଅନ୍ୟ ଜିଲ୍ଲାରୁ ଆସିଥିବା କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସୁନାମ ଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ରଙ୍ଗାରଙ୍ଗ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା । ଏହି ଜିଲ୍ଲା ମହୋସବର ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେବା ସହିତ, ପଟ୍ଟାମୁଣ୍ଡାଇ ଠାରେ ଏମଏସଏମଇ ପାର୍କ କରାଯିବ । ଏହାଛଡା ସୁଭଦ୍ରା, କୃଷକ, ଯୁବ ଗୋଷ୍ଠି, ଶିକ୍ଷା ଗ୍ରାମୀଣ ବିକାଶ ଇତ୍ୟାଦି ଉପରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି । ରାଜ୍ୟକୁ ଅର୍ଥନୀତି କ୍ଷେତ୍ରରେ ଏକ ନମ୍ବର କରିବା, ବିକଶିତ ଓଡିଶା ବିକଶିତ ଭାରତ ସହ ତୁଳସୀ କ୍ଷେତ୍ରର ମହତ୍ତ୍ୱ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି । ବିଭିନ୍ନ କ୍ଷେତ୍ରରେ ଜିଲ୍ଲା ପାଇଁ ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ମଞ୍ଚରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ବୈଠକ ପରେ ମନ୍ତ୍ରୀ ଓରମାସର ବିଭିନ୍ନ ଷ୍ଟଲ ବୁଲିଥିଲେ । ଶେଷରେ ଓଡିଶାର ସୁନାମ ଧନ୍ୟ କଳାକାର ରୁକୁ ସୁନା ସୁନ୍ଦର ସୁନ୍ଦର ଗୀତରେ ଦର୍ଶକଙ୍କୁ ଝୁମେଇଥିଲେ । ତୃତୀୟ ସନ୍ଧ୍ୟାରେ ପୁରୀର ମଲଖମ୍ବ ନାଚ ସ୍ୱତନ୍ତ୍ର ଥିଲା । ଏହା ସହିତ ମଣ୍ଟୁ ଛୁରିଆଙ୍କ ଦମଦାର ଗୀତକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ । ଅତିଥି ଭାବେ ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀନାରାଣୀ ମହାନ୍ତି, ଜିଲ୍ଲା ବନଖଣ୍ଡ ଅଧିକାରୀ ବରଦାରାଜ୍ ଗାଉଁକର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମନୋରଞ୍ଜନ ରାଉତ, ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଚତୁର୍ଥ ସନ୍ଧ୍ୟାରେ ଅତିଥି ଭାବେ ବିଶିଷ୍ଟ ଗବେଷକ, ସାହିତ୍ୟିକ ଡ.ବାସୁଦେବ ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ମଞ୍ଚାସିନ ଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶା କଲଚର ଆର୍ଟ ଏକାଡେମୀ ଏବଂ ସାଇନଥ କଳା ପରିଷଦ କେନ୍ଦ୍ରାପଡାର ଲୋକ ନୃତ୍ୟ, ନୁପୁର ଡ୍ୟାନ୍ସ ଏକାଡେମୀ କେନ୍ଦ୍ରାପଡାର ଓଡ଼ିଶା ପରମ୍ପରା ଆଧାରିତ ନୃତ୍ୟ, ଗଞ୍ଜାମର ଯୋଡ଼ି ଶଙ୍ଖ ଏବଂ ରଣପା, ପୁରୀର ଗୋଟିପୁଅ ନାଚ ସମେତ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥିଙ୍କ ଅର୍କେଷ୍ଟ୍ରା ଲୋକଙ୍କୁ ମତୁଆଲା କରିଥିଲା ।

# ଅତିରିକ୍ତ ଉପଜିଲ୍ଲାପାଳ ଭାବେ ଆସିଲେ ଶରତ ମାଝୀ



**ନବରଙ୍ଗପୁର(ଏନ୍.ଏମ୍):** ଓଏଏସ ସ୍ତରରେ ଅଦଳ ବଦଳ ହୋଇଥିବା ପରିପ୍ରେକ୍ଷୀରେ ନବରଙ୍ଗ ପୁର ଜିଲ୍ଲାର ଅତିରିକ୍ତ ଉପଜିଲ୍ଲାପାଳଙ୍କ ବଦଳି ହୋଇଛି । ଏହି ବଦଳିରେ ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ଶରତ ମାଝୀ କାର୍ଯ୍ୟରେ ଯୋଗ ଯୋଗଦେଇଛନ୍ତି । ଶ୍ରୀ ମାଝୀ ପୂର୍ବରୁ ଡାବୁଗାଁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇବାର ଦକ୍ଷତା ରହିଛି । ସେ ଜଣେ ଏଠାରେ ଯୋଗଦେବାପରେ ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେବେ ବୋଲି ଅଞ୍ଚଳବାସୀ ଆଶା କରିଛନ୍ତି । ତେବେ ସେ ଜଣେ ମେଳାପି ଓ ଦକ୍ଷ ଅଫିସର ଭାବେ ମଧ ବେଶ ପରିଚିତ ।

# ଓଚିନ୍ଦାର ଗଣପର୍ବ ହରିହାଟ ମହୋତ୍ସବ

**କୋରାଇ(ଏନ୍.ଏମ୍.):** କୋରାଇ ବ୍ଲକ ଅର୍ନ୍ତଗତ ପଥରପଦା ପଂଚାୟତ ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ମେଳା ଓ ମହୋତ୍ସବ ଆରମ୍ଭ ହୋଇଛି । ଚଳିତ ବର୍ଷ ଧୂମଧାମରେ ହରିହାଟ ପର୍ବ ପାଳନ କରାଯାଉଛି । ନାମଯଜ୍ଞ, ଗୀତା ଓ ଭାଗବତ ପାଠ ସହ ଯଜ୍ଞ ଆରମ୍ଭ ହୋଇଛି । ଯଜ୍ଞ ଯୋଗୁ ସମ୍ପୂର୍ଣ୍ଣ ଗ୍ରାମକୁ ଆମିଷ ନିଷେଧ କରାଯାଇଛି । ଭକ୍ତ ଓ ଦର୍ଶକଙ୍କ ଭିଡ଼ ଜମିବା ସହ ଶ୍ରଦ୍ଧାଳୁ ମାନେ ଯଜ୍ଞକୁଣ୍ଡରେ ନଡ଼ିଆ, ଘିଅ, ଅରୁଆ ଚାଉଳ, ଧୂପ, ଉଖୁଡା, ଫୁଲ ପକାଉଛନ୍ତି । ନିଜର ମାନସିକ ପୂରଣ ସହ ନୂତନ ମାନସିକ ଭକ୍ତମାନେ କରୁଥିବା ଦେଖାଯାଉଛି । ବନ୍ଧୁ ବାନ୍ଧବ ବା ରାଜ୍ୟ ବାହାରେ କାମ ଓ ଚାକିରି କରିଥିବା ସମସ୍ତେ ଗ୍ରାମକୁ ଗଣପର୍ବ ପାଇଁ ଫେରିଛନ୍ତି ମୀନାବଜାର ସହ ବିଭିନ୍ନ ଦୋଳିର ମଜା ନେଉଛନ୍ତି କୁନି କୁନି ପିଲାମାନେ । ଏହି ଅବସରରେ ମହୋତ୍ସବ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଏହି ମେଳା ଏକ ସପ୍ତାହ ବ୍ୟାପି ଚାଲିବ । ଗ୍ରାମ୍ୟ ମୁରବୀ ରଘୁନାଥ ପାଢୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପୂଜକ ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି, ପ୍ରଫୁଲ୍ଲ ପାଢୀ, କୃଷ୍ଣ ଚନ୍ଦ୍ର ପାଢୀ ପ୍ରମୁଖ ଯଜ୍ଞ ଭାର ତୁଲାଉଛନ୍ତି । ଗୋପିନାଥ ନାଟ୍ୟ ପରିଷଦ ପକ୍ଷରୁ ୩ ଦିନ ମୁକ୍ତାକାଶ ନାଟକ ପରିବେଷଣ ସହ ୩ ଦିନ ଯାତ୍ରା ଅନୁଷ୍ଠିତ ହେବ । ସର୍ବୋପରି ଗୁରୁବାର ଠାରୁ ଗାଁ ଗଣପର୍ବ ଅବସରରେ ଉତ୍ସବ ମୁଖର ହୋଇଛି । ଗ୍ରାମର ଆବାଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସହଯୋଗ ଓ ଯୋଗ ଦେବା ସହ ସନ୍ଧ୍ୟାରେ ମହିଳାଙ୍କ ଭିଡ଼ ପରିଲିକ୍ଷିତ ହେଉଛି । ରଙ୍ଗୀନମାଳାରେ ସୁସଜ୍ଜିତ କରାଯାଇଛି ସମଗ୍ର ଅଂଚଳ । କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଚଳିତ ବର୍ଷ ଗ୍ରାମରେ ନୂତନ ଗୋପିନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରଖାଯାଇଛି

# ଭିଜିଲାନ୍ସ ହାତରେ ଡାକ୍ତରବାବୁ



**କଣିହାଁ (ଏନ୍.ଏମ୍.):** କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ସୁମନ୍ତ କୁମାର ପଟେଲ ୪୯ହଜାର ଟଙ୍କା ଲାଞ୍ଚ ନେବା ସମୟରେ ମାଡିବସିଲା ଭିଜିଲାନ୍ସ । ସିଏଚଓଙ୍କର କାଗଜପତ୍ର କରିବାକୁ ବିପିଏମ ଜରିଆରେ ନେଉ ଥିଲେ ଟଙ୍କା । ଯଦି ଏ କଳୀଯୁଗରେ ଆମେ ଦ୍ୱିତୀୟ ଭଗବାନ କହୁଥିବା ତାହା ହେଲେ ସେ ହେଉଛନ୍ତି ଡାକ୍ତର ବାବୁ । ସେ ଯଦି ଟଙ୍କା ଲାଞ୍ଚ ନେଇ ତାଙ୍କ କର୍ମଚାରୀଙ୍କ କାଗଜ ପତ୍ର କରିବେ ତାହା ହେଲେ ସେକର୍ମଚାରୀ କାହାକୁ ଭରଷା କରିବେ ? ଶେଷରେ ନିରୁପାୟ ହୋଇ ଭିଜିଲାନ୍ସର ସାହାଯ୍ୟ ଲୋଡ଼ିଲେ କର୍ମଚାରୀ ।, କଣିହାଁ ବ୍ଲକ ଅଞ୍ଚଳ ହେଉଛି ଏକ ଶିଳ୍ପ ସମୃଦ୍ଧି ଅଞ୍ଚଳ । ଏ ଅଞ୍ଚଳ ହେଉଛି ପବିତ୍ର ମୋହନ ପ୍ରଧାନଙ୍କ ଅଞ୍ଚଳ । ଏଠି ଦୁର୍ନୀତି କଲେ କେହି ତିଷ୍ଟି ନାହାନ୍ତି, କି ତିଷ୍ଟିବେ ନାହିଁ । କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଯେତେବେଳେ କଣିହାଁ ବ୍ଲକ ଅନ୍ତର୍ଗତ ରଙ୍ଗବେଡ଼ା ଓ ଛେଣ୍ଡିପଦା, ଓ ଖମାର ଘରୋଇ ହସ୍ପିଟାଲ୍ ଯାଆନ୍ତି ସେତେବେଳେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନେ ଚିକିତ୍ସିତ ହେବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିଥାନ୍ତି । ଆଜି ଯେତେବେଳେ ଭିଜିଲାନ୍ସର ହାତରେ ଧରା ପଡୁଛନ୍ତି ଡାକ୍ତର ବାବୁ, ସେତେ ବେଳେ ଡାକ୍ତର ବାବୁଙ୍କ ଅସଲ ରୂପ ପଦାରେ ପଡୁଛି ।

# ବହୁମୁଖୀ ସମାଜ ମଙ୍ଗଳ କେନ୍ଦ୍ରର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




**ବ୍ରହ୍ମପୁର(ଏନ୍.ଏମ୍.):** ସବୁବେଳେ ସବୁଆଡେ ଶୁଣିବାକୁ ମିଳୁଛି ସଡ଼କ ସୁରକ୍ଷା ଜୀବନ ରକ୍ଷା । ମାତ୍ର ଦିନକୁ ଦିନ ସଡ଼କ ଦୁର୍ଘଟଣା ଦ୍ରୁତଗତିରେ ବଢ଼ିଚାଲିବା ସହ ପ୍ରତିଦିନ ବହୁ ଧନଜୀବନ ହାନୀ ହେଉଛି । କେତେବେଳେ ଦ୍ରୁତ ଗତିପାଇଁ ହେଉ ବା ନିଶା ସେବନ କରି ଯାନବାହନ ଚଳାଇବା ଦ୍ୱାରା ହେଉ । ଏପରିକି ଟିକିଏ ଅସାବଧାନତା ଯୋଗୁଁ ନିମିଷକ ମଧ୍ୟରେ ଚାଲିଯାଉଛି ଅମୂଲ୍ୟ ଜୀବନ । ହେଲେ ଏଥିରୁ ନିସ୍ତାର ପାଇବା କେମିତି ? ଏସବୁ ପ୍ରସଙ୍ଗକୁ ନେଇ ସଡ଼କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ନୀଳାଦ୍ରି ବିହାର ସ୍ଥିତ ସୁପ୍ରଭା ଦେବୀ ମହିଳା ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସଭାପତି ଡାକ୍ତର ଶଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ମହମ୍ମଦ ଆସଲାମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ବ୍ରହ୍ମପୁର ଟ୍ରାଫିକ ଭାରପ୍ରାପ୍ତ ଅଧିକାରୀ ପଦ୍ମ ଚରଣ ଭଟ୍ଟ, ଉପସ୍ଥିତ ଛାତ୍ରୀ ତଥା ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଟ୍ରାଫିକ ନିୟମ ଓ ଅନୁଶାସନ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଆରକ୍ଷୀ କର୍ମକର୍ତ୍ତା ଏସ ପି ଜେନା, ଏ ଏସ ଆଇ, ଲୁନା ବେହେରା, ଶିବରାମମହାନ୍ତି, ମହେଶ ପ୍ରସାଦ ବେହେରା, କୃଷ୍ଣ ଚନ୍ଦ୍ର ଗମାଙ୍ଗ, ରବିକୁମାର ପଣ୍ଡା ରଜ୍ଜୁ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଯୁବ ଆଇନଜୀବୀ ଲାଲବାହାଦୁର ପଟ୍ଟନାୟକ ଓ ଶିକ୍ଷାବିତ ଡକ୍ଟର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ କ୍ରମ ବର୍ଦ୍ଧିଷ୍ଣୁ ସଡ଼କ ଦୁର୍ଘଟଣା ଓ ତତଜନିତ ଜୀବନହାନି ଓ ଆର୍ଥିକ ତଥା ସାମାଜିକ ସମସ୍ୟା ଉପରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଜାତା ପାଣିଗ୍ରାହୀ, ସୁକାନ୍ତି ପାଣିଗ୍ରାହୀ, ରାଜୁ ନାରାୟଣ ଗୌଡ଼, ସୂର୍ଯ୍ୟ ନାରାୟଣ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ ।

ତାଜା ଖବର ପାଇବା ପାଇଁ ସର୍ଚ୍ଚ କରନ୍ତୁ
ଏନ.ଟିଭି ନିଷ୍କର୍ଷ

## ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୋମାଫିଆଙ୍କ ଘରେ ପୋଲିସର ରେଡ

# ଗୋମାଫିଆ ପାଖରେ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅଛି





**ବାରିପଦା (ଏନ୍.ଏମ୍.):** ମୟୂରଭଞ୍ଜ ଜିଲ୍ଲା ସମେତ ଓଡ଼ିଶା ର ବିଭିନ୍ନ ଜିଲ୍ଲାରେ ଦୀର୍ଘଦିନ ଧରି ଗୋ ମାଫିଆ ମାନେ ସକ୍ରିୟ ହୋଇ ରହିଛନ୍ତି । ଓଡ଼ିଶାରୁ ବାହାର ରାଜ୍ୟ କୁ ଗୋ ଚାଲାଣ କରି ବେଶ ଅର୍ଥ ରୋଜଗାର କରୁଥିବା ବେଳେ, କିଛି ପୋଲିସ ଓ ସରକାରୀ ବାବୁ ମାନେ ମାଫିଆଙ୍କ ହାତବାରିସି ସାଜିଥିଲେ । କେବଳ କାଁ ଭା ଚଢାଉ ସାରି ପୋଲିସ ହାତବାନ୍ଧି ବସିଥିଲା । କିନ୍ତୁ ଗୋ ମାଫିଆ ମାନେ ସବୁଦିନ ସକ୍ରିୟ ଥାଇ ଅତି ଅମାନୁଷିକ ଭାବେ ଗୋ ଚାଲାଣ ଜାରି ରଖିଥିଲେ । ଗୋ ଚାଲାଣକୁ ନେଇ ଆଜକୁ ଏକ ବର୍ଷ ପୂର୍ବରୁ ପୋଲିସ ଉପରକୁ ଗୁଳି ଚଳାଇବା ସହିତ ପୋଲିସ ଉପରକୁ ଗାଡି ମଧ ଚଢାଇ ଦେଇଥିଲେ । ଗୋ ଚାଲାଣ କାରୀଙ୍କୁ ବିରୋଧ କରୁଥିବା ବିଭିନ୍ନ ସଙ୍ଗଠନ ର କାର୍ଯ୍ୟ କର୍ତ୍ତାଙ୍କୁ ମଧ ଆକ୍ରମଣ କରିବାକୁ ସେମାନେ ପଛେଇ ନ ଥିଲେ । ତେବେ ଗୋ ମାଫିଆ ମାନଙ୍କୁ ସାବାଡ କରିବା ପାଇଁ ଶନିବାର କେନ୍ଦୁଝର ଏସପି ନୀତିନ୍ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ସହିତ ଅନ୍ୟ ଚାରୋଟି ଜିଲ୍ଲାରେ ଗୋ ମାଫିଆଙ୍କ ଘରେ ଚଢ଼ାଉ ହୋଇଥିଲା । ଓଡ଼ିଶା ରେ ୫ ଟି ଜିଲ୍ଲାର ୪୬ ଟି ସ୍ଥାନରେ ୬୫ ଟି ପୋଲିସ ଟିମ୍ ଏହି ଚଢାଉ ରେ ସାମିଲ ହୋଇଥିଲେ । ଏହି ବ୍ୟାପକ ଅଭିଯାନରେ ନେତୃତ୍ୱ ଦୁଇଜଣ ଅତିରିକ୍ତ ପୋଲିସ ଅଧିକ୍ଷକ ନେଇଥିଲେ । ଏଥିରେ ପାଞ୍ଚ ଜଣ ଡିଏସପି, ୨୫ ଜଣ ଇନ୍ସପେକ୍ଟର, ୩୬ ଜଣ ଏସ ଆଇ ଓ ଏ ଏସ ଆଇ ସହିତ ୧୮ ପ୍ଲାଟୁନ ପୋଲିସ୍ ଫୋର୍ସ ସାମିଲ ଥିଲେ । ମୟୂରଭଞ୍ଜ ଜିଲ୍ଲାର ଖାରପୋଖରିଆ ଥାନା ଅଧୀନ ଘିଆଯୋଡ଼ି, ବିଶୋଇ, କରଞ୍ଜିଆ ତେଣ୍ଟୋପୋଷି, ଚଢ଼େଇଭୋଳ, କେନ୍ଦରାଇ, ଠାକୁରମୁଣ୍ଡା ରେ ଥିବା ଗୋ ମାଫିଆଙ୍କ ଘରେ ଆଜି ଭୋର୍ ସମୟରୁ କେନ୍ଦୁଝର ପୋଲିସ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଛି । ପାହାଡ ଭଳିଆ ଟଙ୍କା ଦେଖି ପୋଲିସ ତାଜୁବ ହୋଇଯାଇଛି । ସେଥିମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାର ଖାରପୋଖରିଆ ଥାନା ଅଧୀନ ଘିଆଯୋଡ଼ି, ଗ୍ରାମରେ ଥିବା ଗୋ ମାଫିଆ ସୁରଜିତ ମହାନ୍ତିଙ୍କ ଘରେ କେନ୍ଦୁଝର ପୋଲିସର ଏକ ଟିମ୍ ଶନିବାର ସକାଳୁ ଚଢାଉ କରିଥିଲା । କେନ୍ଦୁଝର ଏସପି ନୀତିନ୍ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ର ଏଡିସନାଲ ଏସପିଙ୍କ ନେତୃତ୍ୱରେ ଏକ ଟିମ୍ ସୁରଜିତଙ୍କ ଘିଆଯୋଡ଼ି ସ୍ଥିତ ବାସ ଭବନ, ଗୋଡାଉନ୍, ପୈତୃକ ଘର, ଫାର୍ମ ହାଉସରେ ଚଢାଉ କରିଥିଲା । ଚଢାଉ ସମୟରେ ଘିଆଯୋଡ଼ି ବାସଭବନରୁ ୩୨ଲକ୍ଷ ୫୫ ହଜାର ନଗଦ ଟଙ୍କା ସହିତ ୩୭୦ ଗ୍ରାମ ସୁନା, ୨୮୦ଗ୍ରାମର ରୂପା ସହିତ ସ୍ଥାବର ଓ ଅସ୍ଥାବର ସମ୍ପତି ଜବତ କରିଛି ପୋଲିସ । ସେହିପରି ବିଶୋଇର ଗୋ ମାଫିଆ ମୃତ୍ୟୁଞ୍ଜୟଙ୍କ ବାସ ଭବନ ରେ ଚଢ଼ାଉ ବେଳେ ଘରୁ ଜବତ ହୋଇଛି ନଗଦ ୩ ଲକ୍ଷ ୯ ହଜାର ଟଙ୍କା ସହିତ ୩୫ ଗ୍ରାମ ସୁନା, ୯୫ ଗ୍ରାମ ରୂପା । ସେଥି ସହ ଏକ ଏସୟୁଭି ଓ ବାଇକ୍ ଜବତ ହୋଇଛି । ତେବେ ଗୋ ମାଫିଆଙ୍କ ଏତେ ସମ୍ପତି ଦେଖି ପୋଲିସ ଟେରା । କେଉଁଝର ଏସପି ଶ୍ରୀ କୁଶଳକର ପ୍ରେସମିଟ ମାଧମରେ କହିଛନ୍ତି ଏହି ଚଢାଉ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫ଟି ଜିଲ୍ଲାରେ ହୋଇଛି । ଏହି ଜିଲ୍ଲା ମାନଙ୍କରେ ଗୋ ମାଫିଆ ମୁଖ୍ୟ ସୂତ୍ରଧାର ମାନଙ୍କୁ ଗିରଫ କରାଯିବା ସହିତ ସେମାନଙ୍କର ସମ୍ପତ୍ତି କୁ ଜବତ କରାଯିବ । ଏହି ୫ ଜିଲ୍ଲା ଗୋ ମାଫିଆ ମାନଙ୍କ ପାଖରେ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରହିଛି ବୋଲି ପୋଲିସ ଆକଳନ କରିଛି । ଖବର ଲେଖା ହେବା ପ୍ରଯ୍ୟନ୍ତ ୧ କୋଟି ୪୦ ଲକ୍ଷ ଜବତ ହୋଇଥିବା ବେଳେ ୯ ଜଣଙ୍କୁ ପୋଲିସ ଗିରଫ କରିବା ସହିତ ସଂଧ୍ୟା ପ୍ରଯ୍ୟନ୍ତ ଚଢାଉ ସମସ୍ତ ସ୍ଥାନରେ ହେବା ଦେଖା ଯାଇଛି । ଏଭଳି ଚଢାଉରେ ଗୋମାଫିଆ ମାନେ ଭୟଭୀତ ହୋଇ ପଡିଥିବା ବେଳେ ସରକାର ଓ ପୋଲିସଙ୍କୁ ସାଧାରଣ ଜନତା କୃତଜ୍ଞତା ଜଣାଇଛନ୍ତି ।

# ସନସାଇନ ସ୍କୁଲରେ ବାର୍ଷିକ ଉତ୍ସବ



**ପୁରୁଷୋତ୍ତମପୁର(ଏନ୍.ଏମ୍.):** ସହରର ସୁନାମଧନ୍ୟ ସନ ସାଇନ ଇଣ୍ଟରନ୍ୟାସନାଲ ସ୍କୁଲରେ ଗତ କାଲି ସଭାପତି ପ୍ରଫୁଲ କୁମାର ରଥଙ୍କ ପୌରୋହିତ୍ୟରେ ମହା ଆଡମ୍ବର ଓ ଉଦ୍ଦୀପନା ସହକାରେ ୧୧ତମ ବାର୍ଷିକ ଉତ୍ସବ ପାଳନ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ସ୍ଥାନୀୟ ତହସିଲଦାର ବିନୋଦକୁମାର ବେହେରା ଯୋଗଦେଇ ଥିଲେ । ଛାତ୍ର ଛାତ୍ରୀମାନେ ହେଉଛନ୍ତୁ ଦେଶର ଉଜ୍ଜଳ ଭବିଷ୍ୟତ ସେମାନଙ୍କ ଉନ୍ନତିରେ ଦେଶର ଉନ୍ନତି ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ । ସେମାନେ ହେଉଛନ୍ତି ଆମର ପ୍ରକୃତ ସମ୍ପତି । ସେମାନଙ୍କୁ ଉଚିତ ପ୍ରେରଣା ଦେବା ଆମ କର୍ତ୍ତବ୍ୟ । ମୁଖ୍ୟ ବକ୍ତା ଡ଼କ୍ଟର ମାନସ ରଞ୍ଜନ ବେହେରା ଛାତ୍ର ଛାତ୍ରୀ ମାନଙ୍କୁ ଶୁଭକାମନା କରିବା ସହ ଶିକ୍ଷା, ସଂସ୍କାର ଓ ନୈତିକମୂଲ୍ୟବୋଧ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ । ସେ ଆହୁରି କହିଥିଲେ ଯେ ଶିକ୍ଷା ହେଉଛି ଉଜ୍ଜଳ ଭବିଷ୍ୟତ ଗଠନ ରେ ଏକ ମୁଖ୍ୟ ଭୂମିକା । ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଏସ ଡ଼ି ପି ଓ ସୁଜିତ କୁମାର ନାୟକ ଛାତ୍ର ଛାତ୍ରୀମାନଙ୍କ ଉତ୍ତରୋତ୍ତର ଉର୍ନତି କାମନା କରିଥିଲେ କ୍ଷ ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ଡକ୍ଟର ଆଲୋକ ପାଣିଗ୍ରାହୀ ବିଜ୍ଞପିତ ଅଂଚଳର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ମଞ୍ଚାସିନ ଥିଲେ । ପରି ଶେଷରେ ସ୍କୁଲର ଅଧ୍ୟକ୍ଷ ସୁନୀଲ ମହାନ୍ତି ଛାତ୍ର ଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଓ ସଂସ୍କାର ଯୋଗେଇଦେବା ପାଇଁ ଅଭିଭାବକମାନଙ୍କୁ ନିଜ ବକ୍ତବ୍ୟରେ କହିଥିଲେ । ଶେଷରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।

## ବଡ଼ ଡାକ୍ତରଖାନା ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ବିରଳ ଅପରେସନ

# କଟିଯାଇଥିବା ଲିଙ୍ଗର ନବୀକରଣ



**ବ୍ରହ୍ମପୁର (ଏନ୍.ଏମ୍.):** ବ୍ରହ୍ମପୁର ବଡ ଡାକ୍ତର ଖାନା ରେ ବୁଗୁଡ଼ା ଗ୍ରାମର ଜଣେ ସୁରତ୍ ଫେରନ୍ତାଙ୍କ ବିରଳ ଅପରେସନ କରାଯାଇଛି । ତାଙ୍କର ଲିଙ୍ଗ କଟି ଯାଇଥିବାରୁ ସେ ବଡ ମେଡିକାଲ ପ୍ଲାଷ୍ଟିକ ସର୍ଜରୀ ବିଭାଗ ସହ ଯୋଗାଯୋଗ କରିବା ପରେ ତାଙ୍କ ଲିଙ୍ଗର ସଫଳ ଅପରେସନ କରାଯାଇଛି । ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ପୃଥ୍ୱୀରାଜ ସିଂ ଙ୍କ ତତ୍ତ୍ୱାବଧାନରେ ଏହି ଅପରେସନ କରାଯାଇଥିଲା । ଅପରେସନ ରେ ଅନୁରୂପ ସହଯୋଗ କରିଥିଲେ ସହକାରୀ ପ୍ରଫେସର ତନ୍ମୟ ମହାପାତ୍ର, ଡ଼ା ଲିପ୍ସା ସ୍ୱାଇଁ, ଡ଼ା ପ୍ରେମ୍ ପ୍ରକାଶ, ଡ଼ା ଜ୍ୟୋତିଷୀ, ଡ଼ା ଭାନୁ, ନିଶା ଡ଼ାକ୍ତର୍ ସଞ୍ଜୀବ ପାତ୍ର, ଡ଼ା ନିବେଦିତା ସାହୁ, ଡ଼ା ବିପିନ୍ ବିହାରୀ ମଲ୍ଲିକ ଙ୍କ ସମେତ ପାରା ମେଡିକାଲ୍ ଷ୍ଟାଫ ସହଯୋଗ କରିଥିଲେ । ଏହି ଅପରେସନ ସକାଳ ୧୦ଟାରୁ ଆରମ୍ଭ ହୋଇ ରାତି ୮ଟା ଯାଏଁ ଚାଲିଥିଲା । ତାଙ୍କ ଘର୍ ବୁଗୁଡ଼ା କୁଷପଲ୍ଲୀ ଓ ନାମ ସନ୍ୟାସୀ ଗୌଡ଼ ବୋଲି ସୂତ୍ରରୁ ପ୍ରକାଶ । ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ସମାଧାନ ପାଇଁ ଛତିଶଗଡ଼ ଯିବ ...

ପ୍ରସାରଣ ହୋଇଛି । ଏସବୁ ଭିତରେ ପୂର୍ବ ସରକାରଙ୍କ ଭଳି ଟ୍ରିବ୍ୟୁନାଲ ଉପରେ ସବୁ ଛାଡି ନଦେଇ ବିଳମ୍ବରେ ହେଉ ପଛେ ମହାନଦୀକୁ ବଞ୍ଚାଇବାକୁ ତତ୍ପରତା ଦେଖାଇଛନ୍ତି ସରକାର । ୩ ଦଳର ନେତାଙ୍କୁ ନେଇ ବସିଥିବା ମହାନଦୀ ଉଚ୍ଚସ୍ତରୀୟ କମିଟିର ଦ୍ୱିତୀୟ ବୈଠକରେ ବଡ ନିଷ୍ପତି ନିଆଯାଇଛି । ମହାନଦୀ ଜଳ ବିବାଦର ସମାଧାନ ପାଇଁ ଜାନୁଆରି ୩୧ ଓ ଫେବ୍ରୁଆରି ୧ରେ ଛତିଶଗଡ଼ ଯିବ ଓଡ଼ିଶା ଟିମ୍ । ଆଲୋଚନା ଟେବୁଲକୁ ଆସିବେ ଉଭୟ ରାଜ୍ୟ । ଯାହାକୁ ନେଇ ଓଡ଼ିଶା ବେଶ ଆଶାବାଦୀ ରହିଛି । ଛତିଶଗଡ ସହ ଆଲୋଚନା ଟେବୁଲକୁ ଯିବା ପୂର୍ବରୁ ୨୩ ତାରିଖରେ ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର । ମତାମତ, ପରାମର୍ଶ ଓ ଆଇନଦିଗ ଦିଗ ଉପରେ ତର୍ଜମା ହେବ । ବୈଠକର ନିଷ୍କର୍ଷ ଆଧାରରେ ଛତିଶଗଡରେ ପକ୍ଷ ରଖିବେ ସରକାର । ୨୦୧୮ ମାର୍ଚ୍ଚରେ ଗଠିତ ଟ୍ରିବ୍ୟୁନାଲର ଅବଧି ୧୩ ମାର୍ଚ୍ଚରେ ସରିବ । ଏହାର ଅବଧି ବୃଦ୍ଧି ପାଇଁ କେନ୍ଦ୍ରକୁ ଅନୁରୋଧ କରିବାକୁ ନିଷ୍ପତି ହୋଇଛି । ଅଥାର୍ତ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆଲୋଚନା ସହ ଆଇନଗତ ଲଢ଼େଇ ଜାରି ରଖିବ ଓଡ଼ିଶା । ଓଡ଼ିଶା, ଛତିଶଗଡ ଓ କେନ୍ଦ୍ରରେ ଏବେ ବିଜେପି ସରକାର । ତେଣୁ ଆପୋସ ଆଲୋଚନାରେ ମହାନଦୀକୁ ନ୍ୟାୟ ମିଳୁଛି କି ନାହିଁ ? ତାହା ଉପରେ ନଜର । ଏହି ବୈଠକରେ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ସୋଫିଆ ଫିର୍ଦୋସ, ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ ।

## ସ୍ୱୀକାର କଲା ଆତଙ୍କୀ ହାଫିଜ୍ ...

ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ନଅଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲା । ଭାରତର ଆକ୍ରମଣ କେବଳ ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିବା ଉପରେ କେନ୍ଦ୍ରିତ ଥିଲା । ତଥାପି, ଜବାବରେ, ପାକିସ୍ତାନ ଭାରତର ସାମରିକ ଏବଂ ବେସାମରିକ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, ଯାହା ଫଳରେ ଏକ ଚାରି ଦିନିଆ ସାମରିକ ସଂଘର୍ଷ ହୋଇଥିଲା । ଭାରତର ଶୀର୍ଷ ନେତୃତ୍ୱ ବାରମ୍ବାର ଦାବି କରିଛନ୍ତି ଯେ ଅପରେସନ ସିନ୍ଦୂର ଶେଷ ହୋଇନାହିଁ । ବରଂ ଏହାକୁ କେବଳ ବିରତି ରଖାଯାଇଛି, ପାକିସ୍ତାନକୁ ଯେକୌଣସି ସମୟରେ ପୁଣି ଅପରେସନ ସିନ୍ଦୂର-୨ ମାଧ୍ୟମରେ ଆକ୍ରମଣ କରାଯାଇପାରେ । ତେବେ ଜମ୍ମୁ ଏବଂ କାଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍ଓସି) ପାଖରେ ପାକିସ୍ତାନର କିଛି ଡ୍ରୋନ ମଧ୍ୟ ଦେଖାଯାଇଥିଲା । ଯାହା ପରେ ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଥିଲେ । "ଯଦି ପାକିସ୍ତାନୀ ସେନା କିଛି କରିବା ପାଇଁ ଚେଷ୍ଟା କରନ୍ତି, ତେବେ ଆମେ ତା' ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ," ସେ କହିଛନ୍ତି ।

## ଆସନ୍ତା ବର୍ଷ ଜାନୁଆରୀ ...

ଅତିରିକ୍ତ ଜିଲ୍ଲାପାଳ,ଉପ-ଜିଲ୍ଲାପାଳ,ଡ଼େପୁଟି କଲେକ୍ଟର( ଜି ଆଣ୍ଡ ଏମ୍ ବିଭାଗ )ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।ନିର୍ବାଚନ ପାଇଁ ଇଭିଏମ ଆଦି ଉପକରଣ ଜିଲ୍ଲାରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଗୋଦାମକୁ ଫେରସ୍ତ କରିବା, ତ୍ରି-ସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବାଲଟ୍ ପେପର୍ ମୁଦ୍ରଣ, ଗଣନା କେନ୍ଦ୍ରର ଚିହ୍ନଟ, ଆଗାମୀ ସାଧାରଣ ନିର୍ବାଚନ ପାଇଁ ପିଆରଆଇ ଏବଂ ୟୁଏଲବିଏସ-୨୦୨୭ ସମ୍ପର୍କିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ କାର୍ଯ୍ୟ ପାଇଁ ତାରିଖ ସୀମା, ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ପର୍କିତ ବକେୟା ଥିବା ଡିସି ବିଲ୍/ ୟୁସି ଦାଖଲ ,ଗ୍ରାମ ପଞ୍ଚାୟତ ଓ ପୌର ଅଞ୍ଚଳରେ ସର୍ଭେ ରୁଟ୍ର ଜିଆଇଏସ ମ୍ୟାପିଂ କରିବା, ଭୋଟର ତାଲିକା ଅନ୍ତର୍ଭୁକ୍ତିକରଣ ତ୍ରୁଟିଗୁଡ଼ିକୁ ଅପସାରଣ ଏବଂ ବାଦକରଣ ତ୍ରୁଟିଗୁଡ଼ିକୁ ଭୋଟର ତାଲିକା ରେ ଯୋଡିବା ,ଗଣନା ହଲ୍ ଏବଂ ଟେବୁଲ ବୃଦ୍ଧି କରିବା, ଅସ୍ଥାୟୀ ବୁଥକୁ ସ୍ଥାୟୀ ବୁଥରେ ପରିଣତ କରିବା, ସମ୍ବେଦନ ଓ ଅତିସମ୍ବେଦନଶୀଳ ବୁଥ୍ ଗୁଡ଼ିକୁ ଚିହ୍ନଟ କରିବା,ଅତିସମ୍ବେଦନଶୀଳ ବୁଥ୍ ରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ବ୍ୟବସ୍ଥା କରିବା ଏବଂ ଭୋଟଦାନର ଗୋପନୀୟତା ବଜାୟ ରଖିବା ପାଇଁ ପଞ୍ଚାୟତ ନିର୍ବାଚନର ବାଲଟ୍ ପେପରଗୁଡ଼ିକର ନୂତନ ଗଣନା ପ୍ରକ୍ରିୟା, ଅର୍ଥାତ୍ ଏକତ୍ରୀକରଣ, ମିଶ୍ରଣ ଏବଂ ଗଣନା ଆଦି ଉପରେ ଆଲୋଚନା କରାଯାଇଥିଲା । ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର , ରାଜ୍ୟ ନିର୍ବାଚନ ଆୟୋଗର ସଚିବ ସନ୍ତୋଷ କୁମାର ଦାଶ , ରାଜ୍ୟ ନିର୍ବାଚନ ଆୟୋଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବାଲେଶ୍ୱର ଜିଲ୍ଲାପାଳ ମୟୂର ସୂର୍ଯ୍ୟବଂଶୀ ଧନ୍ୟବାଦ ଦେଇଥିଲେ ।

## ସରକାରୀ ମିଟରରୁ ଭଡ଼ା ଆଦାୟ ବେଆଇନ ...

ସାଧାରଣ ଉପଭୋକ୍ତାଙ୍କଠାରୁ କୋଟିକୋଟି ଟଙ୍କା ନେବା ଧର୍ତ୍ତବ୍ୟ ଅପରାଧ । ଜାଲିଆତି କରି ପଇସା ଆଦାୟ ପାଇଁ ଟାଟା କର୍ତ୍ତୃପକ୍ଷଙ୍କୁ ଗିରଫ ସହ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାମ୍ବାଦିକ ସମ୍ମିଳନୀରେ ଉପଭୋକ୍ତା ମହାସଂଘ ସଭାପତି ରମେଶ ଚନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ପ୍ରସନ୍ନ ବିଷୋୟୀ, ସମ୍ପାଦକ ଲଲାଟେନ୍ଦୁ ଦୀକ୍ଷିତ, ଅକ୍ଷୟ ଆଚାର୍ଯ୍ୟ କହିଛନ୍ତି । ପରିସ୍ଥିତିର ସମୀକ୍ଷା ନ କରି ରାଜ୍ୟ ସରକାର ୭୩୫କୋଟି ଟଙ୍କା ଟାଟା ପାଓ୍ୱାରକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି କ୍ଷ ସାଧାରଣ ଲୋକଙ୍କ ଟିକସ ପଇସାରେ ମିଟର ଲଗାଇ ଟାଟା ପାଓ୍ୱାର ମନଇଚ୍ଛା ଶୋଷଣ କରି ଚାଲିବେ । ଏହା ବିଦ୍ୟୁତ୍ ଅଧିକାର ଆଇନର ବିରୋଧୀ ବୋଲି ଉପଭୋକ୍ତା ମହାସଂଘ ଦାବି କରିଛନ୍ତି ।

## ପ୍ରଥମ ବନ୍ଦେ ଭାରତ ସ୍ଲିପର ...

ଭବିଷ୍ୟତର ବନ୍ଦେ ଭାରତ ୪.୦ ଟ୍ରେନଗୁଡ଼ିକ ଘଣ୍ଟା ପ୍ରତି ୩୫୦ କିମି ବେଗରେ ଦୌଡ଼ିବ, ଯାହା ଭାରତକୁ ବିଶ୍ୱର ଦ୍ରୁତତମ ରେଳ ବ୍ୟବସ୍ଥା ଥିବା ଦେଶମାନଙ୍କ ମଧ୍ୟରେ ସ୍ଥାନିତ କରିବ । ରେଳ ମନ୍ତ୍ରାଳୟ ଅନୁଯାୟୀ, ଏହି ବିକାଶ ପରବର୍ତ୍ତୀ ପିଢ଼ିର ହାଇ-ସ୍ପିଡ୍ ରେଳ ଯାତ୍ରାକୁ ସୁବିଧା କରିବ । ଏହାକୁ ବିଶେଷ ଭାବରେ ମୁମ୍ବାଇ-ଅହମ୍ମଦାବାଦ ରୁଟ୍ ଭଳି 'ଡେଡିକେଟେଡ୍ ହାଇ-ସ୍ପିଡ୍ କରିଡର' ପାଇଁ ଡିଜାଇନ୍ କରାଯାଉଛି । ପ୍ରଥମ ସେମି ହାଇ-ସ୍ପିଡ୍ ଟ୍ରେନ୍ସେଟ୍ ଫେବୃଆରୀ ୨୦୧୯ରେ ପ୍ରଚଳନ କରାଯାଇଥିଲା । ସେପ୍ଟେମ୍ବର ୨୦୨୨ରେ ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକ ବୃଦ୍ଧି କରାଯାଇଥିଲା।ପରବର୍ତ୍ତୀ ସମୟରେ ୨୦୨୫ରେ ଶକ୍ତି କ୍ଷମତା ଏବଂ ଯାତ୍ରୀ ସୁବିଧାଗୁଡ଼ିକ ଉନ୍ନତ କରାଯାଇଥିଲା । ୨୦୨୬ରେ ଏହାର ସ୍ଲିପର୍ ଭାରିଆଣ୍ଟ ଲଞ୍ଚ କରାଯିବ । ଏହା ଏକ ଦୂରଗାମୀ ଟ୍ରେନ୍ ହେବ ଯାହା ରାତିରେ ମଧ୍ୟ ଚାଲିବ । ୨୦୨୭ରେ ଚତୁର୍ଥ ସଂସ୍କରଣ ଲଞ୍ଚ କରାଯିବ, ଯାହାର ସର୍ବାଧିକ ଗତି ୩୫୦ କିମି ଘଣ୍ଟା ହେବ । ୨୦୪୭ ସୁଦ୍ଧା ସାରା ଦେଶର ୪,୫୦୦ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁ କରିବାର ଲକ୍ଷ୍ୟ ରଖାଯାଇଛି । 'ବନ୍ଦେ ଭାରତ ୪.୦' କେବଳ ଦ୍ରୁତବେଗ ନୁହେଁ, ଏହା ବିଶ୍ୱର ସର୍ବୋତ୍ତମ ସୁରକ୍ଷା ମାନଦଣ୍ଡକୁ ମଧ୍ୟ ପୂରଣ କରିବ । 'କବଚ ୫.୦' ହେଉଛି ଭାରତର ସ୍ୱଦେଶୀ 'ସ୍ୱୟଂଚାଳିତ ଟ୍ରେନ ସୁରକ୍ଷା' ସିଷ୍ଟମ । ଏହା ଟ୍ରେନ୍ଗୁଡ଼ିକୁ ଦୁର୍ଘଟଣା ହେବାରୁ ଅର୍ଥାତ୍ ଧକ୍କା ହେବାରୁ ରୋକେ, ସିଗନାଲ ଡେଇଁଲେ ସ୍ୱୟଂଚାଳିତ ଭାବରେ ବ୍ରେକ୍ ଲଗାଏ ଏବଂ ଦ୍ରୁତଗତିକୁ ନିୟନ୍ତ୍ରଣ କରେ । ଏହି ପ୍ରଯୁକ୍ତିବିଦ୍ୟା ବ୍ରେକିଂ ସମୟରେ ଶକ୍ତି ଉତ୍ପାଦନ କରେ, ଯାହାକୁ ପରେ ଗ୍ରିଡ୍କୁ ପଠାଯାଏ । ଯାହା ଫଳରେ ଯଥେଷ୍ଟ ଶକ୍ତି ସଞ୍ଚୟ ହୁଏ । ଏହା ଏକ 'ସେମି ପରମାନେଣ୍ଟ କପଲର' ଏବଂ ଉନ୍ନତ ସସ୍ପେନସନ ବ୍ୟବହାର କରେ, ଯାହା ସୁନିଶ୍ଚିତ କରେ ଯେ, ଯାତ୍ରୀମାନେ ଉଚ୍ଚ ଗତିରେ ମଧ୍ୟ କୌଣସି ଝଟକା ଅନୁଭବ କରନ୍ତି ନାହିଁ ।

## ଓଡ଼ିଶାରେ ସରିଲା ପକ୍ଷୀ ଗଣନା ...

୯୯୩, ୟୁରାସିଆ ଉଇଗର୍ନ ପ୍ରଜାତିର ୧ଲକ୍ଷ ୫୩ହଜାର ୩୧୮, ଗାଡଓ୍ୱାଲ୍ ପ୍ରଜାତିର ୧ଲକ୍ଷ ୪୩ହଜାର ୧୨୭ ପକ୍ଷୀ ରହିଛନ୍ତି । ପକ୍ଷୀ ଗଣନା ପୂର୍ବରୁ ପିସିସିଏଫ୍(ବନ୍ୟପ୍ରାଣୀ) ଶ୍ରୀ ଝାଙ୍କ ନିର୍ଦ୍ଦେଶକ୍ରମେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସରକାରୀ ଓ ବେସରକାରୀ ସଂସ୍ଥାର ୧୩୩ଜଣଙ୍କୁ ୨୨ଟି ଗ୍ରୁପ୍ରେ ବିଭକ୍ତ କରାଯାଇ ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ସେଥିମଧ୍ୟରୁ ୩ଟି ଗ୍ରୁପ୍ ସଡ଼କ ପାର୍ଶ୍ୱରେ ଓ ୧୯ଟି ଡଙ୍ଗା ଦ୍ୱାରା ପକ୍ଷୀ ଗଣନା କରିଥିଲେ । ୨୨ଟି ଦଳରେ ଜଣେ ଲେଖାଏଁ ପକ୍ଷୀ ବିଶେଷଜ୍ଞଙ୍କ ସହ ୩ରୁ ୫ଜଣ ସଦସ୍ୟ ରହିଥିଲେ । ପକ୍ଷୀ ଗଣନାରେ ବନ ବିଭାଗ କର୍ମଚାରୀଙ୍କ ସହିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥା, ବମ୍ବେ ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟି ଓ ଓଡ଼ିଶା ଜୈବ ବିବିଧତା ବୋର୍ଡର ବୈଜ୍ଞାନିକ, ବରିଷ୍ଠ ପକ୍ଷୀ ବିଶାରଦ, ବନ ସୁରକ୍ଷା ସମିତିର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ, ଜନପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

## ରାଜ୍ୟ ସରକାରଙ୍କ ବଜେଟ ...

ଆଣିଥିଲେ ୧୭ହଜାର ୪୪୦ କୋଟିର ଅତିରିକ୍ତ ବଜେଟ । ଏମିତି ମୂଳ ବଜେଟ ଓ ଅତିରିକ୍ତ ବଜେଟକୁ ମିଶାଇଲେ ରାଜ୍ୟ ସରକାର ବର୍ଷକ ପାଇଁ ୩ ଲକ୍ଷ ୭ ହଜାର ୪୪୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି । ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି, ବଜେଟ ଅର୍ଥକୁ ସରକାର ବିଲ୍ କରି ନେଉଯାଉଛନ୍ତି । ଯାହା ବଜେଟରେ ଘୋଷଣା କରିଛନ୍ତି ତାହା ୨ବର୍ଷ ଭିତରେ ପୂରଣ କରିବାରେ ଫେଲ ହୋଇଛନ୍ତି । କୁଆଡେ ଗଲା ସବୁ ଜିଲ୍ଲାରେ ଶୀତଳ ଭଣ୍ଡାର, ମାଛ ଚାଷରେ କେତେ ସଫଳ ? ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର କହିଛନ୍ତି ଶିକ୍ଷା ବ୍ୟବସ୍ଥା ସୁଧାର ପାଇଁ ବଜେଟରେ ଅଧିକ ଅର୍ଥ ବ୍ୟୟ ବରାଦ ଆବଶ୍ୟକ । ସରକାରୀ ହିସାବ କହୁଛି ଡିସେମ୍ବର ସୁଦ୍ଧା ରାଜ୍ୟ ସରକାରଙ୍କ ପ୍ରଶାସନିକ ଖର୍ଚ୍ଚ ଥିଲା ୪୪ ପ୍ରତିଶତ ଓ କାର୍ଯ୍ୟକ୍ରମ ଖର୍ଚ୍ଚ ଥିଲା ୩୬ ପ୍ରତିଶତ । ଯାହାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ ।

● ନବନିର୍ମିତ ରାସ୍ତା ବଖାଣିଲା ଆର.ଡି ବିଭାଗ ଦୁର୍ନୀତିର କାହାଣୀ

# ନିମ୍ନମାନର କାମକରି ସରକାରୀ ଟଙ୍କା ହଡପ କରୁଥିବା ଅଭିଯୋଗ





**ବୈପାରୀଗୁଡା (ଏନ୍.ଏମ୍.):** ବିନା ସୂଚନା ଫଳକରେ ନିମ୍ନ ମାନର କାମ କରିଛି ବିଭାଗ । କାମ ସରି ୧୫ ଦିନ ହୋଇଛି ହାତ ମାରିଲେ ଉଠୁଛି ପୁଳା ପୁଳା ପିଚୁ । ପିଚୁକୁ ହାତରୁ ଘଷିଦେଲେ ତଳେ ଥିବା ରଙ୍ଗମାଟି ଦେଖା ଯାଉଛି । ଏ ହେଉଛି ଗ୍ରାମ୍ୟ ଉନ୍ନୟନ ବିଭାଗର ବାସ୍ତବ ଚିତ୍ର । ଏ କଥା ଆମେ କହୁନୁ ଏ କଥା ରାସ୍ତାରୁ ବାହାରୁଥିବା ପିଚୁ ହିଁ ବୟାନ କରୁଛି । ଏହି ନିମ୍ନମାନର କାମ ଦେଖିଲେ ଅନୁମାନ ହେଉଛି ଏଠାରେ ରାସ୍ତା ନିର୍ମାଣ ନାମରେ ସତେ ଯେମିତି ସରକାରଙ୍କ ଟଙ୍କା ଆତ୍ମସାତ କରାଯାଉଛି । ଏହି ଅଭିଯୋଗ ଆସିଛି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତ ପାଲ୍ଲିଗୁଡା ଗ୍ରାମରୁ । ପାଲ୍ଲିଗୁଡ଼ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲା ପରେ ଗ୍ରାମବାସୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଦଶମନ୍ତପୁର ରୁ ଦାପୁଟ ଅର.ଡି ରାସ୍ତାରୁ ପାଲ୍ଲିଗୁଡା ଗ୍ରାମରେ ନୂତନ ଭାବରେ ପିଚୁ ରାସ୍ତା ପାଇଁ ଅନୁଦାନ ଆସିଥିଲା ଓ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟି ରାସ୍ତା ତିଆରି ମଧ କରାଯାଇଛି କିନ୍ତୁ ଅତି ନିମ୍ନମାନର କରାଯିବା ସହ କେଉଁ ବିଭାଗର କାମ ଓ କେତେ ଅଟକଳ ମୂଲ୍ୟରେ ଅନୁଦାନ ଆସିଛି ତାହା ଗ୍ରାମବାସୀଙ୍କୁ ଲୁଚା ଯାଉଛି ବୋଲି ଗ୍ରାମବାସୀ କହିଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ଯେ କୌଣସି ଜନହିତକର କାର୍ଯ୍ୟ କରିବା ପୂର୍ବରୁ ପ୍ରଥମେ ସୂଚନା ଫଳକ ଲଗାଇବାର ନିୟମ ରହିଛି ;କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାର ମଧୁଚନ୍ଦ୍ରିକା କରି ନିମ୍ନମାନର କାମ କରିବା ଉଦ୍ଦେଶ୍ୟରେ ସୂଚନାଫଳକ ଲଗାଇନଥିନା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଏହି କାମକୁ ନେଇ ଗ୍ରାମବାସୀ ଅସନ୍ତୋଷ ହେବା ସହ ବୈପାରୀଗୁଡା ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ତ ହୋଇଛନ୍ତି । ଆଗାମୀ ଦିନରେ ଯଥାଶୀଘ୍ର ଏହି ନିମ୍ନମାନର ରାସ୍ତାକୁ ପୁନର୍ବାର ତିଆରି କରାନଗଲେ ଜିଲ୍ଲାପାଳ ଓ ମନ୍ତ୍ରୀଙ୍କ ଦ୍ୱାରସ୍ତ ହେବୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ଗୋମାଫିଆ ଘରେ କେଉଁଝର ଓ ଯାଜପୁର ସଦର ପୋଲିସର ଚଢଉ




**ଯାଜପୁର(ଏନ୍.ଏମ୍.):** ଆଜି ସମଗ୍ର ରାଜ୍ୟରେ ପ୍ରାୟ ୪୬ ଟି ଗୋ ମାଫିଆଙ୍କ ଘରେ ଚଢ଼ାଉ ଜାରି ରହିଥିବା ବେଳେ ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତ ପାଣ୍ଡିଆ ଗୋପୀନାଥ ପୁର ଗ୍ରାମର ଶେଖ୍ ସରିଫଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଛି । ଭୋର ୪ ଟା ସମୟରେ କେଉଁଝର ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ, ଏସ୍ ଆଇ ସମ୍ପଦ କୁମାର ମହାନ୍ତି, ଏ ଏସ ଆଇ ଦିଲ୍ଲୀପ କୁମାର ମୁର୍ମୁଙ୍କ ସହିତ ୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଓ ଯାଜପୁର ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା, ଏ ଏସ ଆଇ ରଞ୍ଜିତା ମହାରଣା, ଏ ଏସ ଆଇ ସୁଶାନ୍ତ କୁମାର ଦାଶ, ଏ ଏସ ଆଇ ସୁମନ୍ତ କୁମାର ସାମନ୍ତରାୟ ମିଳିତ ଭାବେ ସଦଳବଳେ ଗୋ ମାଫିଆ ଶେଖ୍ ସରିଫ୍ ଙ୍କ ୨ ଟି ରହିବା ଘର ଓ ଗୋଟିଏ ଗୋଦାମ ଘର ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଘରେ କୌଣସି ପୁରୁଷ ନଥିବା ଦେଖିବାକୁ ମିଳିଥିଲା । ଦୀର୍ଘ ୧୪ ଘଣ୍ଟା ଧରି ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା । ଚଢ଼ାଉ ସମୟରେ ଗୋ ମାଫିଆ ଘରୁ ନଗଦ ୧,୬୫,୦୦୦( ଏକ ଲକ୍ଷ ପଞ୍ଚଷଠି ହଜାର ) ଟଙ୍କା ସହ ୩୫ ଗ୍ରାମ ସୁନା ଗହଣା,୫୨୦ ଗ୍ରାମ ରୂପା ଗହଣା,୧୩ ଗୋଟି ମୋବାଇଲ ଫୋନ୍,୧୭ ଗୋଟି ମୂଲ୍ୟବାନ ଜମି ପଟ୍ଟା,ଗୋଟିଏ ଚାରି ଚକିଆ ଥ୍ର,ଗୋଟିଏ କ୍ରେଟା କାର୍,ଗୋଟିଏ ମାରୁତି ଡିଜେୟାର୍, ଦୁଇଟି ବୁଲେଟ୍,ଗୋଟିଏ ସ୍କୁଟି ସହ ୧୦ କିଲୋରୁ ଉର୍ଦ୍ଧ୍ୱ ଗୋମାଂସ ,ବିଭିନ୍ନ ବ୍ୟାଙ୍କ ପାସ ବୁକ୍ ଜବତ ହୋଇଥିବା ଜଣାପଡିଛି ।

## ଚାଲାଣ ବେଳେ ମାଡ଼ି ବସିଲା ପୁଲିସ: ଗଂଜେଇ ସହ କାର, ନଗଦ ଟଙ୍କା ଜବତ

**ଜମନକିରା(ଏନ୍.ଏମ୍.):** ସମ୍ବଲପୁର ଏସପି ମୁକେଶ କୁମାର୍ ଭାମୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ବେଆଇନ୍ ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକ୍ ଲଗାଇବା ପାଇଁ ପୁଲିସ୍ ଧରପଗଡ ଅଭିଯାନ ଚଳାଇଛି । ଏହି ଅଭିଯାନକୁ ଜୋରଦାର କରି ଜମନକିରା ପୁଲିସ୍ ଏକ ବଡ଼ ସଫଳତା ହାସଲ କରିଛି । ରବିବାର ଅପରାହ୍ଣରେ ଜମନକିରା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁଚିଣ୍ଡା ଏସଡିପିଓ ପ୍ରଦୀପ୍ତ କୁମାର ଦାଶ ସୂଚନା ଦେଇ କହିଥିଲେ ଯେ, ଗତ ଦୁଇ ମାସ ହେଲା ଜିଲ୍ଲାରେ ବ୍ୟାପକ ପରିମାଣର ନିଶାଦ୍ରବ୍ୟ ଚୋରା ଚାଲାଣ ହେଉଛି । ଗତ ୧୭ ତାରିଖ ଅପରାହ୍ନ ଦେଢ଼ଟାରେ ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କ ନିର୍ଦ୍ଦେଶରେ ଏସଆଇ ସନ୍ତୋଷ ସ୍ୱାଇଁ ଏବଂ ପୁଲିସ ଟିମ୍ (ଏନ୍ଏଚ୍ ୫୩) ଉପରେ ଚେପଟାମ୍ବ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ପୁଲିସକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା । ସେହି ରାସ୍ତା ଦେଇ ଯାଉଥିବା ଏକ ସିଲଭର୍ ରଙ୍ଗର ଏକ କାର (ଓଡ଼ି ୦୨ଭି ୦୯୧୯)କୁ ପୁଲିସ ଟିମ୍ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଦୁଇଟି ପ୍ଲାଷ୍ଟିକ୍ ବ୍ୟାଗରେ ମୋଟ୍ ୨୫ କିଲୋ ୪୫୦ ଗ୍ରାମ ଗଞ୍ଜେଇ ରହିଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓ ସ୍ଥାନୀୟ ସାକ୍ଷୀମାନଙ୍କ ସମ୍ମୁଖରେ ଓଜନ କରିବାରୁ ଗୋଟିଏ ପ୍ଲାଷ୍ଟିକ ବ୍ୟାଗରେ ୧୬ କିଲୋ ୫୦୦ ଗ୍ରାମ ଥିବା ବେଳେ ଅନ୍ୟ ଏକ ବ୍ୟାଗରେ ୮ କିଲୋ ୯୫୦ ଗ୍ରାମ ଗଞ୍ଜେଇ ଭର୍ତ୍ତି ଥିବା ଜଣା ପଡିଥିଲା । କାର୍କୁ ଦୀପକ ପାଣ୍ଡେ ଚଳାଉ ଥିଲା ବୋଲି ଏସଡିପିଓ ଶ୍ରୀ ଦାଶ ସୂଚନା ଦେଇଛନ୍ତି । ଘଟଣାସ୍ଥଳରୁ ୪ ଜଣ ପେଶାଦାର ଗଞ୍ଜେଇ ମାଫିଆ ଯଥା-ସମ୍ବଲପୁର କ୍ଷେତରାଜପୁର ବାସିନ୍ଦା ରୋଶନ୍ ସିଂ (୨୪), ତିଓ୍ୱାରୀଗଳିର ଦୀପକ ପାଣ୍ଡେ (୨୨), ଧନୁପାଲି ଥାନା ଅଧୀନ ମୋତିଝରନର ମହମ୍ମଦ ଦାନିସ (୨୦) ଏବଂ କ୍ଷେତରାଜପୁର ଥାନା ଅଧୀନ ଦୁର୍ଗାପାଲିର ଉତ୍ତମ ବଗର୍ତ୍ତୀ (୩୦)ଙ୍କୁ ଥାନାକୁ ଧରି ଆଣି ପଚରା ଉଚୁରା କରିଥିଲା । ପୁଲିସ୍ ଜେରା ବେଳେ କୋଲକତାରୁ ଦେବଗଡ, ସମ୍ବଲପୁରକୁ ଭାୟା ବଡ଼ରମା ଘାଟି ଦେଇ ଗଞ୍ଜେଇ ଚାଲାଣ କରୁଥିବା ସ୍ୱୀକାରକରିଥିଲେ ।

# ଉପାନ୍ତ ଅଞ୍ଚଳରେ ଶୀତବସ୍ତ୍ର ବଣ୍ଟନ



**ପାଲଲହଡା (ଏନ୍.ଏମ୍.):** ପାଲଲହଡା ବ୍ଲକର ଉପାନ୍ତ ଅଞ୍ଚଳ କୁହାଯାଉଥିବା ବାଗୁଡ଼ି ଭୂୟାଁ ଅଞ୍ଚଳର ପେଚାମୁଣ୍ଡି ଗ୍ରାମ ପଞ୍ଚାୟତରେ ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ପ୍ରତିଷ୍ଠାତା ତଥା ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ଅସହାୟ, ଗରିବ, ନିରାଶ୍ରୟ, ବୃଦ୍ଧବୃଦ୍ଧା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନ ତରଫରୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି । ଏହି ଅଞ୍ଚଳ ପାର୍ବତ୍ୟ ଅଞ୍ଚଳ ହେତୁ ଏଠି ଶୀତଦିନେ ଥଣ୍ଡାର ପ୍ରକୋପ ବହୁ ମାତ୍ରାରେ ଦେଖାଦିଏ । ଏହି ଅଞ୍ଚଳରେ ବିଶେଶତଃ ଆଦିବାସୀ ସଂପ୍ରଦାୟର ଲୋକମାନେ ବହୁ ମାତ୍ରାରେ ବସବାସ କରୁଥିବା ହେତୁ ଲୋକମାନେ ଶୀତଦିନେ ଘରୁ ବାହାରକୁ ବାହାରିବା ମଧ୍ୟ ଅସମ୍ଭବ ହୋଇ ପଡେ । ଏହି ପଞ୍ଚାୟତରେ ଶୀତବସ୍ତ୍ର ବଣ୍ଟନ ସମୟରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ସହିତ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ରାଉତ, ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତ୍ରୀ ରଞ୍ଜିତାରାଣୀ ନାଥ, ଶାନ୍ତିଲତା ପଲେଇ, ସମାଜସେବୀ ତଥା ଶିକ୍ଷକ ରାଜେନ୍ଦ୍ର ଗଡ଼ନାୟକ, ଭାରତୀୟ ଜନତା ପାର୍ଟିର ନେତା ତ୍ରିନାଥ ପଲେଇ, ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ସଦସ୍ୟ ଫନୀଭୂଷଣ ପଲେଇ ଉପସ୍ଥିତ ଥିଲେ ।

# ସାମ୍ବାଦିକ ମଳୟ ମହାନ୍ତଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର




**ବାରିପଦା (ଏନ୍.ଏମ୍.):** ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ପରିବାର ପକ୍ଷରୁ ଗତ ଶନିବାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ନବମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନ୍ତଙ୍କ ସ୍ମୃତି ଚାରଣ କରାଯିବା ସହ ତାଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଉକ୍ତ ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି ଶିବିରରେ ୪୧ଜଣ ରକ୍ତ ଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, କଳିଙ୍ଗ କେଶରୀ ଜେନା, ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୌମ୍ୟରଞ୍ଜନ ମିଶ୍ର ଓ ଅରୁଣ ବେହେରା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ମହତ ଦାନ ବା ଜୀବନ ଦାନ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଆୟୋଜକଙ୍କ ପକ୍ଷରୁ ପ୍ରମାଣପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ସାମ୍ବାଦିକମାନଙ୍କ ଉପସ୍ଥିତିରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ବ୍ୟକ୍ତିବଶେଷ ଓ ସାମ୍ବାଦିକ ସ୍ୱର୍ଗତ ମହାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକ ପାତ କରିଥିଲେ । ସାମ୍ବାଦିକତାରେ ଶ୍ରୀ ମହାନ୍ତ ଜଣେ ଅନୁଷ୍ଠାନ । ତାଙ୍କର ନିର୍ଭୀକ ସାମ୍ବାଦିକତା ଆଜି ଯୁବ ସାମ୍ବାଦିକଙ୍କ ପାଇଁ ସବୁଦିନେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ । ରେଡକ୍ରସର ଆଜୀବନ ସଦସ୍ୟ ଅମର ସେଠୀ ଶିବିର ପରିଚାଳନା କରିଥିବାବେଳେ ତପନ କୁମାର ଦାସ, ସୋମନାଥ ସିଂ ଏବଂ ଡ.ନିରୋଜ ଲୋଚନ ପୋଥାଳ ତାଙ୍କୁ ସହଯୋଗ କରିଥିଲେ । ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ଓ ବୈଷୟିକ ଟିମ ରକ୍ତ ସଂଗ୍ରହରେ ସହଯୋଗ କରିଥିବା ବେଳେ ଆୟୋଜକ ସାମ୍ବାଦିକ ପରିବାରର ସଦସ୍ୟବୃନ୍ଦ ନିଜନିଜ ଦାୟିତ୍ୱ ନିର୍ବାହ କରିଥିଲେ ।

**୪୧ ୟୁନିଟ ରକ୍ତ ସଂଗୃହୀତ**




୧୦ମ ସବ୍-ଜୁନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିଅନସିପ୍‌ର ଶୁଭାରମ୍ଭ

# ଓଡ଼ିଶା ବାଳିକା ଦଳର ଦମଦାର ବିଜୟ




**ଭୁବନେଶ୍ୱର (ଏଜେନ୍ସି) :** ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆଜିଠାରୁ 'ଦଶମ ସବ୍-ଜୁନିୟର ରଗ୍ବୀ ସେଭେନ୍ସ ଚାମ୍ପିୟନସିପ୍-୨୦୨୫' ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍ବୀ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ୍ ରଗ୍ବୀ ଆସୋସିଏସନ୍ର ମିଳିତ ସହଯୋଗରେ ଆରମ୍ଭ ହୋଇଛି ଏହି ଚାମ୍ପିୟନସିପ୍ । କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜାତୀୟସ୍ତରୀୟ କ୍ରୀଡ଼ା ମହାକୁମ୍ଭର ଶୁଭାରମ୍ଭ କରିଛନ୍ତି । ଭାରତୀୟ ରଗ୍ବୀ ଦଳର ଉପ-ଅଧିନାୟିକା ତଥା ଓଡ଼ିଶାର ତାରକା ଖେଳାଳି ଡୁମୁନି ମାର୍ଣ୍ଡି ଚାମ୍ପିଅନସିପ୍ ଟ୍ରଫିକୁ ପଡ଼ିଆକୁ ନେଇ ସ୍ଥାପନା କରିବା ପରେ ସମସ୍ତ ୨୪ଟି ପ୍ରତିଯୋଗୀ ଦଳର ଅଧିନାୟିକାମାନେ ଜଣକ ପରେ ଜଣେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ । ଏହି ଅବସରରେ ଭାରତୀୟ ରଗ୍ବୀ ଫୁଟବଲ୍ ୟୁନିୟନ (ଆଇଆର୍‌ଏଫୟୁ)ର ସମ୍ପାଦକ ଜେରାଲ୍ଡ ପ୍ରଭୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉଦ୍ଘାଟନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଦଭ, କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଓଡ଼ିଶା ରଗ୍ବୀ ଫୁଟବଲ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ । ୧୫ବର୍ଷରୁ କମ୍ ବାଳିକା ବର୍ଗର ପ୍ରତିଯୋଗିତା ସହ ଏହି ଚାମ୍ପିଅନସିପ୍ ଆରମ୍ଭ ହୋଇଛି । ଉଦଘାଟନୀ ଦିବସରେ ୨୪ଟି ରାଜ୍ୟ ଦଳ ମଧ୍ୟରେ ଉଚ୍ଚକୋଟୀର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଦେଖିବାକୁ ମିଳିଥିବାବେଳେ ଓଡ଼ିଶା, ମହାରାଷ୍ଟ୍ର ଏବଂ ବିହାର ପରି ଶକ୍ତିଶାଳୀ ଦଳଗୁଡ଼ିକ ଚମତ୍କାର ପ୍ରଦର୍ଶନ କରି ପ୍ରତିଯୋଗିତାର ଆରମ୍ଭରୁ ନିଜର ଆଧିପତ୍ୟ ଜାହିର କରିଛନ୍ତି । ଆୟୋଜକ ରାଜ୍ୟ ଓଡ଼ିଶା ନିଜ ମାଟିରେ ପ୍ରଭାବଶାଳୀ ପ୍ରଦର୍ଶନ କରି 'ପୁଲ୍-ଡି'ରେ ଉତ୍ତରପ୍ରଦେଶକୁ ୩୫-୦ ଏବଂ ରାଜସ୍ଥାନକୁ ୨୮-୦ ବ୍ୟବଧାନରେ ପରାସ୍ତ କରି ଅପରାଜେୟ ରହିଛି । ପ୍ରଥମ ଦିବସରେ ଓଡ଼ିଶା ବାଳିକା ରଗ୍ବୀ ଦଳ ଏହି ଦମ୍‌ଦାର ବିଜୟ ଯାତ୍ରା ଆରମ୍ଭ କରିଛି । ସେହିପରି ଗତ ବର୍ଷର ଚାମ୍ପିଅନ ମହାରାଷ୍ଟ୍ର 'ପୁଲ୍-ଏ'ରେ ଆସାମକୁ ୩୩-୦ ଏବଂ ଜମ୍ମୁ-କଶ୍ମୀରକୁ ୪୦-୦ରେ ହରାଇଥିବା ବେଳେ ଗତବର୍ଷର ରନର୍ସ-ଅପ୍ ବିହାର 'ପୁଲ୍-ବି'ରେ ଝାଡ଼ଖଣ୍ଡକୁ ୬୭-୦ ଏବଂ ମଣିପୁରକୁ ୬୪-୦ ଭଳି ବୃହତ ବ୍ୟବଧାନରେ ପରାସ୍ତ କରିଛି । ଦିଲ୍ଲୀ 'ପୁଲ୍-ସି'ରେ ଆନ୍ଧ୍ରପ୍ରଦେଶ ଓ ଉତ୍ତରାଖଣ୍ଡକୁ ହରାଇ ଶୀର୍ଷରେ ରହିଥିବା ବେଳେ ପଶ୍ଚିମବଙ୍ଗ ଏବଂ କେରଳ 'ପୁଲ୍-ଇ'ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ଅନ୍ୟପଟେ 'ପୁଲ୍-ଏଫ୍'ରେ ଗୁଜରାଟ ଓ ଚଣ୍ଡିଗଡ଼, 'ପୁଲ୍-ଜି'ରେ ଡି.ଏନ୍.ଏଚ୍.ଡି.ଡି (ଡଘଐଡଡ) ଏବଂ 'ପୁଲ୍-ଏଚ୍'ରେ କର୍ଣ୍ଣାଟକ ଓ ଛତିଶଗଡ଼ ବିଜୟ ହାସଲ କରିଛନ୍ତି । ବାଳକ ଓ ବାଳିକା ଉଭୟ ବିଭାଗରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଦେଶର ୨୪ଟି ରାଜ୍ୟର ୫୫୦ରୁ ଅଧିକ ୧୫ ବର୍ଷରୁ କମ୍ ବୟସର ରଗ୍ବୀ ଖେଳାଳି ଅଂଶଗ୍ରହଣ କରିଛନ୍ତି । 'ବାଳିକା ସବ୍-ଜୁନିୟର ରଗ୍ବୀ ସେଭେନ୍ସ ଚାମ୍ପିୟନସିପ୍' ଆଜି ଆରମ୍ଭ ହୋଇ ଆସନ୍ତାକାଲି ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାବେଳେ 'ବାଳକ ସବ୍-ଜୁନିୟର ରଗ୍ବୀ ସେଭେନ୍ସ ଚାମ୍ପିୟନସିପ୍' ଜାନୁଆରୀ ୨୦ ଓ ୨୧ ତାରିଖରେ ଆୟୋଜନ କରାଯିବ । ଖେଳାଳିମାନଙ୍କ ପାଇଁ ରହିବା ଠାରୁ ଆରମ୍ଭ କରି ଉଚ୍ଚକୋଟୀର ଆତିଥେୟତା ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ବିଜୟ ହଜାରେ ଟ୍ରଫି

# କର୍ଣ୍ଣାଟକକୁ ୬ ୱିକେଟରେ ହରାଇ ଫାଇନାଲରେ ବିଦର୍ଭ



**ନୂଆଦିଲ୍ଲୀ (ଏଜେନ୍ସି) :** ଚଳିତ ବିଜୟ ହଜାରେ ଟ୍ରଫିରେ ପ୍ରଥମ ଦଳ ଭାବେ ବିଦର୍ଭ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି । ଗୁରୁବାର ଅନୁଷ୍ଠିତ ସେମିଫାଇନାଲ୍ ମୁକାବିଲାରେ ଦଳ ୬ ୱିକେଟ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ କର୍ଣ୍ଣାଟକକୁ ପରାସ୍ତ କରିଥିଲା । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ୪୯.୪ ଓଭରରେ ୨୮୦ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା । ଜବାବରେ ବିଦର୍ଭ ୪୬.୨ ଓଭରରେ ୪ ୱିକେଟ୍ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା । ଶତକ ଅର୍ଜନ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅମନ ମୋଖାଡ଼େ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ । ସେ ଚଳିତ ବିଜୟ ହଜାରେ ଟ୍ରଫିରେ ପଞ୍ଚମ ଶତକ ଅର୍ଜନ କରିଥିଲେ ଓ ସର୍ବାଧିକ ରନ୍ ତାଲିକାରେ ଦେବଦତ୍ତ ପାଡ଼ିକଲଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନ ଦଖଲ କରିଥିଲେ । କର୍ଣ୍ଣାଟକ ୨୦ ରନ୍‌ରେ ଉଭୟ ଓପନରଙ୍କୁ ହରାଇଥିଲା । ମୟଙ୍କ ଅଗରୱାଲ ୯ ଓ ପାଡ଼ିକଲ ୪ ରନ କରି ଆଉଟ୍ ହୋଇଥିଲେ । ଏହାପରେ କରୁଣ ନାଏର ଲଢୁଆ ବ୍ୟାଟିଂ କରି ସ୍ଥିତି ସୁଧାରିଥିଲେ । ମଧ୍ୟଭାଗରେ କେ ଶ୍ରୀଜିତ ଉପଯୋଗୀ ଅର୍ଦ୍ଧଶତକ ଅର୍ଜନ କରିବାରୁ ଦଳୀୟ ସ୍କୋର ୨୮୦ରେ ପହଞ୍ଚିଥିଲା । ନାଏର ୭୬ ଓ ଶ୍ରୀଜିତ ୫୬ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରେୟାସ ଗୋପାଳ ୩୬, ଅଭିନବ ମନୋହର ୨୬ ଓ ଧ୍ରୁବ ପରାସର ୨୮ ରନ କରିଥିଲେ । ବିଦର୍ଭ ପକ୍ଷରୁ ଦର୍ଶନ ନାଲକନ୍ଦେ ୫ଟି ୱିକେଟ୍ ନେଇଥିଲେ । ଜବାବରେ ବିଦର୍ଭ ସହଳ ଓପନର ଅର୍ଥବ ତାଇଡ଼େ (୬)ଙ୍କ ୱିକେଟ ହରାଇଥିଲେ ହେଁ ଅନ୍ୟ ଓପନର ମୋଖାଡ଼େ ଶତକ ଅର୍ଜନ କରି ଦଳକୁ ବିଜୟୀ କରାଇଥିଲେ । ସେ ୧୨ଚୌକା ଓ ୨ ଛକା ବଳରେ ୧୨୨ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର. ସମର୍ଥ ଅପରାଜିତ ୭୬ ଓ ଧ୍ରୁବ ସୋରେ ୪୭ ରନ କରିଥିଲେ । କର୍ଣ୍ଣାଟକ ପକ୍ଷରୁ ଅଭିଲାଷ ସେଟ୍ଟୀ ୩ଟି ୱିକେଟ୍ ନେଇଥିଲେ । ମୋଖାଡ଼େ ଚଳିତ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୫ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ବଳରେ ମୋଟ୍ ୭୮୧ ରନ ସଂଗ୍ରହ କରିସାରିଛନ୍ତି । ସେ ବେଙ୍ଗଲ ବିପକ୍ଷରେ ୧୧୦, ଜମ୍ମୁ ଓ କାଶ୍ମୀର ବିପକ୍ଷରେ ୧୩୯, ବରୋଦା ବିପକ୍ଷରେ ଅପରାଜିତ ୧୫୦ ଓ ଉତ୍ତର ପ୍ରଦେଶ ବିପକ୍ଷରେ ୧୪୭ ରନ୍ର ଇନିଂସ ଖେଳିଥିଲେ । ପାଡ଼ିକଲ ୯ଟି ମ୍ୟାଚ୍‌ରୁ ୭୨୫ ରନ ସଂଗ୍ରହ କରିଛନ୍ତି । ସେ ୪ଟି ଶତକ ଓ ୨ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି ।

ଭୁଲ ସ୍ୱୀକାର କଲା ଆଇସିସି

# କ୍ରିକେଟ ଇତିହାସରୁ କୋହଲିଙ୍କ ୭୨୨ ଦିନ ହଟାଇଥିଲା




**ନୂଆଦିଲ୍ଲୀ(ଏଜେନ୍ସି) :** ବିରାଟ କୋହଲି ଦିନିକିଆ ରାଙ୍କିଙ୍ଗ୍ ପୁଣି ଥରେ ନମ୍ବର ୱାନ୍ ହୋଇଛନ୍ତି । ଆଇସିସି ତାଲିକା ପ୍ରକାଶ କରି କିଛି ଅଙ୍କ ସେୟାର କରିଥିଲା । ଯାହା ପ୍ରଶଂସକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା । ଆଇସିସି ତାର ତ୍ରୁଟି ସୁଧାରିଛି । ଆଇସିସି ତାର ପ୍ରଥମ ତାଲିକା ସେୟାର କରି ବିରାଟ କୋହଲି ତାଙ୍କ କ୍ୟାରିୟରରେ ୮୨୫ ଦିନ ପାଇଁ ନମ୍ବର ୱାନ୍ ସ୍ଥାନରେ ଥିବା ଦର୍ଶାଇଥିଲା । କିନ୍ତୁ ପ୍ରକୃତରେ ବିରାଟ କୋହଲି ୧୫୪୭ ଦିନ ପାଇଁ ନମ୍ବର ୧ ଦିନିକିଆ ବ୍ୟାଟର ଅଛନ୍ତି । ଅର୍ଥାତ ୭୨୨ ଦିନ କାଟି ଥିଲା ଆଇସିସି । କିନ୍ତୁ ପରବର୍ତ୍ତୀ ସମୟରେ ଏହି ତ୍ରୁଟିକୁ ସୁଧାରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ । ଦିନିକିଆରେ ବିରାଟଙ୍କ ପ୍ରାଧାନ୍ୟ- ବିରାଟ କୋହଲି ତାଙ୍କ ଦିନିକିଆ କ୍ୟାରିୟରରେ ମୋଟ ୧୫୪୭ ଦିନ ପାଇଁ ନମ୍ବର-ୱାନ ରାଙ୍କିଙ୍ଗ୍ ? ବଜାୟ ରଖିଛନ୍ତି । ସେ ୨୦୧୭ ରୁ ୨୦୨୧ ମଧ୍ୟରେ ଲଗାତାର ୧୨୫୭ ଦିନ ପାଇଁ ନମ୍ବର-ୱାନ ରାଙ୍କିଙ୍ଗ୍ ବଜାୟ ରଖିଛନ୍ତି । ଭାରତୀୟ ବ୍ୟାଟର ମଧ୍ୟରେ ସବୁଠାରୁ ଅଧିକ ସମୟ ପାଇଁ ତାଙ୍କର ରେକର୍ଡ ମଧ୍ୟ ରହିଛି, ଯାହା ତାଙ୍କୁ ବିଶ୍ୱ ରାଙ୍କିଙ୍ଗରେ ତୃତୀୟ ସ୍ଥାନ ଦେଇଛି । ଏହି ତାଲିକାରେ ୱେଷ୍ଟଇଣ୍ଡିଜର ମହାନ ଖେଳାଳି ଭିଭିଆନ ରିଚାର୍ଡସ ଶୀର୍ଷରେ ଅଛନ୍ତି, ଯିଏ ତାଙ୍କ କ୍ୟାରିୟରରେ ମୋଟ ୨୩୦୬ ଦିନ ଶୀର୍ଷରେ ରହିଛନ୍ତି । ଆଇସିସି ଭୁଲ ସଂଶୋଧନ- ଓଡଡ ରାଙ୍କିଙ୍ଗ୍ ଘୋଷଣା କରିବା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୁଲ କରିଥିଲା । ସରକାରୀ ପୋଷ୍ଟରେ, ସେମାନେ ବିରାଟଙ୍କ ମୋଟ ନମ୍ବର ୱାନ୍ ଦିନକୁ ୮୨୫ ଭାବରେ ତାଲିକାଭୁକ୍ତ କରିଥିଲେ । ପ୍ରକୃତ ସଂଖ୍ୟା ୧୫୪୭ ଦିନ । ତାଲିକାରେ ବିରାଟଙ୍କ ମୋଟ ଦିନ ସଂଖ୍ୟା ୭୨୨ ଦିନ ହ୍ରାସ କରିଥିଲେ । ଏହି ତ୍ରୁଟି ସୋସିଆଲ ମିଡିଆରେ ପ୍ରଶଂସକ ଏବଂ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିଥିଲା । ଅନେକ ୟୁଜର୍ସ ଆଇସିସିକୁ ଟ୍ୟାଗ୍ କରି ପ୍ରଶ୍ନ କରିଥିଲେ ଯେ, ଏତେ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ସହିତ ଏପରି ତ୍ରୁଟି କିପରି ହୋଇପାରେ । ପରେ ଆଇସିସି ଭୁଲ ସ୍ୱୀକାର କରି ପୋଷ୍ଟକୁ ହଟାଇ ଦେଇଥିଲା । ଭାରତୀୟ ବ୍ୟାଟର ବିରାଟ କୋହଲି ଦୀର୍ଘ ୪ ବର୍ଷ ପରେ ଆଇସିସି ଦିନିକିଆ ବ୍ୟାଟର ତାଲିକାରେ ପ୍ରଥମ ସ୍ଥାନକୁ ଫେରିଥିଲେ । ସଦ୍ୟତମ ମାନ୍ୟତାରେ ବିରାଟ ୭୮୫ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ଅଛନ୍ତି । ଏହାକୁ ନେଇ ଭାରତୀୟ କ୍ରିକେଟ ପ୍ରେମୀ ବିଶେଷ କରି ବିରାଟଙ୍କ ଫ୍ୟାନ୍ସ ବହୁତ ଖୁସି ହୋଇଥିଲେ । କିନ୍ତୁ ଖୁସି ଅଧିକ ଦିନ ନ ରହିବା ପରି ଅନୁଭବ ହେଉଛି । ଏହି ବିପଦର କାରଣ ହେଉଛନ୍ତି ନ୍ୟୁଜିଲାଣ୍ଡର ତାରକା ବ୍ୟାଟର ଡାଲିଲ୍ ମିଚେଲ । ସେ ଯେଉଁ ଫର୍ମରେ ଅଛନ୍ତି ଲାଗୁଛି ବିରାଟଙ୍କୁ ଟପିଯିବେ । ମିଚେଲ ୭୮୪ ପଏଣ୍ଟରେ ଅଛନ୍ତି । ବିରାଟଙ୍କଠୁ ମିଚେଲ ମାତ୍ର ଗୋଟିଏ ପଏଣ୍ଟ ପଛରେ ଅଛନ୍ତି । ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନିକିଆରେ ବିରାଟ ୨୩ ରନ୍ କରିଥିଲେ । ଡାରିଲ ମିଚେଲ ୧୩୧ ରନର ମ୍ୟାଚ ବିଜୟୀ ପାଳି ଖେଳିଥିଲେ । ତାଙ୍କର ଅଙ୍କ ଆହୁରି ବଢିପାରେ । ଯଦି ତୃତୀୟ ଦିନିକିଆରେ ବିରାଟ ଏକ ବଡ଼ ସ୍କୋର ନକରନ୍ତି ହୁଏତ ତାଙ୍କ ନମ୍ବର ୱାନ୍ ଆସନ ଖସିଯାଇପାରେ ।

# ଅଗରକରଙ୍କୁ ହାତ କରି ରୋହିତଙ୍କୁ ଅଧିନାୟକରୁ ହଟାଇଥିଲେ ଗମ୍ଭୀର !




**ମୁମ୍ବାଇ (ଏଜେନ୍ସି) :** ରୋହିତ ଶର୍ମାଙ୍କୁ ଦିନିକିଆ ଦଳର ଅଧିନାୟକ ପଦରୁ ହଟାଯିବା ପରେ ଏବେ ବିବାଦ ତେଜିବାରେ ଲାଗିଛି । ବିସିସିଆଇ'ର ଏହି ନିଷ୍ପତ୍ତିକୁ ନେଇ ପୂର୍ବତନ କ୍ରିକେଟର ମନୋଜ ତିୱାରୀ ଏକ ଚାଞ୍ଚଲ୍ୟକର ଦାବି କରିଛନ୍ତି । ଚୟନ କମିଟି ମୁଖ୍ୟ ଅଜିତ ଅଗରକର ଏହି ନିଷ୍ପତ୍ତି ଶୁଣାଇଥିଲେ ମଧ୍ୟ ଏହା ପଛରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ପ୍ରଭାବ ଥାଇପାରେ ବୋଲି ସେ କହିଛନ୍ତି । ମନୋଜ ତିୱାରୀ ଏକ ସାକ୍ଷାତକାରରେ କହିଛନ୍ତି ଯେ, "ଅଜିତ ଅଗରକର ଜଣେ ଦୃଢ଼ ବ୍ୟକ୍ତିତ୍ୱର ଅଧିକାରୀ । କିନ୍ତୁ କେହି ଜଣେ ତାଙ୍କ କାନ୍ଧରେ ବନ୍ଧୁକ ରଖି ଗୁଳି ଚଳାଇଥାଇ ପାରନ୍ତି । ଏତେ ବଡ଼ ନିଷ୍ପତ୍ତି କେବଳ ଚୟନକର୍ତ୍ତା ଏକାକୀ ନେଇପାରିବେ ନାହିଁ । ଏଥିରେ କୋଚ୍‌ଙ୍କ ମତାମତ ନିଶ୍ଚିତ ଭାବେ ରହିଥିବ । ଉଭୟ ଏଥିପାଇଁ ସମାନ ଭାବେ ଦାୟୀ ।" ଚୟନ କମିଟି ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ଶୁଭମନ ଗିଲ୍‌ଙ୍କୁ ନୂତନ ଅଧିନାୟକ ଭାବେ ନିଯୁକ୍ତ କରି ଏକ ନୂତନ ଆରମ୍ଭ କରିବାକୁ ଚାହୁଁଛି । ରୋହିତଙ୍କୁ ଏବେ ୩୮ ବର୍ଷ ହୋଇଥିବାରୁ ସେ ଆଗାମୀ ବିଶ୍ୱକପ୍ ଖେଳିବେ କି ନାହିଁ, ସେ ନେଇ ଆଶଙ୍କା ପ୍ରକାଶ କରିଥିଲା ବିସିସିଆଇ । ମନୋଜ ତିୱାରୀ ଏହି ନିଷ୍ପତ୍ତିକୁ ଅପମାନଜନକ ଏବଂ କ୍ରିକେଟ୍ ଯୁକ୍ତିର ବାହାରେ ବୋଲି ଦର୍ଶାଇଛନ୍ତି । ସେ କହିଛନ୍ତି, "ଯିଏ ଟି-୨୦ ବିଶ୍ୱକପ୍ ଏବଂ ଚାମ୍ପିଅନ୍ସ ଟ୍ରଫି ଜିତାଇଛନ୍ତି, ତାଙ୍କୁ ଏପରି ଭାବେ ହଟାଇବା ଅନାବଶ୍ୟକ ଥିଲା । ରୋହିତ ନିଜର ଫିଟନେସ୍ ଏବଂ ପ୍ରଦର୍ଶନ ଜରିଆରେ ପ୍ରମାଣ କରିଛନ୍ତି ଯେ ସେ ଆହୁରି ଖେଳିବାକୁ ସକ୍ଷମ । ତିନୋଟି ଦ୍ୱିଶତକ ହାସଲ କରିଥିବା ଜଣେ ନିସ୍ୱାର୍ଥପର ଖେଳାଳିଙ୍କ ଦକ୍ଷତା ଉପରେ ସନ୍ଦେହ କରିବା ଏକ ବଡ଼ ଭୁଲ ।"





NTV NISHKARSHA

ନିଷ୍କର୍ଷ NISHKARSHA

ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗିକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ,
ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ
ସର୍ଚ୍ଚ କରନ୍ତୁ
nishkarsha.com


ବାଂଲାଦେଶ କ୍ରିକେଟରେ ସଙ୍କଟ

# ନିର୍ଦ୍ଦେଶକ ଏମ ନଜମୁଲଙ୍କୁ ବହିଷ୍କାର କଲା ବିସିବି




**ନୂଆଦିଲ୍ଲୀ (ଏଜେନ୍ସି) :** ବାଂଲାଦେଶରେ ଖେଳାଳୀମାନଙ୍କ ପାଇଁ ସଙ୍କଟ ସୃଷ୍ଟି ହୋଇଛି । ନିଜ ଦେଶର ଖେଳାଳୀମାନଙ୍କୁ ନିଚା ଦେଖାଇବା ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ଼ ଯେଉଁ ଉଦ୍ୟମ ଚଳାଇଥିଲା ତାହାକୁ ନେଇ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ବିଶେଷ କରି ଭାରତକୁ ଖେଳିବାକୁ ବାଂଲାଦେଶ ଖେଳାଳୀ ନଆସିବା ପାଇଁ ଘୋଷଣା କରିବା, ଖେଳାଳୀମାନଙ୍କ ପ୍ରତି ଅପ୍ରିତିକର ମନ୍ତବ୍ୟ ମଧ୍ୟ ଦିଆଯିବା ଘଟଣା ଏବେ ବୁମେରାଂ ହୋଇଛି । ଏପରିକି ଖେଳାଳିଙ୍କ ଜିଦ ଆଗରେ ମୁଣ୍ଡ ନୁଆଁଛି ବାଂଲାଦେଶ କ୍ରିକେଟ ବୋର୍ଡ ବା ବିସିବି । ନିଜ ଦେଶର ଖେଳାଳିଙ୍କ ପ୍ରତି ଆପତ୍ତିଜନକ ବୟାନ ଦେବା ବିସିବି ନିର୍ଦ୍ଦେଶକ ଏମ ନଜମୁଲ ଇସଲାମଙ୍କୁ ମହଙ୍ଗା ପଡ଼ିଛି । ଏଥିପାଇଁ ତାଙ୍କୁ ଆଜି ବିସିବି ନିର୍ଦ୍ଦେଶ ପଦରୁ ବହିଷ୍କାର କରିଛି । ଏଥିସହ ଅର୍ଥ କମିଟି ଅଧକ୍ଷ ସମେତ ସମସ୍ତ ପଦରୁ ମୁକ୍ତ କରିଛି । ବାଂଲାଦେଶ କ୍ରିକେଟରଙ୍କ ଦାବି ପରେ ବିସିବି ଏପରି ପଦକ୍ଷେପ ନେଇଥିବା ଜଣାପଡ଼ିଛି । ନଜମୁଲଙ୍କ ବୟାନ ଯୋଗୁ ବାଂଲାଦେଶ କ୍ରିକେଟର ଅଚଳାବସ୍ଥା ଦେଖାଯାଇଥିଲା । ଏଥିପାଇଁ ଗତ ଗୁରୁବାର ବିସିବି ଜରୁରୀ ବୈଠକ ଡାକିଥିଲା । ଅନଲାଇନରେ ଭିଡିଓ କନଫରେନ୍ସିରେ ଅନୁଷ୍ଠିତ ଜରୁରୀ ବୈଠକ ପରେ ନଜମୁଲଙ୍କୁ ନିର୍ଦ୍ଦେଶକ ପଦରୁ ବହିଷ୍କାର କରିଛି ବିସିବି । ନଜମୁଲଙ୍କ ବିବାଦ ବୟାନ ପରେ କ୍ରିକେଟରମାନେ ବୟକଟର ଆହ୍ୱାନ ଦେଇଥିଲେ । ଏଥିଯୋଗୁ ବାଂଲାଦେଶରେ ଆଇପିଏଲ ଢାଞ୍ଚାରେ ଚାଲିଥିବା ବିପିଏଲ ପ୍ରଭାବିତ ହୋଇଥିଲା । ଆଜି ବିପିଏଲରେ ଖେଳା ଯିବାକୁ ଥିବା ପ୍ରଥମ ମ୍ୟାଚକୁ ଖେଳାଳିଙ୍କ ଅସହଯୋଗୁ ବାତିଲ କରାଯାଇଥିଲା । ସ୍ଥାନୀୟ ସମୟ ଦିନ ୧ଟାରେ ମ୍ୟାଚ୍ ଖେଳା ଯିବାକୁ ଥିବା ବେଳେ ଦୁଇ ଦଳ ଖେଳାଳି ଶେର-ଇ-ବାଂଲା ନ୍ୟାଶନାଲ କ୍ରିକେଟ ଷ୍ଟାଡିୟମକୁ ଆସି ନଥିଲେ । ଏଥିଯୋଗୁ ମ୍ୟାଚ ବାତିଲ ହୋଇଥିଲା । ଖେଳାଳିମାନେ ନଜମୁଲଙ୍କ ଇସ୍ତଫା ଜିଦରେ ଅଟଳ ରହିଥିଲେ । ଖେଳାଳିଙ୍କ ଜିଦ ଯୋଗୁ ବିସିବି ନଜମୁଲଙ୍କୁ ବହିଷ୍କାର କରିଛି । ନିକଟରେ ଦେଶର କ୍ରିକେଟରଙ୍କ ବିରୋଧରେ ଆପତ୍ତିଜନକ ବୟାନ ଦେଇଥିଲେ ନଜମୁଲ । ବିଶ୍ୱକପ ଖେଳିବା ପାଇଁ ବାଂଲାଦେଶ କ୍ରିକେଟ ଟିମ ଭାରତ ଗସ୍ତ କରିବ ନାହିଁ ଓ ଏହା ଦ୍ୱାରା ଖେଳାଳିଙ୍କୁ ମିଳୁବାକୁ ଥିବା ପ୍ରାପ୍ୟ ବାଂଲାଦେଶ ଦେବ ନାହିଁ ବୋଲି ଅତ୍ୟନ୍ତ ବିବାଦୀୟ ଢଙ୍ଗରେ କହିଥିଲେ । ସେ କହିଥିଲେ ଯେ "ଖେଳାଳିମାନଙ୍କୁ କୌଣସି ପ୍ରକାରର ବିଶ୍ୱକପ ପାଇଁ କ୍ଷତିପୂରଣ ମିଳିବ ନାହିଁ । କାରଣ ସେମାନେ ବିସିବିର ବିଶ୍ୱକପ ବୟକଟ ନିଷ୍ପତ୍ତିକୁ ସଂପୂର୍ଣ୍ଣ ଭାବେ ଠିକ ବୋଲି କହିନାହାନ୍ତି । ଆମେ ବିଶ୍ୱକପରେ ଭାଗ ନ ନେଲେ ବାଂଲାଦେଶ କ୍ରିକେଟ ବୋର୍ଡକୁ କୌଣସି କ୍ଷତି ସହିବାକୁ ପଡ଼ିବ ନାହିଁ । କ୍ଷତି ଖେଳାଳିଙ୍କୁ ହେବ । ୨୦୨୭ ଯାଏ ଆମ ଆୟ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ । ୨୦୨୨ ମସିହା ଆଇସିସିର ଅର୍ଥନୀତିକ ବୈଠକରେ ବାଂଲାଦେଶ କ୍ରିକେଟ ବୋର୍ଡକୁ ମିଳିଥିବାକୁ ଥିବା ଆର୍ଥିକ ସହାୟତା ଧାର୍ଯ୍ୟ ହୋଇ ସାରିଛି । ଭବିଷ୍ୟତରେ ହେବାକୁ ଥିବା ବିଶ୍ୱକପ, ଦ୍ୱିପାକ୍ଷିକ ସିରିଜି କିମ୍ବା ଅନ୍ତର୍ଜାତୀୟ ସିରିଜ ପ୍ରାସଙ୍ଗିକ ହୋଇପାରେ । ହେଲେ ଏହି ବିଶ୍ୱକପ ଆମ ପାଇଁ ମୂଲ୍ୟ ବହନ କରେ ନାହିଁ ।" ବୋଲି କହିବା ସହ ନଜମୁଲ ବାଂଲାଦେଶ କ୍ରିକେଟ ବୋର୍ଡ ଖେଳାଳିଙ୍କୁ କ୍ଷତିପୂରଣ ଦାବି ବିଚାର ପ୍ରଶ୍ନକୁ ମଧ୍ୟ ଖାରଜ କରିଥିଲେ । ସେ କହିଥିଲେ, "ଆମେ କ୍ଷତିପୂରଣ କାହିଁକି ଦେବୁ ? ଯଦି ସେମାନେ କେଉଁଠି କି ଯିବା ପରେ ସେଠାରେ କିଛି ନ କରିପାରିଲେ ଆମେ କ'ଣ ସେମାନଙ୍କ ପଛରେ ଖର୍ଚ୍ଚ କରିଥିବା କୋଟି କୋଟି ଟଙ୍କା ଫେରାଇବାକୁ କହୁଛୁ ? କ'ଣ ଆମକୁ ମାଗିବା ଦରକାର ? ବୋର୍ଡ ବିନା ଖେଳାଳି ନିଜର ପରିବାର ଚଳାଇ ପାରିବେ ନାହିଁ ।" ବାଂଲାଦେଶ କ୍ରିକେଟ ବୋର୍ଡ ବିଶ୍ୱକପ ଖେଳିବା ପାଇଁ ଭାରତ ଆସିବାକୁ ମନା କରିଥିଲେ ହେଁ ଏହା ଉପରେ ବିଚାର କରିବାକୁ ପୂର୍ବତନ ଅଧିନାୟକ ତାମିମ ଇକବାଲ ପ୍ରସ୍ତାବ ଦେଇଥିଲେ । କିନ୍ତୁ ତାଙ୍କୁ ମଧ୍ୟ ନଜମୁଲ ଭାରତୀୟ ଏଜେଣ୍ଟ କହି ସମାଲୋଚନା କରିଥିଲେ । ଯାହା ଖେଳାଳୀମାନଙ୍କୁ ଅଧିକ ଅସନ୍ତୋଷ କରାଇଥିଲା । ଏଥିପାଇଁ ଖେଳାଳିଙ୍କ କଲ୍ୟାଣ ପାଇଁ ଗଠନ ଆସୋସିଏସନ ପକ୍ଷରୁ ନଜମୁଲଙ୍କ ଇସ୍ତଫା ଦାବି କରିଥିଲା ।


Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ